

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୪ ମଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 14 MAY 2021
Vol.No. 32 ■ No. 122 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ଅପେକ୍ଷାରେ
ରଥ ସଂଖ୍ୟା .....
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆସନ୍ତା ସପ୍ତାହରେ ଭାରତରେ ମିଳିବ ସ୍ପୁଟନିକ-ଭି ଭ୍ୟାକ୍ସିନ




ନୂଆଦିଲ୍ଲୀ,୧୩/୦୫(ନି.ପ୍ର): କରୋନା ସଙ୍କଟ ବେଳେ ଆଉ ଏକ ଆଶ୍ୱସ୍ତିକର ଖବର । ଆସନ୍ତା ସପ୍ତାହରେ ଦେଶରେ ମିଳିବ ସ୍ପୁଟନିକ-ଭି ଭ୍ୟାକ୍ସିନ । ଏହାସହ ଋଷର କମ୍ପାନୀ ଭାରତ କମ୍ପାନୀ ମାନଙ୍କ ସହ ମିଶି ଜୁଲାଇ ମାସରୁ ଦେଶରେ ସ୍ପୁଟନିକ-ଭି ଭ୍ୟାକ୍ସିନ ଉତ୍ପାଦନ ଆରମ୍ଭ କରିବେ । ତେବେ ଏନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପ୍ରେସ କନଫରେନ୍ସ କରି ସୂଚନା ଦେଇଛି । ନୀତି ଆୟୋଗର ସଦସ୍ୟ ଭିକି ପଲ କହିଛନ୍ତି, ଋଷରୁ ଆସିଥିବା ସ୍ପୁଟନିକ-ଭି ଭ୍ୟାକ୍ସିନ ଆସନ୍ତା ସପ୍ତାହରେ ଋଷରେ ଉପଲବ୍ଧ ହେବ । ହେଲେ ଆଗକୁ କିପରି ଦେଶରେ ଏହାର ଉତ୍ପାଦନ ହେବ ତାର ପ୍ରୟାସ ମଧ୍ୟ ଜାରି ରହିଛି । ଭ୍ୟାକ୍ସିନର ଉତ୍ପାଦନ ଦେଶରେ ଜୁଲାଇ ମାସରୁ ଆରମ୍ଭ ହେବ ବୋଲି ଭିକି ପଲ କହିଛନ୍ତି । କରୋନା ସଙ୍କଟ ବେଳେ ଦେଶରେ ଭ୍ୟାକ୍ସିନେସନକୁ ଜୋରଦାର କରିଛନ୍ତି ସରକାର । ଟିକାକରଣ ଚାଲିଥିବା ବେଳେ ଋଷ ଟିକା ସ୍ପୁଟନିକ ଭି ମଧ୍ୟ ଦେଶରେ ଉପଲବ୍ଧ ହେବ ବୋଲି ସରକାର ସୂଚନା ଦେଇଛନ୍ତି । ତେବେ ଏହି ଟିକା ଅଧିକ ଫଳପ୍ରଦ ବୋଲି ଦାବି କରାଯାଉଛି ।

## ୨ରୁ ୧୮ ବର୍ଷର ପିଲାଙ୍କୁ କୋଭାକ୍ସିନ ଟ୍ରାଏଲ ପାଇଁ ଡିଜିସିଆଇର ଅନୁମତି



ଭୁବନେଶ୍ୱର,୧୩/୦୫(ନି.ପ୍ର): ପିଲାଙ୍କ ଉପରେ ହେବ କରୋନା ଟିକା ପରୀକ୍ଷା । ୨ରୁ ୧୮ ବର୍ଷ ପିଲାଙ୍କୁ କୋଭାକ୍ସିନର ଟ୍ରାଏଲ ପାଇଁ ଅନୁମତି ଦେଇଛି ଡିସିଜିଆଇ । ପ୍ରଥମେ ୫୨୫ ଭଲ୍ୟୁଂଟରଙ୍କ ଶରୀରରେ ଭାରତ ବାୟୋଟେକ ଏହି ପରୀକ୍ଷା କରିବ ।କାନାଡାରେ ୧୨ରୁ ୧୮ ବର୍ଷ ବୟସ୍କ ଏବଂ ଆମେରିକାରେ ୧୨ରୁ ୧୫ ବର୍ଷ ବୟସ୍କଙ୍କ ପାଇଁ କରୋନା ଟିକାକରଣକୁ ଅନୁମତି ପ୍ରଦାନ କରାଯାଇଛି । ଏପଟେ କରୋନା ଦ୍ୱିତୀୟ ଲହରର ଦ୍ରୁତ ସଂକ୍ରମଣ ପିଲାଙ୍କୁ ସଂକ୍ରମିତ କରୁଥିବା ଖବର ଆସୁଛି । ପୁଣି ତୃତୀୟ ଲହର ବେଳକୁ ଏହା ୧୮ ବର୍ଷରୁ କମ୍ ବୟସ୍କଙ୍କୁ ଅଧିକ ପ୍ରଭାବିତ କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି ।ତେଣୁ ଦେଶରେ ୧୮ ବର୍ଷରୁ କମ ବୟସ୍କଙ୍କ ଟିକାକରଣ ଜରୁରୀ ହୋଇପଡିଛି ।

## ଦାୟିତ୍ୱ ଗ୍ରହଣ କଲେ ବିଷ୍ଣୁପଦ ସେଠୀ

ଭୁବନେଶ୍ୱର,୧୩/୦୫ (ନି.ପ୍ର): ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ବିଷ୍ଣୁପଦ ସେଠୀ ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ପ୍ରମୁଖ ଶାସନ ସଚିବଙ୍କ ଦାୟିତ୍ୱ ଗ୍ରହଣ ଅବସରରେ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ▶▶ପୃଷ୍ଠା ୭

## କୋଭିସିଲ୍ଡର ପ୍ରଥମ- ଦ୍ୱିତୀୟ ଡୋ଼ଜର ବ୍ୟବଧାନ ବଢିପାରେ ୧୨ରୁ ୧୬ ସପ୍ତାହ

ଭୁବନେଶ୍ୱର,୧୩/୦୫(ନି.ପ୍ର): କୋଭିସିଲ୍ଡ ଟିକାର ପ୍ରଥମ ଡୋ଼ଜ ନେବା ପରେ ବଢିପାରେ ଦ୍ୱିତୀୟ ଡୋ଼ଜର ବ୍ୟବଧାନ । ୧୨ରୁ ୧୬ ସପ୍ତାହ ବଢିପାରେ ଦ୍ୱିତୀୟ ଡୋ଼ଜର ବ୍ୟବଧାନ । ଟିକାକରଣ ପାଇଁ ଗଠନ ହୋଇଥିବା ଜାତୀୟ ବୈଷୟିକ ପରାମର୍ଶଦାତା କମିଟି, ଏନଟିଏଜିଆଇ ଏହି ପ୍ରସ୍ତାବ ଦେଇଛନ୍ତି । ବର୍ତ୍ତମାନ ଏହି ବ୍ୟବଧାନ ୪ରୁ ଆଠ ସପ୍ତାହ ଭିତରେ ରହିଛି । ▶▶ପୃଷ୍ଠା ୭

### ୪ ଜିଲ୍ଲାରେ କୋଭିଡ ବେଡ ବୃଦ୍ଧି ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ଅନୁରୋଧ ରଖିଲେ କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ

## ୫୫୦ ବେଡ୍ ସହ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ଏମସିଏଲକୁ ନିର୍ଦ୍ଦେଶ



ଭୁବନେଶ୍ୱର,୧୩/୦୫(ନି.ପ୍ର): ସମ୍ବଲପୁର, ସୁନ୍ଦରଗଡ, ଝାରସୁଗୁଡା ଓ ଅନୁଗୁଳ ଜିଲ୍ଲାରେ ୫୫୦ ବେଡ୍ ସହ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଏମସିଏଲକୁ ନିର୍ଦ୍ଦେଶ ଦେଇଛନ୍ତି କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ପ୍ରହ୍ଲାଦ ଯୋଶୀ । ଏ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁରୋଧକୁ ଗ୍ରହଣ କରିଛନ୍ତି କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ୭ ତାରିଖରେ କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ଅନୁଗୁଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ୫୫୦ଟି ବେଡ୍ ସହ ଅକ୍ସିଜେନ୍ ସଂଯୁକ୍ତ ବେଡ୍, ଆଇସିୟୁ, ଭେଂଟିଲେଟର ତଥା ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିବା ବେଳେ ଯୋଶୀ ଏହି ପତ୍ରର ପ୍ରତ୍ୟୁତରରେ କେନ୍ଦ୍ରମନ୍ତ୍ରୀଙ୍କ ଅନୁରୋଧକୁ ପ୍ରାଥମିକତା ଦେଇ ପଦକ୍ଷେପ ନେବାକୁ ଏମଏସିଏଲକୁ ନିର୍ଦ୍ଦେଶ ଦେଇଥିବା ଉଲ୍ଲେଖ କରିଛନ୍ତି । ଏହି ସଂକଟ ସମୟରେ ଓଡିଶାରେ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଉଥିବାରୁ ପଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । ସୂଚନାଯୋଗ୍ୟ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କେନ୍ଦ୍ର ଖଣି ମନ୍ତ୍ରୀଙ୍କୁ ପତ୍ର ଲେଖି ସମ୍ବଲପୁର ଠାରେ ୧୫୦ଟି ଅକ୍ସିଜେନ୍ ସଂଯୁକ୍ତ ବେଡ୍, ଆଇସିୟୁ ଏବଂ ଭେଂଟିଲେଟର ସୁବିଧା ସହ ଅସ୍ଥାୟୀ ଭାବେ ସୁପର ସ୍ପେଶାଲିଟି ହସ୍ପିଟାଲ ପ୍ରତିଷ୍ଠା, ସୁନ୍ଦରଗଡ଼ ଜିଲ୍ଲାର ▶▶ପୃଷ୍ଠା ୭

## ସହର ପରେ ଗାଁ ମୁହାଁ ହେଉଛି ଦ୍ୱିତୀୟ ଲହର



ଭୁବନେଶ୍ୱର,୧୩/୦୫(ନି.ପ୍ର): ଏକ ମାସରୁ ଅଧିକ ଦିନ ଧରି କରୋନାର ଦ୍ୱିତୀୟ ଲହର ତାଣ୍ଡବ ରଚୁଥିବା ବେଳେ ସାମନାକୁ ଆସିଛି ଆଉ ଏକ ସାଂଘାତିକ ତଥ୍ୟ । ଦେଶର ବିଭିନ୍ନ ସହରାଂଚଳରେ ସଂକ୍ରମଣ ଧୀରେ ଧୀରେ ତଳମୁହାଁ ହେଉଥିବା ବେଳେ ଗ୍ରାମାଂଚଳରେ ହୁ ହୁ ହୋଇ ବଢ଼ିଚାଲିଛି ସଂକ୍ରମଣ । ବଡ଼ ବଡ଼ ସହରରେ ଲକଡାଉନ୍ ସଟଡାଉନ, କର୍ଫ୍ୟୁ ଭଳି ଶକ୍ତ କଟକଣା ଲଗାଇବା ପରେ ପରିସ୍ଥିତି ଧୀରେ ଧୀରେ ସୁଧୁରୁଛି । ହେଲେ ଛୋଟ ଛୋଟ ସହର ଓ ଗାଁଗୁଡିକରେ ଏବେ ବ୍ୟାପିବାରେ ଲାଗିଛି କରୋନା ଭୂତାଣୁ । ଦେଶର ପ୍ରାୟ ସବୁ ରାଜ୍ୟର ଗ୍ରାମାଂଚଳରେ କରୋନା ଦ୍ୱିତୀୟ ଲହରର ବଡ଼ ପ୍ରଭାବ ଦେଖିବାକୁ ମିଳୁଛି । ପ୍ରଥମ ଲହରରେ ଗାଁଗୁଡିକ ଅପେକ୍ଷାକୃତ ସୁରକ୍ଷିତ ଥିବା ବେଳେ ଏବେ ସ୍ଥିତି ସଂଗୀନ ହେବାରେ ଲାଗିଛି । ଓଡ଼ିଶା ସମେତ ୧୩ଟି ରାଜ୍ୟର ଗ୍ରାମାଂଚଳରେ ସଂକ୍ରମଣ ସହର ଅପେକ୍ଷା ଅଧିକ ହେଉଥିବା ଜଣାପଡିଛି । ଏପ୍ରିଲ ୯ରୁ ମେ’ ୯ ଅର୍ଥାତ୍ ଗତ ଏକ ମାସ ମଧ୍ୟରେ ଗାଁଗୁଡିକର ସ୍ଥିତି ବିଶେଷ ଭାବେ ବିଗିଡ଼ି ଯାଇଛି । ମିଳିଥିବା ତଥ୍ୟ ଅନୁଯାୟୀ – ଓଡ଼ିଶାରେ ହାରାହାରି ଦୈନିକ ସଂକ୍ରମଣ ୧୦ ହଜାର ଟପିଥିବା ବେଳେ ଏହାର ୭୬ ପ୍ରତିଶତ ସଂକ୍ରମିତ ଚିହ୍ନଟ ହେଉଛନ୍ତି ଛୋଟ ସହର ଓ ଗ୍ରାମାଂଚଳରୁ । ସହରାଂଚଳରୁ ୨୪ ପ୍ରତିଶତ ପଜିଟିଭ୍ ମାମଲା ଆସୁଛି ।

## ୨୪ ଘଂଟାରେ ସାରା ରାଜ୍ୟରେ ବର୍ଷା ସମ୍ଭାବନା, ୧୭ ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ

ଭୁବନେଶ୍ୱର,୧୩/୦୫ (ନି.ପ୍ର): ଟ୍ୱିନ ସିଟି ଭୁବନେଶ୍ୱର ଓ କଟକ ସମେତ ରାଜ୍ୟରଅଧିକାଂଶ ଜିଲ୍ଲାରେ କାଳବୈଶାଖୀ ବର୍ଷା ସହ ପବନ ଏବଂ ବିଜୁଳି ଘଡଘଡି ଲାଗିରହିଛି । ଉତର ଓ ଉପକୂଳର ସମସ୍ତ ଜିଲ୍ଲାରେ ମଧ କାଳବୈଶାଖୀ ସକ୍ରିୟ ରହିଛି । ଏହି ସମୟରେ ପାଣିପାଗ ସହିତ ଅବଗତ ରହିବା ସହ ବିଜୁଳିଘଡଘଡି ସମୟରେ ନିରାପଦ ସ୍ଥାନରେ ନିଜକୁ ସୁରକ୍ଷିତ ରଖିବାକୁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି । ଅପରପକ୍ଷରେ ସବୁ ଜିଲ୍ଲାର ଜିଲ୍ଲାପାଳମାନେ ▶▶ପୃଷ୍ଠା ୭

## ଲକଡାଉନରେ ମର୍ଣ୍ଣିଂ ୱାକ୍ ଓ ସାଇକେଲିଂ ମନା



ଭୁବନେଶ୍ୱର,୧୩/୦୫(ନି.ପ୍ର): ଏଣିକି ଆଉ ଆପଣ ସକାଳୁ ମର୍ଣ୍ଣିଂ ୱାକ୍ କିମ୍ବା ସାଇକେଲିଂ କରିପାରିବେ ନାହିଁ । ରାସ୍ତାରେ ଲୋକ ଗହଳି କରୁଥିବା କାରଣ ଦର୍ଶାଇ କମିଶନରେଟ୍ ପୁଲିସ୍, ଲକ୍ଡାଉନ୍ କିମ୍ବା ସଟ୍ଡାଉନ୍ ସମୟରେ ମର୍ଣ୍ଣିଂ ୱାକ୍କୁ ବାରଣ କରିଛି । ମହାମାରୀ ଯୋଗୁଁ ଘରେ ରହିବାକୁ କଟକ-ଭୁବନେଶ୍ୱର ବାସିନ୍ଦାଙ୍କୁ ପରାମର୍ଶ ଦେଇଛନ୍ତି ପୁଲିସ୍ କମିଶନର । ଅର୍ଥାତ୍ ପ୍ରତିଦିନ ସକାଳୁ ୬ରୁ ୭ ଯେଉଁ ଘଂଟାଏ ସମୟ ମିଳୁଥିଲା ମର୍ଣ୍ଣିଂ ୱାକ୍ କିମ୍ବା ସାଇକେଲିଂ କରିବା ପାଇଁ, ସେହି ସୁବିଧା ଆଉ କଟକ-ଭୁବନେଶ୍ୱର ବାସିନ୍ଦାଙ୍କୁ ମିଳିବ ନାହିଁ । କାରଣ ଏହା ଉପରେ କଟକଣା ଲଗାଯାଇଛି । କିନ୍ତୁ ପ୍ରଶ୍ନ ହେଉଛି- ମର୍ଣ୍ଣିଂ ୱାକ୍ କିମ୍ବା ସାଇକେଲିଂ ସ୍ୱାସ୍ଥ୍ୟ ପାଇଁ କେତେ ଜରୁରୀ? କୋଭିଡ୍ ରୋଗରେ ଆକ୍ରାନ୍ତ ହେବା ପୂର୍ବରୁ ଯେଉଁ ବ୍ୟକ୍ତି ନିୟମିତ ▶▶ପୃଷ୍ଠା ୭

## ସିଭିଲ ସର୍ଭିସ (ପ୍ରିଲିମିନାରୀ) ପରୀକ୍ଷା ୨୦୨୧ ତାରିଖ ଘୁଂଚିଲା

ନୂଆଦିଲ୍ଲୀ,୧୩/୦୫(ନି.ପ୍ର): ନୋଭେଲ୍ କରୋନା ଭାଇରସ୍ (କୋଭିଡ-୧୯) ଦ୍ୱାରା ସୃଷ୍ଟି ହୋଇଥିବା ଅସୁବିଧା କାରଣରୁ ସିଭିଲ୍ ସର୍ଭିସେସ୍ (ପ୍ରିଲିମିନାରୀ) ପରୀକ୍ଷା ୨୦୨୧କୁ କେନ୍ଦ୍ର ଲୋକସେବା ଆୟୋଗ ସ୍ଥଗିତ ରଖିଛନ୍ତି । ଏହି ପରୀକ୍ଷା ଯାହା ୨୭ ଜୁନ୍, ୨୦୨୧ରେ ଅନୁଷ୍ଠିତ ହେବାର ଥିଲା, ତାହା ବର୍ତ୍ତମାନ ୧୦ ଅକ୍ଟୋବର, ୨୦୨୧ରେ ଅନୁଷ୍ଠିତ ହେବ ।

## ଅନଲାଇନ୍ ରେ ମିଳିବ ମଦ



ଭୁବନେଶ୍ୱର,୧୩/୦୫(ନି.ପ୍ର): ଗତ ବର୍ଷ ଭଳି ଏବର୍ଷ ମଧ୍ୟ ଅନଲାଇନ୍ ରେ ମିଳିବ ମଦ। ଲକଡାଉନ ବେଳେ ମଦର ହୋମ୍ ଡେଲିଭରି ଦିଆଯିବ। ଉଭୟ ଅଫ୍, ଅନ୍, ସିଏଲ୍ ଦୋକାନୀ ହୋମ୍ ଡେଲିଭରି ଦେଇପାରିବେ। ଖାଦ୍ୟ ଯୋଗାଣକାରୀ ସଂସ୍ଥା ମଧ ହୋମ୍ ଡେଲିଭରି ଦେଇପାରିବେ। ଏନେଇ ଅବକାରୀ କମିଶନରଙ୍କୁ ଚିଠି ଲେଖି ଜଣାଇଛନ୍ତି ଅବକାରୀ ସଚିବ ସୁଶୀଲ ଲୋହାନୀ। ଜିଲ୍ଲାପାଳମାନେ ନିଜ ନିଜ ଜିଲ୍ଲାରେ ଏଭଳି ବ୍ୟବସ୍ଥା କରିବାକୁ କହିଲେ ଅବକାରୀ ସଚିବ ।





ପବିତ୍ର ଇଦ୍-ଉଲ୍ ଫିତର୍ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ୍ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି-ମୈତ୍ରୀ-ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

‘କରୋନା’ ମହାମାରୀ ବିରୋଧରେ ଓଡ଼ିଶାର ଲଢ଼େଇରେ ସାମିଲ ହୋଇ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା କରିବା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରୁଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR : 15001/13/0008/2122




ପବିତ୍ର ଇଦ୍-ଉଲ୍ ଫିତର୍ ପର୍ବ ଉପଲକ୍ଷେ ମୁଁ ସମସ୍ତ ମୁସଲମାନ୍ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

କୋଭିଡର ଦ୍ୱିତୀୟ ଲହରୀର ଭୟାବହତା ଦୃଷ୍ଟିରୁ ମାସ୍କ ପିନ୍ଧିବା, ହାତ ଧୋଇବା ଓ ସାମାଜିକ ଦୂରତ୍ୱ ବଜାୟ ରଖିବା ଆଦି କୋଭିଡର ସମସ୍ତ ନିୟମ ପାଳନ ସହିତ ପର୍ବ ପାଳନ ପାଇଁ ମୋର ନିବେଦନ ।

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0008/2122




ପବିତ୍ର ଇଦ୍-ଉଲ୍ ଫିତର୍ ପର୍ବ ଅବସରରେ ମୁଁ ରାଜ୍ୟବାସୀ ସମସ୍ତ ମୁସଲମାନ୍ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ସମ୍ପ୍ରତି କରୋନା ମହାମାରୀର ଦ୍ୱିତୀୟ ଲହର ସଂକ୍ରମଣ ବିରୁଦ୍ଧରେ ଆମର ଲଢ଼େଇ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ଲାଗୁ କରାଯାଇଥିବା କଟକଣା କଡ଼ାକଡ଼ି ଭାବେ ଅନୁପାଳନ କରିବା ସହିତ ସମସ୍ତେ ଧୈର୍ଯ୍ୟ, ସାହସ ଓ ଆତ୍ମବିଶ୍ୱାସର ସହ ମହାମାରୀର ମୁକାବିଲା ଦିଗରେ ସକ୍ରିୟ ସହଯୋଗ ବଜାୟ ରଖିବାକୁ ମୁଁ ନିବେଦନ କରୁଛି ।

(ରଘୁନନ୍ଦନ ଦାସ)
ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR : 15001/13/0008/2122

# କୋଭିଡ୍ ବଳୟରେ ରାଉରକେଲା ମିଡ଼ିଆ କ୍ୟାମେରାମ୍ୟାନ ସୁମନ୍ତ ଚାଲିଗଲେ : ୩ ଚିକିତ୍ସାଧିନ

ରାଉରକେଲା, ୧୩/୫ (ନି.ପ୍ର): ରାଉରକେଲାରେ କୋଭିଡ କ୍ରମଶଃ ତାର କରାଳ କାୟା ବିସ୍ତାର କରିବାରେ ଲାଗିଥିବା ବେଳେ ଏଠାରେ କାମ କରୁଥିବା ପ୍ରିଂଟ ଓ ଇଲେକଟ୍ରୋନିକ ମିଡିଆ କର୍ମଚାରୀ ମାନେ ମଧ୍ୟ ଏଥିରୁ ବାଦ୍ ପଡିନାହାଁନ୍ତି । କରୋନାରେ ଆକ୍ରାନ୍ତ ହୋଇ ପ୍ରାୟ ୧୦ ଦିନ ଚିକିତ୍ସା ହେବା ପରେ ଏକ ପ୍ରତିଷ୍ଠିତ ଚାନାଲରେ କାମ କରୁଥିବା କ୍ୟାମେରାମ୍ୟାନ ସୁମନ୍ତ ମହାନ୍ତିଙ୍କର ଆଜି ଦେହାନ୍ତ ହୋଇଛି । ଏହା ଛଡା ସାମ୍ବାଦିକ ମନୋରଂଜନ ଦାଶ ଚିକିତ୍ସାଧିନ ଥିବା ବେଳେ କ୍ୟାମେରାମ୍ୟାନ ଗଣେଷ ସାହୁ ଓ ପାଇଲଟ ମଧ୍ୟ ସଙ୍ଗରୋଧରେ ରହିଛନ୍ତି । ଏଭଳି ଖବର ରାଉରକେଲା ସମେତ ସୁନ୍ଦରଗଡ଼ ଜିଲ୍ଲାର ଗଣମାଧ୍ୟମ ପ୍ରତିନିଧିଙ୍କୁ ସତର୍କ ରହିବାକୁ ଏକ ପ୍ରକାର ଚେତାବନୀ ସଦୃଶ ହୋଇଛି । ଏଠାରେ ଉଲ୍ଲେଖଯୋଗ୍ୟ, ସ୍ୱର୍ଗତ ସୁମନ୍ତ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ପ୍ରଥମେ ୨ରୁ ତିନିଦିନ ଅଗ୍ରସେନ ଭବନରେ ଏକ ଓପିଡିରେ ରହିବା ପରେ ଘରକୁ ଯାଇଥିଲେ । ସେଠାରେ ୨ରୁ ୩ ଦିନ ଭିତରେ ସେ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ହାଇଟେକରେ ଭର୍ତି ହୋଇଥିଲେ । ସେଠାରେ କିଛି ଦିନ ଚିକିତ୍ସା ହେବା ପରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହୋଇପଡିଥିଲା । ଆଜି ତାଙ୍କ ପରିବାରକୁ ଡାକି ଶେଷଥର ଲାଗି ତାଙ୍କୁ ଦେଖାଇ ଦେବା ପରେ ଅପରାହ୍ନରେ ସେ ଚାଲି ଗଲେ ବୋଲି କୁହାଗଲା । ଏହି ଖବର ପାଇ ତାଙ୍କ ପରିବାରରେ କାନ୍ଦ ବୋବାଳି ଚାଲିଥିବା ବେଳେ ଅନ୍ୟ ମିଡିଆ ଭାଇ ମାନେ ମଧ୍ୟ କୋଭିଡର ଏହି ରୂପକୁ ଦେଖି ଭୟଭିତ ହୋଇ ପଡିଛନ୍ତି । ତେବେ ସୁମନ୍ତଙ୍କର ଜଣେ ବିଧବା ଭାଉଜ, ପତ୍ନୀ, ୨ଟି ପିଲା ରହିଛନ୍ତି । ତାଙ୍କ ବଡ ଭାଇଙ୍କର ଅଳ୍ପ ଦିନ ତଳେ ଦେହାନ୍ତ ହୋଇଥିଲା । ତେବେ ତାଙ୍କୁ ବଂଚାଇବା ଲାଗି ତାଙ୍କର କେହି ସମ୍ପର୍କୀୟ ଏୟାର ଆମ୍ବୁଲାନ୍ସ ଯୋଗାଡ କରି ତାଙ୍କୁ ଅନ୍ୟ ଯାଗାକୁ ନେବାକୁ ଚାହିଁଥିଲେ ମଧ୍ୟ ତାହା ସଫଳ ହୋଇ ନଥିଲା । ରାଉରକେଲାରେ ଏହି ଭଳି ରାଜନେତା ଓ ଗଣମାଧ୍ୟମ ପ୍ରତିନିଧି କରୋନାରେ ଆକ୍ରାନ୍ତ ହେବା ଓ ଅଳ୍ପ ବୟସରେ ସେମାନଙ୍କର ଦେହାନ୍ତ ହେବା ଖବର ସହରରେ କୋଭିଡକୁ ନେଇ ଚାଲିଥିବା ସଚେତନତା ଓ ଚିକିତ୍ସାକୁ ନେଇ ବିଭିନ୍ନ ମହଲରେ ନାନା ପ୍ରଶ୍ନ ଉଠିଛି । ରାଉରକେଲା ସମେତ ସୁନ୍ଦରଗଡ ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରତିଦିନ ବଢି ଚାଲିଥିବା ବେଳେ ରାଉରକେଲାରେ ଏହାର ମାତ୍ରା ବଢିଚାଲିଛି ।ଏହି କ୍ରମରେ ରାଉରକେଲାରେ କୋଭିଡରେ କେତେ ମରୁଛନ୍ତି ତାହା ମଝି ମଝିରେ ରାଜ୍ୟ ସ୍ତରରୁ ଟିଭି ମିଡିଆରେ ଆସୁଛି । ହେଲେ ପ୍ରତିଦିନ ବେଦବ୍ୟାସରେ ନଦୀ କୂଳରେ ଅନେକ ମୃତକଙ୍କର ଶେଷକୃତ୍ୟ ସମ୍ପନ୍ନ ହେଉଛି । ପୂର୍ବରୁ ଯେଉଁଭଳି ଶବ ପୋଡା ଯାଉଥିଲା ତା ଠାରୁ ଅଧିକ ଶବ ବର୍ତମାନ ପୋଡା ଚାଲିଛି । ଏମିତିକି ନଦୀ କୂଳରେ ରହୁଥିବା ଲୋକେ କହିବା କଥା ଶବ ପୋଡା ଚାଲିଛି । ନିଆଁ ଲିଭିବାର ନାଁ ନେଉନାହିଁ । ତେବେ ଏନେଇ ବେଦବ୍ୟାସ ଟ୍ରଷ୍ଟକୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ପ୍ରତିକ୍ରିୟା ମିଳିପାରିନାହିଁ । ଏଠାରେ ପ୍ରଶ୍ନ ଉଠୁଛି ବାସ୍ତବରେ ପ୍ରତିଦିନ ପୋଡା ଯାଉଥିବା ଏତେ ପରିମାଣର ଲୋକ ମାନଙ୍କର ମୃତ୍ୟୁର କାରଣ କ’ଣ ହୋଇଥାଇପାରେ । ପ୍ରଶାସନ ପକ୍ଷରୁ ଏନେଇ ତଥ୍ୟ ସଂଗ୍ରହର ଆବଶ୍ୟକତା ରହିଛି । ଯାହାଦ୍ୱାରା ବାସ୍ତବ ସତ୍ୟ ଲୋକଲୋଚନକୁ ଆସିପାରିବ ।

# କେନ୍ଦୁଝରର ଜିଲ୍ଲା କାରାଗାରରୁ ୯ କଏଦୀ କରୋନା ପଜିଟିଭ୍ ଚିହ୍ନଟ

କେନ୍ଦୁଝର, ୧୩/୫ (ନି.ପ୍ର): କେନ୍ଦୁଝର ଜିଲ୍ଲା କାରାଗାରରେ ନଅ ଜଣ ଅନ୍ତେବାସୀ କଏଦୀ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଜିଲ୍ଲା କାରାଗାରର ସୂଚନା ଅନୁସାରେ, ଗତ ମାସ ୨୮ ତାରିଖରେ ଏକ ଚୋରୀ କେଶରେ ତିନି ଜଣ ଅଭିଯୁକ୍ତ କୋର୍ଟରୁ ଫରୱାର୍ଡ ହୋଇ ଜିଲ୍ଲା କାରାଗାରକୁ ଆସିଥିଲେ । ସେ ସମୟରେ ସେମାନଙ୍କର ଠାରେ ଥଣ୍ଡା, ଛିଙ୍କ, କାଶ ଆଦିର ଲକ୍ଷଣ ଥିବାର ଜଣାପଡିଥିଲା । ତେଣୁ, ସେମାନଙ୍କର କୋଭ୍ଡ ଟେଷ୍ଟ ହେବା ପରେ ସେମାନେ କରୋନା ପଜେଟିଭ ବା କରୋନା ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା । ତୁରନ୍ତ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟ ମାନଙ୍କର ମଧ କୋଭିଡ ଟେଷ୍ଟ ହୋଇଥିଲା । ଯେଉଁଥିରୁ ଆଉ ୬ ଜଣ କଏଦୀ ମଧ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ବର୍ତମାନ ଏହି ନଅ ଜଣ କରୋନା ଆକ୍ରାନ୍ତ ମାନଙ୍କ ମଧ୍ୟରୁ ତିନି ଜଣଙ୍କୁ ଜେଲ ମଧ୍ୟରେ ଥିବା କୋଭିଡ୍ ୱାର୍ଡରେ ଓ ଅନ୍ୟ ୬ ଜଣଙ୍କୁ ଆଇସୋଲେସନ ସେଟଂରରେ ରଖାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସମସ୍ତ କୋଭିଡ୍ ଆକ୍ରାନ୍ତ ମାନଙ୍କୁ ପିପିଇ କିଟ୍ ଓ ଔଷଧ ଆଦି ସମସ୍ତ ପ୍ରକାରର ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିବା ଜେଲ୍ କର୍ତୃପକ୍ଷ ସୂଚନା ଦେଇଛନ୍ତି ।

# ଚନ୍ଦନ ଯାତ୍ରା ପାଇଁ ନରେନ୍ଦ୍ର ପୁଷ୍କରିଣୀ ଚର୍ତୁଃପାଶ୍ୱରେ ୧୪୪ ଧାରା ଜାରୀ ହେବ

ପୁରୀ, ୧୩/୫ (ନି.ପ୍ର): ଚଳିତ ମାସ ୧୫ ତାରିଖ ଅକ୍ଷୟ ତୃତୀୟା ଦିନ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେବ । ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ ମଣି ବିମାନରେ ନରେନ୍ଦ୍ର ପୁଷ୍କରିଣୀ ପର୍ଯ୍ୟନ୍ତ ଯାତ୍ରା କରିବେ । ନରେନ୍ଦ୍ର ପୁଷ୍କରିଣୀ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଓ ଚାପ ଦର୍ଶନ ପାଇଁ ପ୍ରତିବର୍ଷ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ସମବେତ ହୋଇଥାନ୍ତି । ହେଲେ ଚଳିତ ବର୍ଷ ପ୍ରଶାସନର କରୋନା କଟକଣା ଯୋଗୁଁ ଦର୍ଶନରୁ ବଂଚିତ ରହିବେ ଶ୍ରଦ୍ଧାଳୁ । ଶ୍ରଦ୍ଧାଳୁଙ୍କ ଭିଡ଼ ଏଡାଇବାକୁ ପ୍ରଶାସନ ପକ୍ଷରୁ ନରେନ୍ଦ୍ର ପୁଷ୍କରିଣୀ ଚର୍ତୁପାର୍ଶ୍ୱରେ ୧୪୪ ଧାରା ଜାରୀ ହେବ ବୋଲି ଗତକାଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଏକ ଭର୍ଚୁଆଲ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ଚନ୍ଦନ ଯାତ୍ରା ସମୟରେ ମଦନମୋହନ ଓ ପଚଂ ମହାଦେବଙ୍କ ବିମାନକୁ ଶୋଭାଯାତ୍ରାରେ ନିଆଯାଇଥାଏ । ଚଳିତ ବର୍ଷ ଏଥିରେ କମ୍ ସଂଖ୍ୟକ ପାଳିଆ ସେବାୟତ ନିୟୋଜିତ ହେବେ । ଗହଳି କମାଇବା ପାଇଁ ପ୍ରଶାସନ ଏପରି ପଦକ୍ଷେପ ନେଇଛି ।

# କରୋନା ଦାଉରୁ ମୁକ୍ତ କରିବା ନିମନ୍ତେ ଗଞ୍ଜାମ ଜିଲ୍ଲାବାସୀଙ୍କୁ ଜିଲ୍ଲାପାଳଙ୍କ ନିବେଦନ

ଛତ୍ରପୁର, ୧୩/୫ (ନି.ପ୍ର): ଗଞ୍ଜାମ ଜିଲ୍ଲାକୁ କରୋନା ଦାଉରୁ ମୁକ୍ତ କରିବା ନିମନ୍ତେ ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି। ସେ କହିଛନ୍ତି ଯେ ବର୍ତମାନ ପରିସ୍ଥିତିରେ କରୋନାର ପ୍ରକୋପରୁ ନିଜକୁ ବଂଚାଇବାକୁ ହେଲେ ସମସ୍ତେ ଘରେ ରୁହନ୍ତୁ। ନିହାତି ଏବଂ ଅତି ଜରୁରୀ ନହେଲେ ଘରୁ ବାହାରକୁ ଯାଆନ୍ତୁ ନାହିଁ। ଯଦି ଅତି ଜରୁରୀ କାମରେ ବାହାରକୁ ଯାଉଛନ୍ତି ତେବେ ମାକ୍ସ ନିଶ୍ଚିତ ଓ ଠିକ୍ ରୂପେ ପିନ୍ଧନ୍ତୁ। ମାସ୍କ ହିଁ ଆପଣଙ୍କ ଅମୂଲ୍ୟ ଜୀବନକୁ ରକ୍ଷା କରିବା କବଚ। ସେ ଆହୁରି କହିଛନ୍ତି ଯେ ବ୍ୟବସାୟୀମାନଙ୍କୁ ଅନୁରୋଧ ସେମାନେ ଦୋକାନ ଖୋଲିବାବେଳେ ପଂଚସୂତ୍ରୀ ନିୟମର କଡ଼ା ପାଳନ କରନ୍ତୁ। ପଂଚସୂତ୍ରୀ ନିୟମ ପାଳନ କରିବା ଦ୍ୱାରା ଆପଣ ସଂକ୍ରମଣକୁ ରୋକିପାରିବେ। ବ୍ରହ୍ମପୁର ମହାନଗର ନିଗମ ଅଂଚଳରେ ୧୮ବର୍ଷରୁ ଅଧିକ ବୟସର ବ୍ୟକ୍ତିଙ୍କ ଟୀକାଦାନ କାର୍ଯ୍ୟକ୍ରମ ଚାଲିଛି। ଟୀକା ନେବାକୁ ଅନ୍‌ଲାଇନ୍‌ରେ ରେଜିଷ୍ଟ୍ରେସନ୍ କରନ୍ତୁ। ଯେଉଁ ସ୍ଲଟ୍ ଆସୁଛି ସେହିଦିନ ଏବଂ ସେହି ସମୟରେ ଆସି ଟୀକା ନିଅନ୍ତୁ। ଆପଣଙ୍କ ସୁବିଧା ସକାଶେ ମହାନଗର ନିଗମ ଅଂଚଳରେ ସମସ୍ତ ବ୍ୟବସ୍ଥା କରାଯାଇଛି। ସେଠାରେ ଅଯଥାରେ ଯାଇ ଗହଳି କରନ୍ତୁ ନାହିଁ। ବ୍ରହ୍ମପୁର ମହାନଗର ନିଗମ ଅଂଚଳରେ ଆସନ୍ତାକାଲି ଠାରୁ ମୋବାଇଲ୍ ଭେହିକିଲ୍ ଦ୍ୱାରା ଲୋକଙ୍କ ଚାହିଦା ଅନସାରେ ଆପଣଙ୍କ ଅଂଚଳକୁ ମୋବାଇଲ୍ ଗାଡ଼ି ଯାଇ କୋଭିଡ୍ ଟେଷ୍ଟ କରିବ। ତାହାର ସୁଯୋଗ ନେବା ପାଇଁ ବ୍ରହ୍ମପୁରବାସୀଙ୍କୁ ଅନୁରୋଧ। ସେ ଆହୁରି କହିଛନ୍ତି ଯେ, ଗ୍ରାମାଂଚଳର ସମସ୍ତ ପିଏଚ୍‌ସି/ସିଏଚ୍‌ସି ଏବଂ ଏସ୍‌ଡିଏଚ୍‌ରେ ଆଇସୋଲେସନ୍ ସୁବିଧା ଥାଇ ସମସ୍ତ ବେଡ୍‌ରେ ଅକ୍ସିଜେନ୍ ବ୍ୟବସ୍ଥା କରାଯାଇଛି। ଏଣୁ ଗ୍ରାମାଂଚଳ ଲୋକଙ୍କୁ ଅନୁରୋଧ ସେମାନେ ସିଧାସଳଖ ବ୍ରହ୍ମପୁର ଏମ୍‌କେସିଜିକୁ ଆସନ୍ତୁ ନାହିଁ। ଆପଣଙ୍କ ନିକଟରେ ଥିବା ପିଏଚ୍‌ସି/ସିଏଚ୍‌ସି ଏବଂ ଏସ୍‌ଡିଏଚ୍‌କୁ ଯାଇ ଚିକିତ୍ସିତ ହୁଅନ୍ତୁ। ସେଠାରେ ଡାକ୍ତରଗଣ ଆପଣଙ୍କର ଚିକିତ୍ସା କରିବେ। ସେଠାରେ ଗୁରୁତର ଅବସ୍ଥାରେ ଥିବା ବ୍ୟକ୍ତିଙ୍କୁ ଡାକ୍ତର ରେଫର୍ କଲେ ଆପଣଙ୍କୁ ବ୍ରହ୍ମପୁର ଏମ୍‌କେସିଜିକୁ ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତର କରାଯିବ। ଏଣୁ ଅନୁରୋଧ ପ୍ରଥମେ ଆପଣ ଗାଁ ନିକଟରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାର ସୁବିଧା ନିଅନ୍ତୁ।

# ମାଲକାନଗିରି ଜିଲ୍ଲା ସୀମାନ୍ତ ମୋଟୁ ଦେଇ ପ୍ରବେଶ କଲେଣି ୧୪୫୮୩ଜଣ ପ୍ରବାସୀ

ମାଲକାନଗିରି, ୧୩/୫ (ନି.ପ୍ର): ସମଗ୍ର ଦେଶ ରେ କରୋନା ଯୋଗୁଁ ଲକ ଡାଉନ ଜାରୀ ରହିଥିବା ଯୋଗୁଁ ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକ ବନ୍ଦ ରହିଥିବାରୁ କାମଧନ୍ଦା ନପାଇ ପ୍ରବାସୀ ଶ୍ରମିକ ମାନେ ନିଜ ନିଜ ଘର ମୁହାଁ ହୋଉଛନ୍ତି ! ଦକ୍ଷିଣ ଭାରତ ର ବିଭିନ୍ନ ରାଜ୍ୟରେ କାମ କରୁଥିବା ପ୍ରବାସୀ ଶ୍ରମିକ ମାନେ ନିଜ ଜିଲ୍ଲା ଓ ରାଜ୍ୟ କୁ ଫେରିବା ପାଇଁ ଆନ୍ଧ୍ର, ତେଲେଙ୍ଗାନା, ଛତିଶଗଡ ରାଜ୍ୟ ସୀମାନ୍ତ ରେ ଥିବା ମୋଟୁ ଦେଇ ମାଲକାନଗିରି କୁ ପ୍ରବେଶ କରୁଛନ୍ତି !ଜିଲ୍ଲା ପ୍ରଶାସନ ପକ୍ଷରୁ ମୋଟୁ ଠାରେ କରାଯାଇଥିବା ଚେକପୋଷ୍ଟ ଦେଇ ଆଜି ସୁଦ୍ଧା ୧୪୫୮୩ଜଣ ପ୍ରବାସୀ ଆସିଲେଣି !ସେଥିମଧ୍ୟରୁ ୭ ୧ ୦୦ଜଣ ମାଲକାନଗିରି ଜିଲ୍ଲାର, ୬ ୫ ୩ ୧ ଜଣ ଅନ୍ୟ ଜିଲ୍ଲା ର ହୋଇଥିବାବେଳେ ୯୫୧ ଜଣ ଅନ୍ୟ ରାଜ୍ୟର ଅଟନ୍ତି ! ବର୍ତ୍ତମାନ ଲକ ଡାଉନ ଯୋଗୁଁ ବସ ଚଳାଚଳ ବନ୍ଦ ରହିଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବସ ଯୋଗେ ପ୍ରବାସୀ ଶ୍ରମିକ ମାନଙ୍କୁ ନେଇ ଛାଡିବାର ବ୍ୟବସ୍ଥା କରାଯାଇଛି !ଜିଲ୍ଲାରେ ଆଜି ସୁଦ୍ଧା ୯ ୭ ୩ ଜଣଙ୍କ ସାମ୍ପୁଲ ଟେଷ୍ଟ କରାଯାଇଥିଲା ସେଥିମଧ୍ୟରୁ ୬ ୨ ୩ ଜଣ କରୋନା ସଂକ୍ରମିତ ଚ଼ିହ୍ନଟ ହୋଇଛନ୍ତି !ଜିଲାରେ ଚ଼ିହ୍ନଟ ହୋଇଥିବା ୬ ୨ ୩ ଜଣଙ୍କ ଭିତରେ ମାଲକାନଗିରି ପୌରାଂଚଳରୁ ୯ ୦ଜଣ, ମାଲକାନଗିରି ବ୍ଲକରୁ ୬ ୨ ଜଣ, ବାଲିମେଲା ବିଜ୍ଞାପିତ ଅଂଚଳରୁ ୯ ଜଣ, ମାଥିଲି ବ୍ଲକରୁ ୮ ୫ ଜଣ, ଖଇରପୁଟ ବ୍ଲକରୁ ୧୪୯ଜଣ, ଚିତ୍ରକୋଣ୍ଡା ବ୍ଲକରୁ ୨ ୯ ଜଣ, କୋରୁକୋଣ୍ଡା ବ୍ଲକରୁ ୨ ୭ ଜଣ, କାଲିମେଳା ବ୍ଲକରୁ ୧୪୨ଜଣ ଓ ପଡିଆ ବ୍ଲକରୁ ୨ ୭ ଜଣ ଅଛନ୍ତି !

# ମେସିନ ଯୋଗେ ଏମ୍ ନରେଗା କାର୍ଯ୍ୟ: ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା, ୧୩/୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକର ପାଟଳିପଙ୍କ ପଂଚାୟତର କୋରଟପଙ୍ଗା ଗ୍ରାମରେ ମହାତ୍ମାଗାନ୍ଧୀ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା ଅନ୍ତର୍ଗତ କାର୍ଯ୍ୟ ଗୁଡିକୁ ମେସନ ଦ୍ୱାରା କରାଯାଉ ଥିବା ଅଭିଯୋଗ ହୋଇଛି । ବହୁ ସଂଖ୍ୟକ ଜବ୍ କାର୍ଡଧାରୀ ଶ୍ରମିକ ମାନେ ଏନେଇ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ନିକଟରେ ଅଭିଯୋଗ କରିବା ସହ ଏହି ଦୁର୍ନିତି ମୂଳକ କାର୍ଯ୍ୟର ତଦନ୍ତ ପାଇଁ ଦାବି କରିଛନ୍ତି । ଅଭିଯୋଗ ମୁତାବକ ଗ୍ରାମରେ ଖୋଳା ଯାଉଥିବା ୫ଟି ପୋଖରୀ ଏହି ଯୋଜନା ରେ ଜବ୍ କାର୍ଡଧାରୀ ଶ୍ରମିକ ମାନଙ୍କ ଦ୍ୱାରା କରା ଯିବାକୁ ନିୟମ ଥିବାବେଳେ ଏହାକୁ ଅଣଦେଖା କରି ପ୍ରାୟ ୪୦ଦିନ ହେବ ମୋସିନ୍ ଦ୍ୱାରା ଏହି କାର୍ଯ୍ୟ ବ୍ଲକ ପ୍ରଶାସନ ପକ୍ଷରୁ କରାଯାଉଛି । ଏହା ଦ୍ୱାରା ଗରିବ ଶ୍ରମିକ ମାନବଙ୍କୁ କୋଭିଡ ମହାମାରୀ ସମୟରେ କାମ ଯୋଗାଇ ନଦେଇ ଠିକାଦାରକୁ ପୋଷିବା କାମ ବ୍ଲକ ପ୍ରଶାସନ କରୁଥିବା ଗ୍ରାମର ବଳରାମ ପଲାଇ, ଶରତ ସ୍ୱାଇଁ, ନାରାୟଣ ପଲାଇ, ବିପିନ ଦାସ, ଗଗନ ପଲାଇ, ଶରତ ପଲାଇ, କାଳନ୍ଦୀ ଚରଣ ଜେନା, ଗୌରାଙ୍ଗ ଚରଣ ସାମଲ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

# ଜିଆ ଖତ ଉତ୍ପାଦନରେ ସ୍ୱାବଲମ୍ବୀ ହେଲେ ଉଚ୍ଚ ଶିକ୍ଷିତା ଗାୟତ୍ରୀ : ଚାଷୀ ଓ ଶିକ୍ଷିତ ବେକାରଙ୍କୁ ଯୋଗାଇଲେ ପ୍ରେରଣା

କନ୍ଧମାଳ, ୧୩/୫ (ନି.ପ୍ର): ସୂଚନା ଓ ପ୍ରଯୁକ୍ତିର ବିକାଶ ହେବା ସହିତ ରୋଜଗାର ପାଇଁ ଆତ୍ମନିର୍ଭରଶୀଳ ହେବାକୁ ଅନେକ ବାଟ ଥିଲେ ମଧ୍ୟ ଉଚ୍ଚ ଶିକ୍ଷିତ ବେକାର ଯୁବକ,ଯୁବତୀ ମାନେ କେବଳ ସରକାରୀ ଚାକିରିକୁ ଆଶା କରି ରହିଛନ୍ତି । ପିଲାଙ୍କ ଅଭିଭାବକ ମାନେ ମଧ୍ୟ ସେମାନଙ୍କୁ ଏହି ଦିଗରେ ପ୍ରେରିତ କରି ଥାଆନ୍ତି । ଏହାର ବ୍ୟତିକ୍ରମ ସାଜିଛନ୍ତି ଫୁଲବାଣୀ ସହରର ଗାୟତ୍ରୀ ପ୍ରଧାନ ନାମକ ଜଣେ ଉଚ୍ଚ ଶିକ୍ଷିତ ମହିଳା, ସେ ଉଚ୍ଚ ଶିକ୍ଷିତା ହୋଇ ମଧ୍ୟ ଚାକିରି ପଛରେ ନଗୋଡେଇ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ପାଇଁ ପ୍ରେରଣା ସାଜିଛନ୍ତି । ସେ ଆପଣେଇ ନେଇଛନ୍ତି ଜିଆ ଖତ ଉତ୍ପାଦନକୁ । ଏହାଦ୍ୱାରା ସେ ବେଶ ଦି ପଇସା ରୋଜଗାର କରିବା ସହିତ ନିଜ ପରିବାର ଚଳାଇବା ସହ ଅନ୍ୟ ମହିଳା ମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି । ଗାୟତ୍ରୀ, କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ଜିଆ ଖତ ଓ ଜଳ ପ୍ରସ୍ତୁତି ତାଲିମ ନେବାପରେ ନିଜେ ଉତ୍ପାଦନ କରି ଏହାକୁ ନିଜ ବଗିଚାରେ ପ୍ରୟୋଗ କରି ସଫଳତା ପାଇଛନ୍ତି । ଏହି ଜିଆ ଖତ ଓ ଜିଆ ଜଳ ନିଜ ବଗିଚାରେ ଜୈବିକ ସାର ଓ କୀଟନାଶକ ଔଷଧ ଭାବରେ ବ୍ୟବହାର କରି ବେଶ ସଫଳତା ପାଇଛନ୍ତି । ଏହାର ପ୍ରସ୍ତୁତି ପ୍ରଣାଳୀ ଅତି ସହଜ ଅନାବନା ଘାସକୁ କାଟି ଗୋବର ଓ ମାଟି ସହ ମିଶାଇ ରଖିବାପରେ ଏଥିରେ ପ୍ରତିଦିନ ପାଣି ସିଂଚନ କରାଯାଏ । ପ୍ରାୟ ଏକ ସପ୍ତାହରୁ ଦୁଇ ସପ୍ତାହ ମଧ୍ୟରେ ସେହି ମିଶ୍ରଣ କମ୍ପୋଷ୍ଟ ଖତରେ ଜିଆ ଛଡାଯାଏ । କିଛି ଦିନପରେ ଏହା ଜିଆଖତରେ ପରିଣତ ହୋଇଥାଏ । ଏହାକୁ ଜମିରେ ଜୈବିକ ସାର ହିସାବରେ ଦିଆଯାଏ ବୋଲି ଗାୟତ୍ରୀ କହିଛନ୍ତି । ଗାୟତ୍ରୀ ପ୍ରଥମେ ନିଜ ପାଇଁ ଅଳ୍ପ କିଛି ଖତ ପ୍ରସ୍ତୁତ କରୁଥଲେ । ଏବେ ସରକାରଙ୍କ ସବସିଡ ସ୍କିମରେ ଏକ ସ୍ଥାୟୀ ଜିଆଖତ ପ୍ଲାଂଟ ନିର୍ମାଣ କରିଛନ୍ତି । ଏଥିରୁ ସେ ଭଲ ରୋଜଗାରକ୍ଷମ ହୋଇପାରିଛନ୍ତି । ଏନେଇ ଜାତୀୟ ସ୍ତରରେ ମଧ ଗାୟତ୍ରୀ ପୁରସ୍କୃତ ହୋଇଛନ୍ତି । ନିଜେ ସ୍ୱାବଲମ୍ବୀ ହେବା ସହିତ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ଗାୟତ୍ରୀ । ବର୍ତ୍ତମାନ ସୁଦ୍ଧା ଏହି ବ୍ୟବସାୟରେ କୌଣସି ପ୍ରତିଯୋଗୀତା ନଥିବାରୁ ଏଥୁ ବେଶ ରୋଜଗାର ହେଉଛି । ଜିଲ୍ଲାର ଚାଷି ମାନଙ୍କ ସହିତ ଯୁବ ପିଢି ଏହାର ଲାଭ ଉଠାଇବା ସହିତ କୃଷିକୁ ସମ୍ପୂର୍ଣ୍ଣ ଜୈବିକ ପ୍ରଣାଳିରେ ପରିବର୍ତିତ କରିବାକୁ ସେ ଆହ୍ୱାନ ଦେଇଛନ୍ତି ।

# କରୋନା କାଳରେ ଅମାନିଆଙ୍କୁ ସାବଡ଼ କରିବା ପାଇଁ ବୋରିଗୁମ୍ମା ପୋଲିସର ଯାଂଚ

ଜୟପୁର, ୧୩/୫ (ନି.ପ୍ର): କରୋନା କାଳରେ ଅମାନିଆ ଙ୍କୁ ସାବଡ଼ କରିବା ପାଇଁ ବୋରିଗୁମ୍ମା ପୋଲିସ କରୁଛି ଯାଂଚ ।ଆଜି ସକାଳୁ ସକାଳୁ ସହର ର ୨୬ନମ୍ବର ଜାତୀୟ ରାଜପଥ ନିକଟରେ ଗାଡି ମଟର ଗୁଡିକୁ କୁ ଯାଂଚ କରୁଛି ।ଗାଡି ଚାଳକ ହେଲିମେଟ ଓ ମାସ୍କ ନ ପିନ୍ଧି ଗାଡି ଚାଲୁଥିଲେ ତାଙ୍କୁ ଅଟକାଇ ୫୦୦ ଟଙ୍କା ପର୍ଯ୍ୟନ୍ତ ଫାଇନ ଆଦାୟ କରାଯାଉଛି ।ବର୍ତମାନ ପର୍ଯ୍ୟନ୍ତ ୩୫ଟି ଅମାନିଆ ବାଇକ ଚାଳକ ଙ୍କ ଠାରୁ ଜରିମାନା ଆଦାୟ କରିଛି ପୋଲିସ ।ଜରିମାନା ଭରିବା ପାଇଁ ଥାନା ପରିସର ମଧ୍ୟରେ ଅମାନିଆ ଙ୍କ ଲାଗିଛି ଲାଇନ ।ଜରିମାନା ଭରିବା ପରେ ଏଣିକି ମାସ୍କ ଓ ହେଲିମେଟ ପରିଧାନ କରି ବାଇକ ଚଲେଇବେ ବୋଲି କହିଛନ୍ତି ବାଇକ ଚାଳକ ।ସେପଟେ ଅମାନିଆ ଙ୍କୁ ସଚେତନ କରିବା ପାଇଁ ଏହି ଯାଂଚ କରାଯାଉଛି ବୋଲି ଯାଂଚ ରେ ଥିବା ପୋଲିସ ଏଏସଆଇ ଶ୍ରୀକାନ୍ତ ସାହୁ କହିଛନ୍ତି।

# ଟ୍ରକ ଚାପାରେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିର ମୃତ୍ୟୁ

ଧର୍ମଶାଳା, ୧୩/୫ (ନି.ପ୍ର): ଯାଜପୁର ଜିଲା ବଡଚଣା ବ୍ଲକ ଛଡିଆ ଗଳି ପୋଲ ନିକଟରେ ଏକ ଟ୍ରକ ଚାପାରେ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିର ଶୋଚନୀୟ ମୃତ୍ୟୁ ଘଟିଛି । ଆଜି ଅପରାହ୍ନରେ ସ୍ୱସ୍ତିକ ଟ୍ରାନ୍ସପୋର୍ଟର ଏକ ଟ୍ରକ ଗଳି ପୋଲ ନିକଟରେ ଉକ୍ତ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାର ମୃତ୍ୟୁ ଘଟିଥିଲା । ଛଡିଆ ବିଟହାଉସ ପୋଲିସ ଘଟଣାସ୍ଥଳରେ ପଂହଚି ମୃତ ଦେହକୁ ଜବତ କରି ଶବବ୍ୟବଚ୍ଛେଦ ନିମନ୍ତେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇବା ସହ ଗାଡି ଓ ଚାଳକକୁ ଅଟକ ରଖି ପଚରାଉଚୁରା କରୁଛି । ତେବେ ଉକ୍ତ ମୃତ ବ୍ୟକ୍ତିର ପରିଚୟ ମିଳି ପାରି ନ ଥିବା ଜଣାପଡିଛି ।

# ଶ୍ରୀଜିଉଙ୍କ ବନକ ଲାଗି ନୀତି ଅନୁଷ୍ଠିତ

ପୁରୀ, ୧୩/୫ (ନି.ପ୍ର): ଆଜି ବୈଶାଖ ଶୁକ୍ଳ ପ୍ରତିପଦାରେ ଶ୍ରୀଜିଉମାନଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ଅନୁଷ୍ଠିତ ହୋଇଛି । ମଧ୍ୟାହ୍ନ ଭୋଗ ପରେ ଦତ ମହାପାତ୍ର ସେବକ ଗର୍ଭଗୃହରେ ପ୍ରବେଶ କରିଥିଲେ । ଅପରାହ୍ନ ୩ଟା ୫୦ରେ ଏହି ନୀତି ଆରମ୍ଭ ହୋଇଥିଲା । ପ୍ରାକୃତିକ ପ୍ରଣାଳୀରେ ପ୍ରସ୍ତୁତ ପ୍ରଶାଧାନରେ ଶ୍ରୀମୁଖ ଶୃଙ୍ଗାର କରାଯାଇଥିଲା । ବନକଲାଗି ପରେ ଶ୍ରୀଜିଉଙ୍କ ଶ୍ରୀମୁଖ ଉଜ୍ଜ୍ୱଳ ଦେଖାଯାଇଥିଲା । ଦତ ମହାପାତ୍ରମାନେ ଗର୍ଭଗୃହରେ ରହି ଏହି ଗୁପ୍ତନୀତି ସଂପାଦନ କରିଥିଲେ । ଏଥିପାଇଁ ପ୍ରାୟ ୪ଘ । ଗର୍ଭଗୃହର ଦ୍ୱାର ବନ୍ଦ କରାଯାଇଥିଲା । ଏହି ବନକଲାଗିରେ କଳା, ନାଳି ଓ ହଳଦିଆ ରଙ୍ଗଲାଗି ହରିତାଳ, ନାଳି ରଙ୍ଗ ଲାଗି ହିଙ୍ଗୁଳ ବ୍ୟବହୃତ ହୋଇଥାଏ । ଦତ ମହାପାତ୍ର ସେବକ ମୂଷିକ ତୂଳିରେ ଶ୍ରୀମୁଖ ଶୃଙ୍ଗାର କରିଥିଲେ । ବନକଲାଗି ନୀତି ଶେଷ ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା । କରୋନା କଟକଣା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି । କସ୍ତୁରି ଓ କେଶର ଯୋଗୁଁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଦେଖାଯାଇଥାଏ । ଦତ ମହାପାତ୍ରଙ୍କୁ ପାଳିଆ ଖୁଂଟିଆ, ପାଳିଆ ପୂଜାପଣ୍ଡା, ଗରାବଡୁ, ଚାଙ୍ଗଡା ମେକାପ ଓ ମୁଦୁଲି ସେବକମାନେ ସହାୟତା କରିଥିଲେ ।

# କର୍କଟ ପୀଡିତା ମୃତକଙ୍କ ପରିବାରକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସହାୟତା ପ୍ରଦାନ

ଧର୍ମଶାଳା, ୧୩/୫ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଂଚାୟତର ବ୍ରହ୍ମବରଦା ଗ୍ରାମରେ ଦୀର୍ଘ ଦିନ ହେବ କର୍କଟ ରୋଗରେ ପୀଡିତ ଥିବା ସାବିତ୍ରୀ ସାହୁଙ୍କର ୫୭ ବର୍ଷ ବୟସରେ ପରଲୋକ ହୋଇଯାଇଛି । ତାଙ୍କ ପରିବାର ସାବିତ୍ରୀଙ୍କର ଚିକିତ୍ସାଧୀନ ଅବସ୍ଥାରେ ବହୁ ଅର୍ଥ ଖର୍ଚ୍ଚ କରି ଥିଲେ ମଧ୍ୟ ତାଙ୍କୁ ବଂଚାଇପାରିନଥିଲେ । ଅଧିକ ଅର୍ଥ ଅଭାବରୁ ଶେଷରେ ସେ ଆଖି ବୁଜିଲେ । ତାଙ୍କ ପରରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଂଚାୟତର ବାରକୁ ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଗ୍ରାମୀଣ ଏକତା ମଂଚ ପକ୍ଷରୁ ସହାୟତାର ହାତ ବଢାଇଛି । ପୂର୍ବରୁ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ସହଯୋଗର ହାତବଢାଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ସଂଗଠନର ସଭାପତି ଅଭିମନ୍ୟୁ ସାହୁଙ୍କ ପରାମର୍ଶକ୍ରମେ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ନାୟକ, ନିର୍ମଳା ଗିରି, ଶୁଭେନ୍ଦୁ କୁମାର ସାମଲ,କଳ୍ପତରୁ ପଣ୍ଡା ପ୍ରମୁଖ ତାଙ୍କ ବାସଭବନରେ ପଂହଚି ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଅତ୍ୟାବଶ୍ୟକୀୟ ସାମଗ୍ରୀ ସହ ମାକ୍ସ ଓ ସାନିଟାଇଜର ଯୋଗାଇ ଦେଇଛନ୍ତି । ଏଭଳି ପରିସ୍ଥିତିରେ ସେମାନଙ୍କ ପରିବାରକୁ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ସହଯୋଗ କରିବା ପାଇଁ ଗ୍ରାମୀଣ ଏକତା ସଂଗଠନ ଓ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି । ସଂଗଠନର ଏଭଳି ସହଯୋଗକୁ ନେଇ ବିଭିନ୍ନ ମହଲରୁ ସ୍ୱାଗତ ସାଧୁବାଦ ଜଣାଇଛନ୍ତି ।

# ପଶ୍ଚିମବଙ୍ଗର ୪୨୬ଙ୍କୁ ମିଶାଇ ଜିଲ୍ଲାକୁ ଫେରିଲେଣି ୧,୨୦୩ ପ୍ରବାସୀ

ବାରିପଦା, ୧୩/୫ (ନି.ପ୍ର): କରୋନାର ଦ୍ୱିତୀୟ ଲହର ସଂକ୍ରମଣରେ ମୟୂରଭଞ୍ଜ ଜିଲ୍ଲାକୁ ପ୍ରବାସୀଙ୍କ ଫେରିବା ଜାରି ରହିଛି । ବୁଧବାର ସନ୍ଧ୍ୟା ସୁଦ୍ଧା ମୋଟ ୧,୨୦୩ଜଣ ପ୍ରବାସୀ ଜିଲ୍ଲାକୁ ଫେରିଛନ୍ତି । ସେମାନଙ୍କ ମଧ୍ୟରୁ ପଶ୍ଚିମବଙ୍ଗରୁ ସର୍ବାଧିକ ୪୨୬ ଫେରନ୍ତା ଥିବା ବେଳେ ତେଲେଙ୍ଗାନାରୁ ୧୨୭, କର୍ଣ୍ଣାଟକରୁ ୯୯, ତାମିଲନାଡୁରୁ ୯୧ ଜଣ, ଆନ୍ଧ୍ରପ୍ରଦେଶରୁ ୮୪ ଜଣଙ୍କୁ ମିଶାଇ ୨୨ଟି ରାଜ୍ୟରୁ ମୋଟ ୧,୨୦୩ ଜଣ ପ୍ରବାସୀ ମୟୂରଭଞ୍ଜ ଜିଲ୍ଲାକୁ ଫେରିଆସିବା ପରେ ସମସ୍ତଙ୍କୁ ଘରୋଇ ସଙ୍ଗରୋଧ ଓ ସରକାରୀ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି । ଏମାନଙ୍କ ମଧ୍ୟରୁ ବର୍ତମାନ ସରକାରୀ ସଙ୍ଗରୋଧ କେନ୍ଦ୍ରରେ ୧୦୨ ଜଣ ପ୍ରବାସୀ ରହିଥିବା ବେଳେ ୧୭୯ ଜଣ ସଙ୍ଗରୋଧ ମିଆଦ ପୂରଣ କରି ଘରକୁ ଫେରି ଯାଇଛନ୍ତି । ଅବଶିଷ୍ଟ ୯୨୨ ଜଣ ଘରୋଇ ସଙ୍ଗରୋଧରେ ରହିଛନ୍ତି ବୋଲି ପିଡ଼ି ଡ଼ିଆରଡ଼ିଏ ଭବେଶ କୁମାର ନାୟକ ପ୍ରକାଶ କରିଛନ୍ତି । ମୟୂରଭଞ୍ଜ ଜିଲ୍ଲାରେ ୪୬୩ ଟିଏମସି ସେଂଟର ପ୍ରସ୍ତୁତ କ୍ଲଷ୍ଟର ସ୍ତରରେ ୫୬ଟି ଟିଏମସି ସେଣ୍ଟରରେ ୨,୧୭୫ ବେଡ଼ରେ ରହିବା ବ୍ୟବସ୍ଥା ମୟୂରଭଞ୍ଜ ଜିଲ୍ଲାକୁ ଫେରି ଆସୁଥିବା ପ୍ରବାସୀମାନଙ୍କ ରହିବା ନିମନ୍ତେ ଜିଲ୍ଲାରେ ବର୍ତମାନ ପର୍ଯ୍ୟନ୍ତ ୪୬୩ଟି ଟିଏମସି ସେଂଟର ବ୍ୟବସ୍ଥା କରାଯାଇଛି । ଏହା ମଧ୍ୟରୁ କ୍ଲଷ୍ଟର ସ୍ତରରେ ୫୬ଟି ଟିଏମସି ସେଂଟରରେ ୨,୧୭୫ ଜଣ ରହିବା ନିମନ୍ତେ ବେଡ଼ ପ୍ରସ୍ତୁତ ରହିଛି । ଅବଶିଷ୍ଟ ୪୦୮ଟି ଟିଏମସି ସେଂଟର ପଂଚାୟତ ସ୍ତରରେ ଖୋଲା ଯାଇଛି । କ୍ଲଷ୍ଟର ସ୍ତରରେ ଥିବା ଟିଏମସି ସେଂଟରରେ ଉପଲବ୍ଧ ବେଡ଼ ପୂରଣ ହେବା ପରେ ପଂଚାୟତସ୍ତରରେ ଥିବା ଟିଏମସି ସେଂଟରଗୁଡ଼ିକରେ ପ୍ରବାସୀମାନଙ୍କୁ ସଙ୍ଗରୋଧରେ ରଖାଯିବ ଏବଂ ବୁଧବାର ସୁଦ୍ଧା ୧୫ଟି ଟିଏମସିରେ ୧୦୨ ଜଣ ଅବସ୍ଥାନ କରୁଥିବାର ଜଣାପଡ଼ିଛି । ସ୍ୱଳ୍ପ ଲକ୍ଷଣ ଯୁକ୍ତ ଓ ଲକ୍ଷଣ ବିହୀନ ଆକ୍ରାନ୍ତ ପାଇଁ ଜିଲ୍ଲାରେ ରହିଛି ୧,୨୧୦ଶଯ୍ୟା କରୋନାର ଦ୍ୱିତୀୟ ଲହର ମୁକାବିଲା ପାଇଁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ସ୍ୱଳ୍ପ ଲକ୍ଷଣଯୁକ୍ତ ଓ ଆକ୍ରାନ୍ତଙ୍କ ପାଇଁ ଜିଲ୍ଲାର ସଦର ମହକୁମା ବାରିପଦା ବ୍ଲକର ଲକ୍ଷ୍ମୀପୋଷୀଠାରେ ୩୫୦ ଶଯ୍ୟା, ବେତନଟୀ ବ୍ଲକର କେସିପୁରଠାରେ ୧୦୦ ଶଯ୍ୟା, ଉଦଳା ବ୍ଲକର ଜୁଆଳିଆଠାରେ ୧୦୦ ଶଯ୍ୟା, ରାଇରଙ୍ଗପୁରସ୍ଥିତ ଅନ୍ୱେଷାରେ ୨୦୦ ଶଯ୍ୟା, କରଞ୍ଜିଆ ଆଇଆରଏମଏସରେ ୨୦୦ ଶଯ୍ୟା, ଗୋପବନ୍ଧୁନଗର ବ୍ଲକର ଟିଟିଆରେ ୫୦ ଶଯ୍ୟା ଏହିପରି ମୋଟ ୬ଟି କୋଭିଡ଼ କେୟାର ସେଣ୍ଟରେ ଅକ୍ସିଜେନ ସହିତ ୧,୦୦୦ଶଯ୍ୟା ପ୍ରସ୍ତୁତ କରାଯାଇଛି । ଏଥି ସହିତ ପ୍ରତ୍ୟେକ କୋଭିଡ଼ କେୟାର ସେଣ୍ଟରେ ଡ଼ାକ୍ତର, ନର୍ସ ସହିତ ଆବଶ୍ୟକ ସଂଖ୍ୟକ ଔଷଧ, ପୁଷ୍ଟିକର ଖାଦ୍ୟ ଓ ବିଶୁଦ୍ଧ ପାନୀୟ ଜଳର ସମସ୍ତ ବ୍ୟବସ୍ଥା ଉପଲବ୍ଧ ରହିଛି । ସେହିପରି ବାଙ୍କିଶୋଳସ୍ଥିତ କୋଭିଡ଼ ହସ୍ପିଟାଲରେ ୨୦ଟି ଆଇସିୟୁ ଓ ୧୦ଟିରେ ଭେନଟିଲେଟରର ବ୍ୟବସ୍ଥା ଥାଇ ୧୩୦ ଶଯ୍ୟା ଏବଂ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଏକ ସ୍ୱତନ୍ତ୍ର ଆଇସୋଲେସନ ୱାର୍ଡ଼ରେ ୮୦ ଶର୍ଯ୍ୟାକୁ ମିଶାଇ କରୋନା ପଜିଟିଭ ଚିହ୍ନଟ ବ୍ୟକ୍ତିମାନଙ୍କ ଚିକିତ୍ସା ଯୋଗାଇ ଦେବା ନିମନ୍ତେ ମୋଟ ୧,୨୧୦ ଶଯ୍ୟା ପ୍ରସ୍ତୁତ ରହିଛି । ଅପରପକ୍ଷରେ ଶାମାଖୁଂଟା ବ୍ଲକରେ ଆଉ ଅଧିକ ୫୦୦ଶଯ୍ୟା ବିଶିଷ୍ଟ ଏକ କୋଭିଡ଼ କେୟାର କେନ୍ଦ୍ର ଖୁବ ଶୀଘ୍ର କାର୍ଯ୍ୟ କରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ବେହେରାଙ୍କ ନିକଟରୁ ଜଣାପଡ଼ିଛି । ଟିକା ନେଲେଣି ୨ଲକ୍ଷ ୯୪ହଜାର କରୋନାର ଦ୍ୱିତୀୟ ଲହର ସଂକ୍ରମଣର ମୁକାବିଲା ପାଇଁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ମେ ୧୧ ସୁଦ୍ଧା ଜିଲ୍ଲାରେ ୨ଲକ୍ଷ ୯୪ହଜାର ବ୍ୟକ୍ତିଙ୍କୁ ଟିକା କରଣ କରାଯାଇଥିବା ସମୟରେ ୨ଲକ୍ଷ ୩୮ଜଣ ପ୍ରଥମ ଡ଼ୋଜ ଟିକା ନେଇଛନ୍ତି । ଦ୍ୱିତୀୟ ଡ଼ୋଜ ଟିକା ନେବାକୁ ଏବେ ଆହୁରି ୫୬ହଜାରରୁ ଉର୍ଦ୍ଧ୍ୱ ଅପେକ୍ଷା କରିଛନ୍ତି । ଜିଲ୍ଲାରେ ୧୦୩ଟି ଟିକାଦାନ କେନ୍ଦ୍ର ଥିବା ବେଳେ ୭୩ଟି କେନ୍ଦ୍ରରେ ଟିକା ସଂରକ୍ଷିତ ବ୍ୟବସ୍ଥା ଉପଲବ୍ଧ । ତେବେ ଟିକା ଅଭାବ ପାଇଁ କେବଳ ୪୫ବର୍ଷରୁ ଉର୍ଦ୍ଧ୍ୱଙ୍କ ଦ୍ୱିତୀୟ ଡ଼ୋଜ ଟିକାକରଣ ଚାଲିଛି ବୋଲି ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ଡ଼ାକ୍ତର ରୂପଭାନୁ ମିଶ୍ର କହିଛନ୍ତି । ପରବର୍ତୀ ସମୟରେ ଟିକା ଉପଲବ୍ଧ ହେଲେ ୪୫ବର୍ଷରୁ ଅଧିକ ଏବଂ ୧୮ବର୍ଷରୁ ଅଧିକ ବ୍ୟକ୍ତିମାନଙ୍କୁ ପ୍ରଥମ ଡ଼ୋଜ ଟିକା କରଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡ଼ିଛି । ପ୍ରକାଶ ଥାଉକି, ୨୦୧୧ ଜନଗଣନା ଆଧାରରେ ଜିଲ୍ଲାର ଜନସଂଖ୍ୟା ୨୫ ଲକ୍ଷ ୧୯ ହଜାର ୭୩୮ ରହିଥିଲା । ଏମାନଙ୍କ ମଧ୍ୟରୁ ଅଦ୍ୟାବଧି ୨ଲକ୍ଷ ୯୪ ହଜାରଙ୍କୁ ଟୀକା କରଣ କରାଯାଇ ପାରିଛି ।

# ଦୁଇ ଦିନରେ ୪୭ ହଜାର ଜରିମାନା ଆଦାୟ

ଗଞ୍ଜାମ, ୧୩/୫ (ନି.ପ୍ର): ଲକ୍ ଡାଉନ୍ ବେଳେ ଅମାନିଆଙ୍କୁ ସାବାଡ଼୍ କରିବା ପାଇଁ ଗାଙ୍ଗପୁର ପୋଲିସ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି । ଗାଙ୍ଗପୁର, କ୍ଷତ୍ରିୟ ବ୍ରହ୍ମପୁର, ଗୋବରା ଓ କଂଟେଇପଲ୍ଲୀ ବଜାରରେ ଶତାଧିକ ଲୋକଙ୍କ ଭିଡ଼ ଜମିବା ସହ ବହୁ ଅମାନିଆ ବିନା କାରଣରେ ଚକ୍କର କାଟୁଥିବାରୁ ଏଥିପାଇଁ ଗାଙ୍ଗପୁର ଥାନା ଅଧିକାରୀ ଧିରେଶ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଏସଆଇ ସୁଶାନ୍ତ ପ୍ରଧାନ, ସୁଧିର ଦିଗାଲ, ଟୁନା ପିଡ଼ିକା ଏବଂ ଆର୍.କେ. ସାହୁଙ୍କୁ ନେଇ ଗଠିତ ଏକ ଟିମ୍ ବିଭିନ୍ନ ସ୍ଥାନରେ ବ୍ଲକିଂ ଓ ଯାଂଚ୍ କୁ କଡ଼ାକଡ଼ି କରିବା ସହ ଅମାନିଆ ମାନଙ୍କୁ ତାଗିଦ୍ କରିଛନ୍ତି । ମାସ୍କ, ହେଲମେଟ୍ ବ୍ୟବହାର ନକରିବା ଏବଂ ବିଭିନ୍ନ କୋଭିଡ୍ ନିୟମ ଉଲ୍ଲଙ୍ଘନ କରୁଥିବା ଅମାନିଆଙ୍କ ଠାରୁ ମୋଟ୍ ୪୭ ହଜାର ଟଙ୍କା ଜରିମାନା ଆଦାୟ କରିଥିବା ସୂଚନା ମିଳିଛି ।



ପାରାଲିସିସ୍ କିମ୍ୱା ଦୀର୍ଘମିଆଦୀ ରୋଗ ଭୋଗୁଥିବା ଜଣେ ରୋଗୀ, ଯେ କି ନିଜର ସମସ୍ତ ସ୍ୱର୍ଶ ଶକ୍ତି ବା ଅନୁଭବ ଶକ୍ତି ହରାଇ ଦେଇଥାଏ, ସେ ଏହି ପୀଡ଼ାକୁ ଅନୁଭବ କରିପାରେ ନାହିଁ କିମ୍ୱା ନିଜର ଅବସ୍ଥିତିକୁ ପରିବର୍ତ୍ତନ କରିପାରେ ନାହିଁ । ଫଳରେ ଦୀର୍ଘ ସମୟର ଚାପ ହେତୁ ତା' ଦେହରେ ବେଡ୍‌ସୋର୍ ହୋଇଥାଏ ।

# ଅଜାଗା ଘା'

ସାଧାରଣତଃ ଓଡ଼ିଆରେ ଗୋଟିଏ ଲୋକପ୍ରିୟ ଆପ୍ତବାକ୍ୟ ରହିଛି- 'ଅଜାଗା ଘା' କାହାକୁ ଦେଖିହୁଏ ନାହିଁ କି ଦେଖାଇ ହୁଏ ନାହିଁ ।' ଅର୍ଥାତ୍ ଶରୀରର ଅଭ୍ୟନ୍ତର ତଥା ଗୋପନୀୟ ସ୍ଥାନରେ ଯନ୍ତ୍ରଣାସିକ୍ତ ଘା', ସ୍ୱାଭାବିକ ଭାବରେ ଦେଖିହୋଇ ନଥାଏ କି ଲଜ୍ଜାବଶତଃ ଜଣେ କାହାକୁ ଦେଖାଇ ମଧ ପାରିନଥାଏ । ତେବେ ସମ୍ପ୍ରତି ଚିକିତ୍ସା ପଦ୍ଧତିର ବ୍ୟାପକତା ଓ ସ୍ୱାସ୍ଥ୍ୟ ପ୍ରଯୁକ୍ତିରେ ବିସ୍ମୟାତୀତ ଭାବରେ ବିଭିନ୍ନ ଅତ୍ୟାଧୁନିକ ସର୍ଜରୀ ପଦ୍ଧତି ବା ଔଷଧ ବ୍ୟବହାରରେ ଅଜାଗା ଗା' ଆଉ ସେପରି ଭୟଙ୍କର ହୋଇ ରହିନାହିଁ ।

ଅଚଳ ଅବସ୍ଥାରେ ଜଣେ ଲୋକ ବିଛଣାରେ ଶୋଇ ରହିଲେ ଦେହର ଯେଉଁ ସ୍ଥାନ ବିଛଣାର ସଂସ୍ୱର୍ଶରେ ଆସୁଥାଏ, ସାଧାରଣତଃ ସେହିଠାରେ ହିଁ ବେଡ୍‌ସୋର ହୋଇଥାଏ । ଏହି ସ୍ଥାନଗୁଡ଼ିକ ଭିତରେ ଦୁଇ ଗୋଇଠି, ପିଚା, ଦୁଇ କହୁଣି, ମେରୁ ହାଡ଼ର ନିମ୍ନଭାଗ ବା ତ୍ରିକାସ୍ଥି ଅଞ୍ଚଳ, କାନ୍ଧଫଳକ ଆଦି ପ୍ରଧାନ । ଦେହର ଓଜନ ସାଧାରଣତଃ ଏହିସବୁ କେନ୍ଦ୍ର ଦେଇ ବିଛଣାକୁ ବା ଭୂମିକୁ ଗତି କରିଥାଏ ଓ ସେଇଥିପାଇଁ ଏହିସବୁ ଅଞ୍ଚଳର ଅଧିକ ଚାପ ପଡ଼ି ବେଡ୍‌ସୋର୍ ହୋଇଥାଏ ।

ଏହି ଅଞ୍ଚଳଗୁଡ଼ିକରେ ଦେହର ଓଜନର ଚାପ ଏତେ ଅଧିକ ପରିମାଣର ପଡ଼େ ଯେ, ଏଠାରେ ଥିବା ରକ୍ତନଳୀଗୁଡ଼ିକ ଚାପି ହୋଇ ସଂକୁଚିତ ଓ ରକ୍ତଶୂନ୍ୟ ହୋଇଯାନ୍ତି । ଫଳରେ ସେହିସବୁ ଅଞ୍ଚଳକୁ



ଆଉ ରକ୍ତ ପ୍ରବାହିତ ହୋଇପାରେ ନାହିଁ । ଏହାଦ୍ୱାରା ସେହିସବୁ ଅଞ୍ଚଳର ତନ୍ତୁଗୁଡ଼ିକ ଆବଶ୍ୟକ ପୁଷ୍ଟି ପାଇ ପାରନ୍ତି ନାହିଁ ଓ ମୃତ ହୋଇଯାନ୍ତି । ତନ୍ତୁ ମୃତ ହୋଇଗଲେ କ୍ଷତ ବା ଘା' ସୃଷ୍ଟି ହୁଏ । ଏହି କ୍ଷତକୁ ହିଁ ବେଡ୍‌ସୋର୍ କୁହାଯାଏ ।

ବିଛଣାରେ ଶୋଇଥିବା ବେଳେ ଏହିସବୁ ଅଞ୍ଚଳରେ ଦେହର ଚାପ ପଡ଼ିଲେ ଜଣେ ସାଧାରଣ ସୁସ୍ଥ ଲୋକ ତାହା ସହଜରେ ଅନୁଭବ କରିପାରେ । ଏହା ଯୋଗୁଁ ତାକୁ ସାମାନ୍ୟ ପୀଡ଼ା ହୁଏ ଓ ତାହା ଜାଣି ପାରି ସେ ନିଜର ଅବସ୍ଥିତି ବଦଳାଇ ଦେଇ କଡ଼ ଲେଉଟାଇ ଶୁଏ । କିନ୍ତୁ ପାରାଲିସିସ୍ କିମ୍ୱା ଦୀର୍ଘମିଆଦୀ ରୋଗ ଭୋଗୁଥିବା ଜଣେ ରୋଗୀ, ଯେ କି ନିଜର ଅବସ୍ଥିତିକୁ ପରିବର୍ତ୍ତନ କରିପାରେ ନାହିଁ । ଫଳରେ ଦୀର୍ଘ ସମୟର ଚାପ ହେତୁ ତା' ଦେହରେ ବେଡ୍‌ସୋର୍ ହୋଇଥାଏ ।

ଅତି ବୃଦ୍ଧ ଲୋକମାନେ ନିଜ ଦେହର ପୀଡ଼ା ସାମାନ୍ୟ ପରିମାଣରେ ଅନୁଭବ କରିପାରୁଥିଲେ ମଧ ନିଜର ଅବସ୍ଥାନ ପରିବର୍ତ୍ତନ କରିବା ପାଇଁ ଶକ୍ତିହୀନ ହୋଇପଡ଼ିଥାନ୍ତି । ଫଳରେ ଗୋଟିଏ ଅବସ୍ଥାରେ ଶୋଇ ରହି ସେମାନେ ବେଡ୍‌ସୋର୍ ଭୋଗିଥାନ୍ତି ।

ଖାଦ୍ୟାଭାବ, ମନ୍ଦ ପୁଷ୍ଟି, ରକ୍ତହୀନତା ଆଦି ରୋଗରେ ରୋଗୀ ନିଜର ଚଳତ୍‌ଶକ୍ତି ହରାଇବସେ ଓ ବିଛଣାରେ ଏପଟ ସେପଟ ହୋଇପାରେ ନାହିଁ । ଫଳରେ ଖୁବ୍ ସହଜରେ ସେ ବେଡ୍‌ସୋରରେ ଶିକାର ହୁଏ । ଅତି କ୍ଷୀଣକାୟ ଲୋକମାନଙ୍କର ଅସ୍ଥି ଓ ଚର୍ମ ମଧରେ ଅତି ଅଳ୍ପ ପରିମାଣରେ ଚର୍ବି ରହିଥାଏ, ଯାହା ଫଳରେ ଚାପ ପଡୁଥିବା ଅଞ୍ଚଳଗୁଡ଼ିକରେ ଅଧିକ ଚାପ ପଡ଼ି ବେଡ୍‌ସୋର୍ ସୃଷ୍ଟି ହୋଇଥାଏ ।

ତେବେ ଅନେକ ରୋଗୀଙ୍କ କ୍ଷେତ୍ରରେ ଦେଖାଯାଇଥାଏ କି ସବୁ ଘା' ବେଡ୍‌ସୋର୍ ହୋଇନଥାଏ । ଭୁଲ ଭାବରେ ବା ଅପ୍ରଶିକ୍ଷିତ ଭେଷକ ତତ୍ତ୍ୱାବଧାରକମାନଙ୍କଠାରୁ ଯନ୍ତ୍ରଣା ନିବାରକ, ଆଣ୍ଟିବାୟୋଟିକ୍ ଇଂଜେକ୍‌ସନ୍ ନେବା ଦ୍ୱାରା ମଧ କ୍ଷତଟି ପରବର୍ତ୍ତୀ ସମୟରେ ଭୟଙ୍କର ଘା'ର ରୂପ ନେଇ ତାହା ଅପରେସନ୍ ବା ସ୍ଥଳବିଶେଷରେ ପ୍ଲାଷ୍ଟିକ୍ ସର୍ଜରୀର ସହାୟତା ନେବାକୁ ପଡ଼ିଥାଏ । ଯାହାକି ବହୁ ବ୍ୟୟବହୁଳ ଓ ସମୟସାପକ୍ଷ । ଜଣକରର ନିର୍ଦ୍ଦିଷ୍ଟ ଚିକିତ୍ସା ବା ନିଦାନ ବ୍ୟବସ୍ଥା ପାଇଁ ଭେଷକ ଚିକିତ୍ସକ ବା ଶଲ୍ୟ ବିଶେଷଜ୍ଞ ନିର୍ଦ୍ଧାରିତ ଭାବରେ ରୋଗୀ ପାଇଁ ସ୍ୱାସ୍ଥ୍ୟପଯୋଗୀ ଚିକିତ୍ସା ବ୍ୟବସ୍ଥା କରିଥାନ୍ତି । ତଥାପି ସଚେତନତାର ଅଭାବ, ଅପରିସ୍କାର ତ୍ୱଚା ବା ଶରୀର ପାଇଁ ବେଡ୍‌ସୋର୍ ପରି ବା ସେହିପରି ଦୀର୍ଘକାଳୀନ ଘା'ର ଚିକିତ୍ସା ଭିନ୍ନ ଭିନ୍ନ ଡ୍ରେସିଂ ଓ ଘା'ରେ ପାଣିସେକ ଦ୍ୱାରା ମଧ ରୋଗୀ ଦ୍ରୁତ ଆରୋଗ୍ୟ ଲାଭ କରୁଛନ୍ତି ।



## ସତର୍କତା :

- ବେଡସୋର୍ ବା ସେହିପରି ଯନ୍ତ୍ରଣାଦାୟକ ଘା' ପାଇଁ ଭୟଭୀତ ହୁଅନ୍ତୁ ନାହିଁ ।
- ଗୁଣିଗାରେଡି, ହୁକୁମ୍ ବା ଦେଶୀୟ ଚିକିତ୍ସା ଅପେକ୍ଷା ତୁରନ୍ତ ସର୍ଜରୀ ବିଶେଷଜ୍ଞଙ୍କ ସାହାଯ୍ୟ ନିଅନ୍ତୁ ।
- ରୋଗୀ ନିଜର ବିଛଣାପତ୍ର ପରିଷ୍କାର ରଖନ୍ତୁ, ସ୍ନାନ ନ କରୁଥିଲେ ଚିକିତ୍ସକଙ୍କ ପରାମର୍ଶାନୁଯାୟୀ
- ଦେହର ସବୁ ଆଡ଼େ ଉଷୁମ ପାଣିରେ ଡେଟଲ୍ ବା ସାଭଲନ୍ ପାଣିରେ ପୋଛି ଦିଅନ୍ତୁ । ଦେହରେ ସ୍ୱାସ୍ଥାନୁମୋଦିତ ପାଉଡର ବ୍ୟବହାର କରିପାରନ୍ତି ।
- ଘା' ସଫା ବା ସଂସ୍ୱର୍ଶରେ ଆସୁଥିବା ବର୍ଜ୍ୟବସ୍ତୁ ଗଜ୍ ଇତ୍ୟାଦି ଘରଠାରୁ ଯଥେଷ୍ଟ ଦୂରରରେ ପୋଡ଼ି ଦିଅନ୍ତୁ ।
- ରୋଗୀଙ୍କ ସଂସ୍ୱର୍ଶରେ ଆସୁଥିବା ଚିକିତ୍ସକ ବା ଡ୍ରେସର୍‌ଙ୍କ ସମେତ ସମସ୍ତେ ଗ୍ଲୋଭ୍‌ସ ବ୍ୟବହାର କରିବା କଥା କିମ୍ୱା ହାଇଜେନିକ୍ ସାବୁନ୍‌ରେ ହାତ ସଫା ରଖନ୍ତୁ ।
- ଦୀର୍ଘ ଦିନ ଘା' ଶୁଖିବା ମଧୁମେହର ବି ଅନ୍ୟତମ ଲକ୍ଷଣ । ରକ୍ତ ଅପରିଷ୍କାରର ଭୟ ରହିଛି । ରକ୍ତ ପରୀକ୍ଷା ଏ କ୍ଷେତ୍ରରେ ଜରୁରୀ ।
- କ୍ଷତର ଅଭ୍ୟନ୍ତରରେ ଗଜ୍ ବା ତୁଳା ସଦାସର୍ବଦା ଧୂଳି ଓ ପବନଠାରୁ ଦୂରେଇ ରହିବା ଅତ୍ୟନ୍ତ ଜରୁରୀ । ଷ୍ଟେରିଲାଇଜ୍‌ଡ ଜିନିଷ ବ୍ୟବହାର କରନ୍ତୁ ।
- ଏହା ପାଇଁ ବିଚଳିତ, ଚିନ୍ତିତ ନ ହୋଇ ବରଂ ଭଲ ଭାବରେ ଡ୍ରେସିଂ ହୋଇ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ନିଜ ଦାୟିତ୍ୱ ଓ କର୍ମରେ ବ୍ୟସ୍ତ ରୁହନ୍ତୁ ।
- ସଦା ସର୍ବଦା ଈଶ୍ୱର ଚିନ୍ତନରେ ନିମଗ୍ନ ରହି ନିଜେ ଜଣେ ରୋଗୀ ଏ ଚିନ୍ତା ଆଦୌ ମନ ଭିତରକୁ ଆଣନ୍ତୁ ନାହିଁ, ଦେଖିବେ ଆପଣ ଜାଣିନଥିବେ କିନ୍ତୁ ଘା' ବା କ୍ଷତ ଜମା ନଥିବ ।

## ଭୁଲି ଯାଆନ୍ତୁ ଔଷଧ

ପ୍ରତିଦିନ ରାତିରେ ୫ଟି ପିସ୍ତା ବାଦାମକୁ ଭିଜାଇ, ସକାଳେ ଏହାକୁ ଖାଇ ଆପଣ ପିଅନ୍ତୁ । ଦେଖିବେ ଲୋ ବ୍ଲଡ ପ୍ରେସରରୁ ଆରାମ ମିଳିବା ସହ ସ୍ମରଣ ଶକ୍ତିକୁ ବି ପ୍ରଖର ହେବ ।

ଗଣ୍ଠି ଯନ୍ତ୍ରଣାରୁ ବ୍ୟସ୍ତ ଅଛନ୍ତି, ତା ହେଲେ ଅମୃତଭଣ୍ଡାର କୋମଳ ପତ୍ରକୁ ବାଟି ଯନ୍ତ୍ରଣା ହେଉଥିବା ସ୍ଥାନରେ ଲଗାନ୍ତୁ ଆରାମ ମିଳିବ ।

ତୁଳସୀ ମଞ୍ଜିକୁ ବଡ଼ ଦାନା ମୁକ୍ତ ଚିନି ଓ କ୍ଷୀର ସହିତ ମିଶାଇ ପିଇଲେ ମୂତ୍ରାଶୟରେ ଅଟକି ଥିବା ଷ୍ଟୋନ ଦୂର ହୋଇଥାଏ ।

ପ୍ରତିଦିନ ସକାଳୁ ଖାଲି ପେଟରେ ଅଧା ଚାମଚ ମେଥି ଚୂର୍ଣ୍ଣକୁ ନଖ ଉଷୁମ ପାଣିରେ ମିଶାଇ ସେବନ କଲେ ଗଣ୍ଠି ଯନ୍ତ୍ରଣାରୁ ଉପଶମ ମିଳିବ ।



## ଦିନ ବେଳା ଶୁଅନ୍ତୁ ନାହିଁ

ଗବେଷକଗଣ ବିଭିନ୍ନ ବର୍ଗର ଓ ପ୍ରାନ୍ତର ୩ଲକ୍ଷ ବ୍ୟକ୍ତିଙ୍କୁ ନେଇ ୨ବର୍ଷ ଗବେଷଣା କରିବା ପରେ ଏକ ଜରୁରୀ ତଥ୍ୟ ପ୍ରକାଶ କରିଛନ୍ତି । ସେମାନଙ୍କ ତଥ୍ୟରୁ ପ୍ରକାଶିତ ଯେ ଦିନବେଳା ଲୋକେ ଶୋଇବା ସ୍ୱାସ୍ଥ୍ୟ ପାଇଁ ସମ୍ପୂର୍ଣ୍ଣ କ୍ଷତିକାରକ । ଯଦିଓ ବୟସ୍କ ଲୋକଙ୍କୁ ଥକାପଣ ଲାଗୁଛି କିମ୍ୱା ନିଦ ଦିନେବେଳା ଅଧିକ ଲାଗୁଛି, ତେବେ ସେମାନେ ପୁସ୍ତକ ପଢ଼ିବା ଉଚିତ ନଚେତ ଅନ୍ୟ କୌଣସି କାମରେ ନିଜକୁ ବ୍ୟସ୍ତ ରଖିବା ଆବଶ୍ୟକ । କାରଣ ଦିନବେଳା ଶୋଉଥିବା ବ୍ୟକ୍ତିଙ୍କୁ ମଧୁମେହ ଆକ୍ରାନ୍ତ ହେବାର ସମ୍ଭାବନା ସର୍ବାଧିକ ।

## ମହିଳାଙ୍କୁ ଅଧିକ ବିଶ୍ରାମର ଆବଶ୍ୟକତା



ପ୍ରତ୍ୟେକ ପରିବାରରେ ମହିଳାଙ୍କ ଦାୟିତ୍ୱ ସବୁଠୁ ଅଧିକ, ଏହି ତଥ୍ୟକୁ ଆମେ ସ୍ୱୀକାର ନ କଲେ ମଧ ଏହା ନିରାଟ ସତ । ଏକବିଂଶ ଶତାବ୍ଦୀର ମହିଳାମାନେ କର୍ମଚଞ୍ଚଳ ହେବା ସହ ଅଧିକ ଦାୟିତ୍ୱବାନ୍ ଓ ସଚେତନ ହୋଇପଡ଼ିଛନ୍ତି । ଇଂଲଣ୍ଡରେ କର୍ମଜୀବୀ ମହିଳାଙ୍କୁ 'ମଲ୍ଟିଟାସ୍କର' ଭାବେ ଜଣାଯାଏ । ପରିବାର କଥା ହେଉ ଅବା ଅନ୍ୟ କିଛି ବିଷୟ ସବୁ ବାବଦରେ ସେମାନେ ଚିନ୍ତିତ ରହିଥାନ୍ତି । ନିକଟରେ ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ପ୍ରାୟ ୩୭% ରୁ ଅଧିକ ମହିଳା ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହା ପଛର କାରଣ ହେଲା ସେମାନଙ୍କୁ ପର୍ଯ୍ୟାପ୍ତ ବିଶ୍ରାମ ମିଳୁନାହିଁ । ମହିଳାଙ୍କ ମସ୍ତିଷ୍କକୁ ବିଶ୍ରାମ ମିଳିବା ନିତାନ୍ତ ଜରୁରୀ ହୋଇପଡ଼ିଛି । ଅତିକମ୍‌ରେ ଗୋଟିଏ ଦିନ ଭିତରେ ୭-୮ଘଣ୍ଟା ସେମାନେ ଶୋଇବା ଆବଶ୍ୟକ । ନଚେତ ଏହାର ପ୍ରଭାବରେ ମହିଳାମାନେ ଅବସାଦ ରୋଗର ଶିକାର ହେବାର ସମ୍ଭାବନା ସର୍ବାଧିକ । ଗର୍ଭାବସ୍ଥା ସମୟରେ ସେମାନେ ନିଜ ସ୍ୱାସ୍ଥ୍ୟ ବାବଦରେ ସବୁଠୁ ଅଧିକ ସଚେତନ ରହିବା ଆବଶ୍ୟକ ବୋଲି ବିଶେଷଜ୍ଞଙ୍କ ମତ । ଆମେରିକୀୟ ଗବେଷକଙ୍କ ମତରେ ରବିବାର ଛୁଟିରେ ପରିବାର ପୁରୁଷମାନେ ନିଜ ଛୁଟିର ପ୍ଲାନିଂ କରୁଥିବାବେଳେ ମହିଳାମାନେ କିନ୍ତୁ ବିଶ୍ରାମ ପାଆନ୍ତି ନାହିଁ । ଏଣୁ ପ୍ରଥମେ ପରିବାରର ଲୋକେ ହିଁ ମହିଳାଙ୍କ ପ୍ରତି ସଚେତନ ହେବା ଜରୁରୀ ଅଟେ ।



## କୋକେନ୍ ନିଶା ଦୂର କରିବ ବ୍ୟାୟାମ




ଚିନ୍ତା, ମାନସିକ ଚାପ, ନକାରାତ୍ମକ ଭାବନା ଓ ଜୀବନ ପ୍ରତି ବିତୃଷ୍ଣା ଭାବ ଆଦି ଅନେକ କାରଣରୁ କିଛି ଲୋକେ କୋକେନ ନିଶାରେ ପଡ଼ିଯାଆନ୍ତି । କିନ୍ତୁ ନିୟମିତ ଏରୋବିକ୍ କରିବା ଦ୍ୱାରା ମାନସିକ ଚାପଜନିତ କୋକେନ ନିଶା ହ୍ରାସ ପାଏ । ଏ ନେଇ ପଶୁଙ୍କ ଉପରେ ଅଧ୍ୟନ କରାଯାଇଛି । ଚାପଜନିତ ବ୍ୟବହାରିକ ଓ ମାନସିକ ପ୍ରତିକ୍ରିୟାରେ ମଧ ବ୍ୟାୟାମ ପରିବର୍ତ୍ତନ ଆଣେ । କୋକେନ ନିଶାରେ କବଳିତ ବ୍ୟକ୍ତିଙ୍କଠାରେ ଚାପଜନିତ ସ୍ନାୟବିକ, ବ୍ୟବହାରିକ ଓ ମାନିସକ ପ୍ରତିକ୍ରିୟାରେ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ୟୁବି ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଅନ ଆଡିକ୍ସନସ ଆଣ୍ଡ ଡିପାର୍ଟମେଣ୍ଟ ଅଫ୍ ଫାର୍ମାକୋଲୋଜି ଆଣ୍ଡ ଟକ୍ସିକୋଲେଜିର ବରିଷ୍ଠ ବୈଜ୍ଞାନିକ ଥାନୋସ ଏହି ଅଧ୍ୟନର ନେତୃତ୍ୱ ନେଇଥିଲେ । ବ୍ୟୟାମ କିପରି ମସ୍ତିଷ୍କର ମେସୋଲିମ୍ବିକ୍ ଡୋପାମାଇନ ମାର୍ଗକୁ ପରିବର୍ତ୍ତନ କରିପାରେ, ଯାହା କୋକେନ ଭଳି ଔଷଧର ଗୁଣ ସହ ସଂଶ୍ଲିଷ୍ଟ ସଦ୍ୟ ଅଧ୍ୟନରେ ତାହା ଦର୍ଶାଯାଇଛି । ଏଥିସହ ବ୍ୟାୟାମ ଚାପ ହରମୋନକୁ ହ୍ରାସ କରିବା ସହିତ ମନ ଭଲ ରଖେ । ଉଦବେଗ ଓ ନକାରାତ୍ମକ ଭାବନା ଦୂରୀକରଣ ସହ ଏହାର ସମ୍ପର୍କ ରହିଥିବା ବିହେଭିଓରାଲ ବ୍ରେନ ରିସର୍ଚ୍ଚ ପତ୍ରିକାରେ ଅଧ୍ୟୟନଟି ପ୍ରକାଶ ପାଇଛି ।

## ମଙ୍ଗୌଡ଼ି ପାମ୍ପଡ଼ ତରକାରି

ମୁଗ ଡାଲିକୁ ଭିଜାଇ ପେଷ୍ଟ କରି ତାହାକୁ ବଡ଼ି ଆକାରରରେ କରି ଖରାରେ ଶୁଖାଇ ଦିଆଯାଏ । ଶୁଖିଗଲା ପରେ ତାହାକୁ ଡବାରେ ରଖି ଆବଶ୍ୟକ ସମୟରେ ବ୍ୟବହାର କରାଯାଏ ।



**ଆବଶ୍ୟକ ସାମଗ୍ରୀ:**

ମଙ୍ଗୌଡ଼ି- ଅଧା କପ୍, ମାଧ୍ୟମ ଆକାରର ପାମ୍ପଡ଼-୨ଟି, କଦ୍ଦୁକଷ ହୋଇଥିବା ଅଦା-୧ ଛୋଟ ଚାମଚ, କଞ୍ଚା ଲଙ୍କା-୧ଟି, ଜିରା- ୧ ଚାମଚ, ହିଙ୍ଗୁ- ୧ ଚୁଟ୍‌କି, ହଳଦୀ-୧/୪ ଚାମଚ, ଧନିଆ ପାଉଡର-୧/୨ ଚାମଚ, ଲଙ୍କା ପାଉଡର-୧/୨ ଚାମଚ, ସ୍ୱାଦ ଅନୁସାରେ ଲୁଣ, ଘିଅ-୧/୨ ଚାମଚ, ଗରମ ମସଲା-୧/୨ ଚାମଚ, ପାଣି-୨ କପ୍, କଟା ଯାଇଥିବା ଧନିଆ ପତ୍ର ।

**ପ୍ରଣାଳୀ:**

କଞ୍ଚା ଲଙ୍କାକୁ କଟା ହେବ । କୁକର୍‌ରେ ଘିଅ ଗରମ କରି ସେଥିରେର ଜିରା ପକାଇ କିଛି ସମୟ ରଖନ୍ତୁ । ଏବେ ସେଥିରେ ହିଙ୍ଗୁ ପକାନ୍ତୁ । କଦ୍ଦୁକଷ ହେଇଥିବା ଅଦାକୁ ପକାଇ ଭାଜନ୍ତୁ । ଏବେ ସେଥିରେ ମଙ୍ଗୌଡ଼ି ପକାନ୍ତୁ । ମଙ୍ଗୌଡ଼ି ଭାଜି ହେବା ପାଇଁ ୨-୩ ମିନିଟ୍ ଲାଗିବ । ଏବେ ସେଥିରେ କଞ୍ଚା ଲଙ୍କା, ଲୁଣ, ଲଙ୍କା ପାଉଡର, ହଳଦୀ ଓ ଧନିଆ ପାଉଡର ଦେଇ ଭଲ ଭାବରେ ମିଶାଇ ଦିଅନ୍ତୁ । ତା' ପରେ ସେଥିରେ ଦୁଇ କପ୍ ପାଣି ମିଶାଇ ଫୁଟାନ୍ତୁ । କୁକର୍‌ରେ ଘୋଡ଼ଣୀ ହୋଇ ଗୋଟେ ସିଟି ମାରିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । କଡ଼ାଇରେ ରାନ୍ଧୁଥିଲେ ମଧମ ଆଞ୍ଚରେ ମଙ୍ଗୌଡ଼ି ସିଝିବା ପର୍ଯ୍ୟନ୍ତ ତରକାରିକୁ ଘୋଡ଼େଇ ରଖନ୍ତୁ । ପାମ୍ପଡ଼କୁ ଦେଢ଼ ବା ଦୁଇ ଇଞ୍ଚର ଭାଙ୍ଗି ମଙ୍ଗୌଡ଼ିରେ ପକାନ୍ତୁ । ୨-୩ ମିନିଟ୍ ଆଞ୍ଚରେ ରଖନ୍ତୁ । ତରକାରିରେ ପାଣି କମ୍ ହୋଇଗଲେ ଗରମ ପାଣି ମିଶାଇ କିଛି ସମୟ ଫୁଟାଇ ଗ୍ୟାସ୍ ବନ୍ଦ କରନ୍ତୁ । ଏବେ ଧନିଆ ପତ୍ର ପକାଇ ସର୍ଭ କରନ୍ତୁ । ଏହି ତରକାରୀ ପରଟା, ପୁରି ଓ ଭାତ ସହିତ ମଧ ଖାଇପାରିବେ ।

## ସ୍ୱାସ୍ଥ୍ୟ ମନ୍ତ୍ର

କାହା ପାଇଁ କେତେ କାଲୋରି: ସାଧାରଣ କାମ କରୁଥିବା ୬୦ କିଲୋ ଓଜନର ପୁରୁଷଙ୍କ ଦୈନିକ ଆବଶ୍ୟକତା ହେଉଛି ୨୪୨୫ କାଲୋରି । ଏହି ବର୍ଗର ପୁରୁଷ ମଧ୍ୟମ ଧରଣର ଶ୍ରମ କରୁଥିଲେ, ୩୮୦୦ କାଲୋରି । ସେହିପରି ସାଧାରଣ କାମ କରୁଥିବା ୫୦ କିଲୋ ଓଜନର ମହିଳାଙ୍କ ଦୈନିକ ଆବଶ୍ୟକତା ହେଉଛି ୧୮୭୫ କାଲୋରି । ଏହି ବର୍ଗର ମହିଳା ମଧ୍ୟମ ଧରଣର ଶ୍ରମ କରୁଥିଲେ, ଦରକାର ୨୨୨୫ କାଲୋରି । ଆଉ ଅଧିକ ଶ୍ରମ କରୁଥିଲେ, ୨୯୨୫ କାଲୋରି । ୫୦ କିଲୋ ଓଜନର ଗର୍ଭବତୀ ମହିଳାଙ୍କର ଲୋଡ଼ା ୩୨୨୫ କାଲୋରି ଏବଂ ସ୍ତନ୍ୟପାନ କରାଉଥିଲେ ୩୪୭୫ କାଲୋରି । ୧୩-୧୫ ବର୍ଷ ବୟସ୍କ ବାଳକ (୪୮ କିଲୋ)ର ଲୋଡ଼ା ୨୪୫୦ କାଲୋରି ଏବଂ ବାଳିକାର (୪୭କିଲୋ) ୨୦୬୦ କାଲୋରି । ସେହିପରି ୧୬-୧୮ ବଷୟ ବୟସ୍କ ବାଳକ (୫୭ କିଲୋ) ୨୦୬୦ କାଲୋରି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମହାସଙ୍କଟର ବେଳ....

କରୋନା ମହାମାରୀର ଦ୍ୱିତୀୟ ଲହର ଚଳିତମାସ ଶେଷ ସପ୍ତାହ ସୁଦ୍ଧା ଭାରତରେ ଶୀର୍ଷ ଛୁଇଁବ ବୋଲି ଭୂତାଣୁବିଜ୍ଞାନୀମାନେ ଯେଉଁ ପୂର୍ବାନୁମାନ କରିଛନ୍ତି, ତାହାର ସତ୍ୟତା ଯାହା ହୋଇଥାଉ ନା କାହିଁକି, ଗତ ଦୁଇ ତିନି ଦିନ ଧରି ଦେଶରେ ନୂତନ ସଂକ୍ରମିତ ଏବଂ କରୋନାଜନିତ ମୃତ୍ୟସଂଖ୍ୟା ହ୍ରାସ ସରକାର ଓ ଜନସାଧାରଣଙ୍କ ମନରେ କିଛିଟା ଆଶ୍ୱସ୍ତି ପହଂଚାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଦିନ ଜାରି କରାଯାଇଥିବା ସୂଚନା ଅନୁସାରେ, ଗତ ଚବିଶ ଘଂଟା ମଧ୍ୟରେ ଦେଶରେ ୩ ଲକ୍ଷ ୨୯ ହଜାର ଲୋକ ନୂତନଭାବେ ଏହି ମହାମାରୀରେ ଆକ୍ରାନ୍ତ ହୋଇଥିବା ଚିହ୍ନଟ ହୋଇଥିବାବେଳେ ମୃତ୍ୟୁସଂଖ୍ୟା ୩ ହଜାର ୮୭୬ ରହିଛି। ଆଶ୍ୱସ୍ତିର କଥା ଯେ, କେଇ ସପ୍ତାହ ପରେ ଦୈନିକ ସଂକ୍ରମିତଙ୍କ ସଂଖ୍ୟା ଚାରି ଲକ୍ଷରୁ ତଳକୁ ଖସିଛି ଏବଂ ମୃତୁସଂଖ୍ୟା ମଧ୍ୟ ଚାରି ହଜାରରୁ ହ୍ରାସ ପାଇଛି। କରୋନା ବିରୋଧୀ ସଂଗ୍ରାମରେ ଏହା ହୁଏତ ଏକ କ୍ଷୁଦ୍ର ସଫଳତା ହୋଇପାରେ, କିନ୍ତୁ ଏହା ଯେ ସାଫଲ୍ୟରେ ଅୟମାରମ୍ଭ ତାହା ବେଶ୍ ଆଶ୍ୱସ୍ତିକର କଥା। ଲକ୍ଷ୍ୟ କରିବା କଥା, ଦ୍ୱିତୀୟ ଲହର ଆରମ୍ଭ ହେବାବେଳେ ଯେଉଁସବୁ ରାଜ୍ୟରେ ଏହି ମହାମାରୀ ବଶେଷ ପ୍ରକୋପ ଦେଖାଇଥିଲା ସେଠାରେ ଏବେ ତାହାର ମାତ୍ରା ହ୍ରାସ ପାଇଥିବାବେଳେ ଅନ୍ୟ ରାଜ୍ୟମାନଙ୍କରେ ଏହା ଅଧିକ ସଂଖ୍ୟାରେ ବ୍ୟାପି ଚାଲିଛି। ଉଦାହରଣସ୍ୱରୂପ, ମହାରାଷ୍ଟ୍ରରେର ଗତ ମାର୍ଚ୍ଚ ଓ ଏପ୍ରିଲ ମାସରେ ଯେଉଁମାତ୍ରାରେ କରୋନା ବ୍ୟାପୁଥିଲା ତାହା ଏବେ କମିଛି। ଯଦିଓ ଏବେସୁଦ୍ଧା ସେଠାରେ ଦୈନିକ ମୃତ୍ୟୁସଂଖ୍ୟା ଚାରିଶହ ଉପରେ ରହିଛି, ଆହୁରି ଅନେକ ରାଜ୍ୟ ଏବେ ମହାରାଷ୍ଟ ପାଖାପାଖି ଅବସ୍ଥାରେ ପହଂଚିଛି। ସେମାନଙ୍କ ଭିତରେ କର୍ଣ୍ଣାଟକ, ଦିଲ୍ଲୀ ଓ ଉତ୍ତରପ୍ରଦେଶ ଭଳି ରାଜ୍ୟ ଅଛନ୍ତି। ସେମାନଙ୍କ ପଛକୁ ପଂଜାବ, ହରିଆନା, ଉତ୍ତରାଖଣ୍ଡ, ଝାରଖଣ୍ଡ, ବିହାର, ଛତିଶଗଡ଼ ଓ ମଧ୍ୟପ୍ରଦେଶ ଭଳି ରାଜ୍ୟ ଅଛନ୍ତି। ଫେବୃଆରୀ ଶେଷ ଏବଂ ମାର୍ଚ୍ଚ ପ୍ରାରମ୍ଭରେ କରୋନାର ଦ୍ୱିତୀୟ ଲହରକୁ ନେଇ ଦେଶ ଯେତିକି ସତର୍କ ହେବା କଥା ତାହା ହୋଇନଥିଲା, ଯାହାଫଳରେ ଦୈନିକ ନୂତନ ପଜିଟିଭ୍ ସଂଖ୍ୟା ଏପ୍ରିଲ ପ୍ରାରମ୍ଭରେ ୮୦ ହଜାର ଥିବାବେଳେ ମେ ମାସ ଦ୍ୱିତୀୟ ସପ୍ତାହ ବେଳକୁ ତାହା ଚାରି ଲକ୍ଷକୁ ଟପିସାରିଥିଲା। ସେହି ସମୟ ଭିତରେ ଦୈନିକ ମୃତ୍ୟୁସଂଖ୍ୟା ୪୦୦ରୁ ବୃଦ୍ଧିପାଇ ଚାରି ହଜାରକୁ ମଧ୍ୟ ଅତିକ୍ରମ କରିଗଲା। ତେଣୁ ଏପ୍ରିଲ ମାସଟି ହିଁ ଦେଶପାଇଁ ସବୁଠାରୁ ଭୟଙ୍କର ରହିଥିଲା ଏବଂ ଏବେ ସୁଦ୍ଧା ବିପଦ ଟଳିନଥିଲେ ମଧ୍ୟ ଏଥିରେ ସାମାନ୍ୟ କୋହଳ ଲକ୍ଷ୍ୟ କରାଯାଇଛି। ଦେଶର ଅଧିକାଂଶ ରାଜ୍ୟ ଲକଡାଉନ୍ ଘୋଷଣା କରିବା ପରେ ଲୋକମାନଙ୍କ ଆତଯାତ ଉପରେ ଯେଉଁ ନିୟନ୍ତ୍ରଣ ରହିଲା ତାହା କରୋନା ଶୃଙ୍ଖଳକୁ ତୁଟାଇବାରେ କିଛିଟା ସହାୟକ ହୋଇଛି। ଏହା ଏବେ ସୁଦ୍ଧା ଜାରି ରହିଥିବାବେଳେ ଆଉ କିଛି ରାଜ୍ୟ ଏହାର ଅବଧିକୁ ବଢ଼ାଇବା ସକାଶେ ଏବେଠାରୁ ପ୍ରସ୍ତୁତ ହେଲେଣି। କାରଣ, ଦ୍ୱିତୀୟ ଲହରରେ ଆକ୍ରାନ୍ତଙ୍କ ଚିକିତ୍ସା, ସେମାନଙ୍କ ପାଇଁ ଡାକ୍ତରଖାନା ବେଡ୍, ଔଷଧ, ଆଇସିୟୁ, ଭେଂଟିଲେଟର, ଅକ୍ସିଜେନ ଏବଂ ଏପରିକି ମୃତକଙ୍କ ଶବଦାହ ସକାଶେ ଶ୍ମଶାନଘାଟରେ ଯେତିକି ନାକେଦମ ହେବାକୁ ପଡୁଛି ତାହା ଅଭୂତପୂର୍ବ। ତେଣୁ ଏ ସଂଗ୍ରାମରେ ଅନ୍ତିବ ବିଜୟ ହାସଲ କରିବା ପର୍ଯ୍ୟନ୍ତ ବିଶ୍ରାମର ଅବକାଶ ନଥିବାବେଳେ, ଏବେ କରୋନା ଟିକାକରଣ ସହିତ ରୋଗୀଙ୍କ ଚିକିତ୍ସା, କରୋନାର ଅଦୃଶ୍ୟ ଶୃଙ୍ଖଳକୁ ତୁଟାଇବା ଲାଗି ରଣନୀତି ଆପଣାଇବା ଓ ସର୍ବୋପରି ଆତ୍ମଶୃଙ୍ଖଳାକୁ କଠୋର ଭାବେ ଅନୁପାଳନର ଏହା ହେଉଛି ପ୍ରକୃତ ଅବସର। ତାହା ହେଲେ ଦେଶ ଓ ଦେଶବାସୀ ଏ ବିପତ୍ତିରୁ ବର୍ତ୍ତିବାର ମାର୍ଗ ପାଇପାରିବେ।

## ଭାସ୍କର୍ଯ୍ୟ ଶିଳ୍ପର ଅନନ୍ୟ ପ୍ରତିଭା ଡ.ରଘୁନାଥ ମହାପାତ୍ର

ଶରତ କୁମାର ଦାସ



ନୀରବିଗଲା ନିହାଣ ମୁନର ଠକ୍ ଠକ୍ ଶବ୍ଦ । ନିସ୍ପନ୍ଦ ହେଲା ନିର୍ଜୀବ ଶିଳାଖଣ୍ଡରେ ପ୍ରାଣର ପଲ୍ଲବିତ ସ୍ପର୍ଶ । ବାକ୍ ଶୂନ୍ୟ ହେଲା ପାଷାଣ ବୁକୁରେ ଚିତ୍କାର କରୁଥିବା ପାଷାଣି ଅହଲ୍ୟାର ନିଜକୁ ପ୍ରକାଶିତ କରିବାର ଅଦମ୍ୟ ଇଚ୍ଛା । ପରାହତ ହେଲା ମାଟିମନସ୍କ ପବିତ୍ର ସଂସ୍କୃତି ଚେତନା। ନିମିଷକେ ଧୂଳିସାତ୍ ହେଲା ପ୍ରଚଣ୍ଡ ପ୍ରତିଭାର ନଭଶ୍ଚୁମ୍ବୀ ଅଟ୍ଟାଳିକା । ନିର୍ବାପିତ ହେଲା ଓଡିଆ ଜାତିର କଳାତ୍ମକ ଅସ୍ମିତାର ଉର୍ଦ୍ଧ୍ୱମୁଖୀ ଅଗ୍ନି ଶିଖା । ଲିଭିଗଲା ଭାସ୍କର୍ଯ୍ୟ ଶିଳ୍ପର ଦେଦୀପ୍ୟମାନ ଦୀପାଳି । ଆଉ ଫୁଟିବନି ପଥର ଦେହରେ ପଦ୍ମ। ଖିଲି ଖିଲି ହସିବନି ଶିଳାର ଅତୁଳନୀୟ ଜୀବନ୍ତ ସୌରଭ। ଅଧୁରା ରହିଗଲା ଆଦିତ୍ୟ ନାରାୟଣ ମନ୍ଦିର ନାଆଁରେ ଓଡିଶାରେ ଦ୍ୱିତୀୟ କୋଣାର୍କ ଗଢିବାର ଐକାନ୍ତିକ ପ୍ରଚେଷ୍ଟା ତଥା କମନୀୟ ପରିକଳ୍ପନା । ଅସ୍ତମିତ ହେଲା ସ୍ଥାପତ୍ୟର ସୂର୍ଯ୍ୟ । ବାକିରହିଗଲା ଅଧାଗଢା ସ୍ୱପ୍ନ କାଳକାଳକୁ।

ଭାସ୍କର୍ଯ୍ୟଶିଳ୍ପର ମଉଡମଣି, ଅପ୍ରତିମ ବିଶ୍ୱକର୍ମା, ଆଧୁନିକ ଓଡିଶାର ବିଶୁ ମହାରଣା, କଳା, ସଂସ୍କୃତି ଓ ଐତିହ୍ୟର ଭୀଷ୍ମ ପିତାମହ, ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ସ୍ଥପତି ତଥା ରାଜ୍ୟସଭା ସାଂସଦ ପଦ୍ମ ପୁରସ୍କାର ବିଜେତା ଡ.ରଘୁନାଥ ମହାପାତ୍ରଙ୍କ ବିୟୋଗ କେବଳ ଓଡିଶାର ନୁହେଁ ସମଗ୍ର ବିଶ୍ୱର ଭାସ୍କର୍ଯ୍ୟଶିଳ୍ପ ପାଇଁ ଏକ ଅପୂରଣୀୟ କ୍ଷତି କହିଲେ ଅତ୍ୟୁକ୍ତି ହେବନାହିଁ । ଓଡିଶାର ଗର୍ବ ଗୌରବ ଏହି ମହାନ ଶିଳ୍ପୀଗୁରୁଙ୍କ ଅବର୍ତ୍ତମାନରେ ସ୍ତବ୍ଧ ହୋଇଯାଇଛି ସମଗ୍ର ଓଡିଶାର ମାଟି ପାଣି ପବନ ଅଉ ଗୁମୁରୀ ଗୁମୁରୀ କାନ୍ଦୁଛି ଅଗଣିତ ଶିଳ୍ପୀକୁଳ । ନିର୍ଜୀବ ପଥର ଛାତିର ପ୍ରାଣର ସ୍ପନ୍ଦନ ଭରିଦେଇଥିବା ସେହି ଅଦ୍ୱିତୀୟ ବିନ୍ଧାଣିଙ୍କର ଅମ୍ଳାନ ତଥା ତେଜସ୍ୱୀ ପ୍ରତିଭା ଆଜି ଚିର ଜାଜ୍ୱଲ୍ୟମାନ କୋଟିକୋଟି ଜନତାଙ୍କ ହୃଦୟର ନିଭୃତ କୋଣରେ । ଓଡିଶାର କଳା ସଂସ୍କୃତି ତଥା ମହାନ ଐତିହ୍ୟକୁ ବିଶ୍ୱମାନ୍ୟତା ଦେବା ପାଇଁ ସେ କରିଥିଲେ ଆଜୀବନ ଲଢେଇ । ବିଶ୍ୱ ଦରବାରରେ ପ୍ରତିପାଦିତ କରିଥିଲେ ଓଡିଆ ମାଟିର ଅସ୍ମିତା ଓ ଭାସ୍କର୍ଯ୍ୟ କଳାର ଅପୂର୍ବ ଚାତୁରୀ । ତାଙ୍କ ହାତର ଯାଦୁକାରୀ ସ୍ପର୍ଶରେ କଥା କହୁଥିଲା ଶକ୍ତ ଶିଳାଖଣ୍ଡରେ ଖୋଦିତ ହୋଇଥିବା ପ୍ରାଣହୀନ ମୂର୍ତ୍ତି । ସମଗ୍ର ଶିଳ୍ପୀକୁଳ ପାଇଥିଲେ ବଂଚିବାର ଅମୃତ ରାହା । ୧୯୫୯ ମସିହାରୁ ପଥର ଶିଳ୍ପ ସହ ସେ ଜଡିତ ଥିଲେ। ପ୍ରାୟ ଦୁଇ ହଜାରରୁ ଅଧିକ ଶିଳ୍ପୀଙ୍କୁ ନିଜ ହାତେ ଗଢିଥିଲେ ସେହି ଶିଳାଭେଦୀ ଦରଦୀ ମଣିଷ ରଘୁନାଥ ମହାପାତ୍ର । ପାରମ୍ପରିକ ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ କଳାର ସୁରକ୍ଷା ତଥା ସଂରକ୍ଷଣ ଦିଗରେ ତାଙ୍କର ଅବଦାନ ଥିଲା ଉଲ୍ଲେଖନୀୟ । ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରି ନିଜ ଚମତ୍କାର ସୃଜନ ବଳରେ ସଫଳତାର ଅସାଧାରଣ ଶିଖରରେ ପହଞ୍ଚିଥିଲେ ସେ । ନିଜକୁ ସେ ସଂପୂର୍ଣ୍ଣ ଭାବେ ସମର୍ପି ଦେଇଥିଲେ ଶ୍ରୀଜଗନ୍ନାଥଙ୍କ ଶ୍ରୀପୟରେ । ସରଳତା ଓ ଉଦାରତାକୁ କରିଥିଲେ ନିଜ ବ୍ୟକ୍ତିତ୍ୱର ଭୂଷଣ । ସେହି ନିରହଂକାରୀ ତଥା କୃତବିଦ୍ୟ କିମ୍ବଦନ୍ତୀ ପୁରୁଷ ଏ ଜାତିର ଉତ୍ଥାନ ପାଇଁ ଦେଖିଥିଲେ ଅନେକ ସ୍ୱପ୍ନ ।

୧୯୪୩ ମସିହା ମାର୍ଚ୍ଚ ୨୩ ତାରିଖରେ ପୁରୀର ପଥୁରିଆ ସାହିରେ ଜନ୍ମଗ୍ରହଣ କରିଥିଲେ ସ୍ୱର୍ଗତ ରଘୁନାଥ ମହାପାତ୍ର । ବାପା ଦାମୋଦର ମହାପାତ୍ର ଓ ମା' ସୁକାନ୍ତୀ ଦେବୀଙ୍କର ସେ ଥିଲେ ସୁଯୋଗ୍ୟ ସନ୍ତାନ । ଅଜା ଅପର୍ତ୍ତି ମହାପାତ୍ର ଥିଲେ ତାଙ୍କର ଆଦ୍ୟଗୁରୁ । ଯାହାଙ୍କଠାରୁ ସେ ଶିଖିଥିଲେ ମୂର୍ତ୍ତି ଗଢିବାର ସମସ୍ତ କଳା କୌଶଳ । ଅଷ୍ଟମ ଶ୍ରେଣୀରୁ ତାଙ୍କର ପାଠରେ ଡୋର ବନ୍ଧାହୋଇଥିଲା । ନିଜ ଅଜାଙ୍କ ପ୍ରେରଣା ତଥା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଅଁଳ ହାତରେ ଧରି ଥିଲେ ସେ ଶକ୍ତ ନିହାଣ । ଆଉ ସେହି ଶକ୍ତ ନିହାଣ ମୁନରେ ନିର୍ଜୀବ ପଥର ଛାତିରେ ଫୁଟାଇ ଚାଲିଥିଲେ ଅପରୂପ ମୂର୍ତ୍ତି ସମ୍ଭାର । ମାତ୍ର ୧୮ ବର୍ଷ ବୟସରେ ସେ ପୁରୀ ଛାଡି ଭୁବନେଶ୍ୱର ଚାଲି ଆସିଥିଲେ । ପରେ ଭୁବନେଶ୍ୱର ଶିଶୁପାଳଗଡରେ ନିଜସ୍ୱ ଉଦ୍ୟମରେ ଶିଳ୍ପୀ ଗ୍ରାମ ପ୍ରତିଷ୍ଠା କରିଥିଲେ । ରାଜ୍ୟ ସରକାରଙ୍କ ହସ୍ତକଳା ତାଲିମ ଓ ଡିଜାଇନ କେନ୍ଦ୍ରରେ ଚାକିରି ଜୀବନ ଆରମ୍ଭ କରିଥିଲେ । ତା' ପରଠାରୁ ସେ ଆଉ ପଛକୁ ଫେରି ଚାହିଁ ନଥିଲେ ।

ଶ୍ରୀଯୁକ୍ତ ମହାପାତ୍ରଙ୍କ ଭାସ୍କର୍ଯ୍ୟ କୃତି କେବଳ ଓଡିଶା କିମ୍ବା ଭାରତରେ ସୀମିତ ନଥିଲା । ସୁଦୂର ଜାପାନ, ଆମେରିକା, ଲଦାଖ, ଫ୍ରାନ୍ସ ଆଦି ସ୍ଥାନଗୁଡିକୁ ପ୍ରସାରିତ ହୋଇ ତାଙ୍କୁ ଦେଇଥିଲା ଅନନ୍ୟ ଆନ୍ତର୍ଜାତୀୟ ସ୍ୱୀକୃତି। ଯେଉଁ ବିରଳ ସୃଷ୍ଟିଗୁଡିକ ତାଙ୍କ କମନୀୟ ସ୍ପର୍ଶରେ ପ୍ରାଣବନ୍ତ ହୋଇଥିଲା ସେଗୁଡିକ ମଧ୍ୟରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ୧୮ ଫୁଟ ଲମ୍ବା ଓ ୧୫ ଫୁଟ ଉଚ୍ଚତାର କୋଣାର୍କ ଘୋଡା, କଟକ ବାରବାଟୀ ଷ୍ଟାଡିୟମ ପାଖରେ ପ୍ରତିଷ୍ଠା ହୋଇଥିବା ୧୨ ଫୁଟର କୋଣାର୍କ ଘୋଡା, ଭୁବନେଶ୍ୱର ବିମାନ ବନ୍ଦରରେ ୧୬ଟି କୋଣାର୍କ ଚକ୍ର,ଟିଟିଲାଗଡରେ ୭୦ ଫୁଟ ଉଚ୍ଚତାର ୩ ଟି ମନ୍ଦିର, ଗଂଜାମର ନୂତନ ତାରାତାରିଣୀ ମନ୍ଦିର, ବାଲେଶ୍ୱର ରେମୁଣାରେ ଓଡିଶୀ ଶୈଳୀରେ ଜଗନ୍ନାଥ ମନ୍ଦିର, ନୂଆଦିଲ୍ଲୀ ଅଶୋକା ହୋଟେଲ୍‌ରେ ୧୪ ଫୁଟ ଉଚ୍ଚତାର କୋଣାର୍କ ଚକ୍ର, ରାଜୀବ ଗାନ୍ଧୀଙ୍କ ସମାଧି ପୀଠ, ସଂସଦରେ ସ୍ଥାପିତ ୫ ଫୁଟ ଉଚ୍ଚତାର ସୂର୍ଯ୍ୟନାରାୟଣ ମୂର୍ତ୍ତି, ଧଉଳିରେ ୨ଟି ବୁଦ୍ଧଙ୍କ ପ୍ରତିମୂର୍ତ୍ତି, ଲଦାଖରେ ୨୦ ଫୁଟ ଉଚ୍ଚତା ବିଶିଷ୍ଟ ୩ଟି ବୌଦ୍ଧ ମୂର୍ତ୍ତି, ଜାପାନର ବୋଇଓ ଶାନ୍ତିସ୍ତୂପରେ ବୁଦ୍ଧ ମୂର୍ତ୍ତି, ୧୫ ଫୁଟ ଉଚ୍ଚତାର ଅଶୋକ ସ୍ତମ୍ଭ, ପ୍ୟାରିସ ରେ ବୁଦ୍ଧ ମୂର୍ତ୍ତି, ଆମେରିକାର ଉତ୍ତର ଆଲବାମାରେ ଜଗନ୍ନାଥ ମନ୍ଦିର ଇତ୍ୟାଦି ତାଙ୍କ ଅନବଦ୍ୟ ପ୍ରତିଭାର ଜ୍ୱଳନ୍ତ ସ୍ୱାକ୍ଷର । ଏତଦବ୍ୟତୀତ ଅନେକ ହସପିଟାଲ ଓ ହୋଟେଲ୍ ପରିସରରେ ତାଙ୍କ କାରୁକାର୍ଯ୍ୟପୂର୍ଣ୍ଣ ଭାସ୍କର୍ଯ୍ୟ କଳା ଅନେକ ଲୋକଙ୍କୁ ବିମୋହିତ କରିବାରେ ସକ୍ଷମ ହୋଇଛି।

ଶିଳ୍ପୀଗୁରୁ ଡ.ରଘୁନାଥ ମହାପାତ୍ର କଳା ଜଗତରେ ତାଙ୍କର ଅନନ୍ୟ ସୃଷ୍ଟି ସମ୍ଭାର ମାଧ୍ୟମରେ ଗୋଟିଏ ପରେ ଗୋଟିଏ ସଫଳତାର ପାହାଚ ଅତିକ୍ରମ କରି ଯଶସ୍ୱୀ ହୋଇଥିଲେ ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ । ୧୯୬୮ ମସହିରେ ଜାତୀୟ ପୁରସ୍କାର, ୧୯୭୨ ମସହିରେ ସ୍ୱତନ୍ତ୍ର ମେରିଟ ପୁରସ୍କାର, ୧୯୭୫ରେ ପଦ୍ମଶ୍ରୀ, ୨୦୦୧ରେ ପଦ୍ମ ଭୂଷଣ, ୨୦୦୬ରେ ଶିଳ୍ପୀଗୁରୁ ସମ୍ମାନ ଓ ୨୦୧୩ ମସହିରେ ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନିତ ହୋଇ ପ୍ରତିଟି ଓଡିଆଙ୍କୁ କରିଥିଲେ ଗୌରବାନ୍ୱିତ । ସେ ଥିଲେ ପ୍ରଥମ ସ୍ଥାପତ୍ୟ ଶିଳ୍ପୀ ଯିଏକି ୩ଟି ଯାକ ପଦ୍ମ ପୁରସ୍କାର ପାଇ ଓଡିଶା ମାଟିକୁ ବିଶ୍ୱଦରବାରରେ ମହିମାନ୍ୱିତ କରିଛନ୍ତି। ୨୦୦୦ ମସହିରେ ଆର୍‌ସିସିଆର୍‌ର ସଦସ୍ୟ ଭାବେ ମନୋନୀତ ହୋଇଥିଲେ । ୨୦୧୬ ମସିହାରେ ସେ ମଧ ଓଡିଶା ଲଳିତ କଳା ଏକାଡେମୀର ସଭାପତି ରୂପେ କାର୍ଯ୍ୟ କରି ଓଡିଆ ଶିଳ୍ପୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ । ୨୦୧୩ରେ ଭୁବନେଶ୍ୱରର ଶିଶୁପାଳଗଡ ଠାରେ 'ରଘୁନାଥ ମହାପାତ୍ର ଆର୍ଟ ଆଣ୍ଡ୍ କ୍ରାଫ୍ଟସ୍ ଫାଉଣ୍ଡେସନ୍' ପ୍ରତିଷ୍ଠା କରି ସେଠାରେ ଶିଳ୍ପୀମାନଙ୍କୁ ଭାସ୍କର୍ଯ୍ୟ ଶିଳ୍ପ ସମ୍ପର୍କରେ ପ୍ରଶିକ୍ଷଣ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

ଏଥିସହିତ ସେ ଅନେକ ସରକାରୀ ଓ ବେସରକାରୀ ସ୍ତରରେ ସମ୍ମାନିତ ହୋଇ ଓଡିଶା ମାଟିକୁ ଧନ୍ୟ କରିଥିଲେ। ସତ କହିବାକୁଗଲେ ନିଜ ଜୀବନକାଳ ମଧରେ କିମ୍ବଦନ୍ତୀ ପାଲଟି ଯାଇଥିଲେ ଶିଳ୍ପୀଗୁରୁ ରଘୁନାଥ ମହାପାତ୍ର । ତାଙ୍କର ଆଧାତ୍ମିକ ଗୁରୁ ବୁଢାବାପାଙ୍କ ପ୍ରଦର୍ଶିତ ମାର୍ଗ ଅନୁସରଣ କରି ନିଜ ଜୀବନର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ସଠିକ୍ ଢଙ୍ଗରେ ବଂଚିବା ଶିଖିଥିଲେ ସେ । ରାଷ୍ଟ୍ରପତିଙ୍କ ଦ୍ୱାରା ରାଜ୍ୟସଭାକୁ ମନୋନୀତ ହୋଇ ନିଜ ସଫଳତାର ଇତିହାସରେ ଯୋଡିଥିଲେ ଆଉ ଏକ ଫର୍ଦ୍ଦ ।

ବାସ୍ତବରେ କହିଲେ ରଘୁନାଥ ମହାପାତ୍ର ଥିଲେ ସମ୍ଭାବନାର ଦୀପ୍ତିମନ୍ତ ପ୍ରତୀକ । ଭଗ୍ନପ୍ରାପ୍ତ ଅର୍କକ୍ଷେତ୍ରର ପୁନରୁଦ୍ଧାର ପାଇଁ ତାଙ୍କ ସ୍ୱପ୍ନ ଥିଲା ଦିଗନ୍ତ ବିସ୍ତାରୀ । ଏପରିକି ବିଶ୍ୱ ଐତିହ୍ୟ ସୂର୍ଯ୍ୟ ମନ୍ଦିରକୁ ନୂଆ ରୂପ ଦେବାପାଇଁ ସେ ପରିକଳ୍ପନା କରିଥିଲେ ଦ୍ୱିତୀୟ କୋଣାର୍କ ସମ ଆଦିତ୍ୟ ନାରାୟଣ ମନ୍ଦିର । ଯେଉଁଥିପାଇଁ ସେ ରାଜନୈତିକ ସମାଲୋଚନାର ସରବ୍ୟ ହୋଇଥିଲେ । ଶ୍ରୀଜଗନ୍ନାଥ ମନ୍ଦିର ସୁରକ୍ଷା ପରିଚାଳନା ସମିତିର ସଭ୍ୟ ରୂପେ ସଫଳତାର ସହ କାର୍ଯ୍ୟକରି ମନ୍ଦିରର ସୁରକ୍ଷା ତଥା ସୌନ୍ଦର୍ଯ୍ୟୀକରଣ କ୍ଷେତ୍ରରେ ସେ ନେଇଥିଲେ ଯୁଗାନ୍ତକାରୀ ପଦକ୍ଷେପ। ଓଡିଶାର ସଂସ୍କୃତି, କଳା ଭାସ୍କର୍ଯ୍ୟ , ପରମ୍ପରା ତଥା ଉତ୍କୃଷ୍ଟ କାରିଗରୀକୁ ବିଶ୍ୱସ୍ତରୀୟ କରିବାରେ ତାଙ୍କର ନିରନ୍ତର ଉଦ୍ୟମ ତଥା ନିର୍ଜୀବ ପଥର ଛାତିରେ ଖୋଦିତ ତାଙ୍କ ଅପରୂପ ସୃଷ୍ଟି ସମ୍ଭାର ତାଙ୍କୁ ଅମରତ୍ୱ ପ୍ରଦାନ କରୁଥିବ ନିଶ୍ଚୟ । ଏ ଓଡିଆ ଜାତି ସେହି ମହାନ ଯୁଗପୁରୁଷଙ୍କ ନିକଟରେ ଚିର ଋଣୀରହିବ । ଏହା ନିଃସନ୍ଦେହ।

+ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ,
ବଡବିଲ, କେନ୍ଦୁଝର
ମୋ-୮୨୪୯୧୩୭୦୯୧

## କବିତା କୋଣାର୍କ

### ସେବାର ଆନନ୍ଦ...

କୁନା ସେଠୀ



ଜୀବନଟା ପରା କାହାକୁ କେମିତି
ଅନୁଭବ ହୋଇଥାଏ
କିଏ କେଉଁ କାମ କରି ପରା ବନ୍ଧୁ
ଉପଭୋଗ କରିଥାଏ ।

ଅସମୟେ କିଏ ସହାୟତା ଦେଇ
ମଣିଷ ବୋଲାଇ ଥାଏ
ଭୋକିଲା ପେଟକୁ ଅନ୍ନ ମୁଠେ ଦେଇ
ହସି ହସି ବାଟେ ଯାଏ ।

ଅନ୍ୟର ମୁଖରେ ହସ ଦେଖିବାକୁ
ଦିନ ରାତି ଖଟେ କିଏ
ସର୍ବସ୍ୱ ହରାଇ ଅନ୍ୟ ସୁଖ ପାଇଁ
ନିଜେ ବଡ ଖୁସି ଥାଏ ।

ବିପଦ ବେଳରେ ପାଖେ ଠିଆହୋଇ
ସାହସ କେ ଦେଉଥାଏ
ନିଜେ ଧର୍ଯ୍ୟ ଧରି ଅନ୍ୟକୁ ଧରାଇ
ଆତ୍ମ ଶାନ୍ତି ପାଇଥାଏ ।

ସେବା ବଡ ଧର୍ମ ସେବା ବଡ କର୍ମ
ଜାଣିଛି ଯେ କରିଅଛି
ସେବାରେ ଆନନ୍ଦ ଦେବାରେ ଆନନ୍ଦ
ଅନୁଭବି ଜାଣିଅଛି ।

ସେବା ପାଇଁ ଲୋଡା ମନବୃତିଟିଏ
ଆଉ କିଛି ଲୋଡା ନାହିଁ
ସବୁ ଥାଇ ଯଦି ମନବୃତି ନାହିଁ
ସେବା ହବ ନାହିଁ ଭାଇ ।

ସେବା କରିବାର ସୁଯୋଗ ପାଇଲେ
ହାତ ଛଡ଼ା କର ନାହିଁ
ଏମିତି ସୁଯୋଗ ଜୀବନରେ ସତେ
ସବୁଦିନେ ଆସେ କାହିଁ ?

ଆତ୍ମ ଶାନ୍ତି ଯଦି ପାଇବାକୁ ଆଶା
ସେବା କରୁଥାରେ ଭାଇ
ସେବାର ମହତ ପୁରାଣ ଶାସ୍ତ୍ରରେ
ବର୍ଣ୍ଣିତ ହୋଇଛି ରହି ।

ସେବାରେ ସନ୍ତୁଷ୍ଟ ହୋଇଗଲେ ଜୀବ
ଅଦୃଶ୍ୟ ପୁଣ୍ୟଟା ମିଳେ
ନିଃସ୍ୱାର୍ଥ ସେବାରେ ଦେବତା ସନ୍ତୁଷ୍ଟ
ଭାଗ୍ୟରେ ଥିଲେ ଫଳେ ।

+ଭୂତସରସିଙ୍ଗି,ଗଞ୍ଜାମ

### କି ଖରା ତାତି...

ସମ୍ବିତ ଦାଶ

ବୈଶାଖ ମାସରୁ କି ନିଧଘର ତାତି
ଆସିଗଲା ଟାଣ ଖରା,
ଖରା ତେଜରେ ତ ତାତି ଯାଏ ପରା
ଏ ବାଲି ମାଟି ଧାରା ।

ଏହି ଖରାଦିନେ ଝାଞ୍ଜି ଖରାବେଳେ
ବୁଲିବା ନାହିଁ ବାହାରେ,
ସାବଧାନ ହୋଇ ଘରେ
ରହିଲେ ଅଂଶୁଘାତ
ହୋଇବ ନାହିଁରେ ।

ପୋଖରୀ ଗାଡିଆ ନଦୀ ନାଳ ଯେତେ
ଜଳ ଶୂନ୍ୟ ହୋଇଯାଏ,
ପରିଶ୍ରମ କମ୍ ରେ ଧଇଁସଇଁ ଲାଗେ ପାଣି
ପିଇବାକୁ ମନ ଖାଲି ଚାହେଁ ।

ଖରାଦିନେ ସନ୍ଧ୍ୟାରେ ବହିଯାଏ ଧୀର
ସୁଲୁସୁଲିଆ ପବନ,
ସେ ସମୟେ ଖୋଲା
ଆକାଶ ତଳେ ବସିଲେ
ଆନନ୍ଦ ହୋଇଯାଏ ମନ ।

କାଳ ବୈଶାଖୀ ଚାହିଁ ରହିଥାଏ ସମୟ
ମିଳିଲେ ବରଷି ଯାଏ,
ଜଳ ଟିକେ ପାଇଲେ ଏ ସାରା ଜଗତ
ଆନନ୍ଦ ହୋଇଯାଏ ।

+ପଲ୍ଲୀକଣ୍ଠା, ଏରସମା,
ଜଗତସିଂହପୁର



## କବିତା କୋଣାର୍କ

### ୱାଲପେପର୍...

ଜଗନ୍ନାଥ ପ୍ରଧାନ

ଏଇ ରାସ୍ତାରେ ଆମେ
କେତେ କ'ଣ ଖେଳୁଥିଲେ
ଧୂଳି ଉଡ଼ାଇ
ଲେସି ହୋଇ ଯାଉଥିଲା
ମାଟିର ମମତା ଦେହସାରା
ଅଜାଡ଼ି ହୋଇ ପଡୁଥିଲା
ଆକାଶର ଅସୀମତା
ରାସ୍ତାର ସେଇ ଛୋଟ ଗାତଟିରେ
ଯୋଉଠି ଆମେ ଖେଳୁଥିଲେ ବାଟି
ପିଲବାଡ଼ି...

ଧୁ ଧୁ ଖରା ଉଡ଼ି ଯାଉଥିଲା
ଚାଳ ମଥାନ ସେପଟେ
ବାଡ଼ି ମାଡ଼ରେ,
ହେଲେ ସେ ରାସ୍ତା ଆଜି ବଦଳିଗଲା
ଯାହା ନିଧାର୍ଯ୍ୟ ଥିଲା
ଆଉ ସେ ଖେଳ ସବୁ ବି
ଡିଲିଟ୍ ହୋଇଗଲା ।

ସେ ବାଲିଘର
ସେ ସଢ଼େଇର ତିଅଣ
ସେ କାଗଜ ଡଙ୍ଗା ଆଉ କୋଳି
'ମୋ କଣ୍ଢେଇ ରାଜା,
ତୋ କଣ୍ଢେଇ ରାଣୀ'
ଏବେ ଖାଲି ଅନାଇଥା'ନ୍ତି
ଲାଇକ୍ ପାଇଁ ଫେସବୁକରେ
ସ୍କୁଲ୍ ଯିବା ବାଟରେ

କା' ପିଣ୍ଡାରେ ବାଜୁଥିବା
ରେଡ଼ିଓର ସେ ଅଧାଶୁଣା ଗୀତ
ଆଜି ବେସୁରା ଲାଗେ ୟୁଟ୍ୟୁବରେ
ମାମୁଁଘରେ କଟିଥିବା
ସେ ଖରାଛୁଟି
ଆଜି ଟିଉସନ୍ ବ୍ୟାଗରୁ
ଚାହୁଁଥାଏ ଉଦାସ ନୟନରେ ।

ସେ ହାଫ୍ ପ୍ୟାଣ୍ଟ୍ ପିନ୍ଧା ଖରାବେଳ
କେତେ ଧାଉଁଥିଲା ଆମ ସାଥିରେ
ଗାଁ ବାଟ, ତୋଟା,
ବିଲ ଆଉ ପାଟରେ !
ବିଲ ହିଡ଼ରେ ବସି ସେ ପଖାଳ ଖିଆ
ପୋଖରୀ ହୁଡ଼ାର ସେ ପବନ
ମିଳିବ କି ଏଇ ଏସି କୋଠରୀରେ !
ଏ ଭେଜାଲ୍ ପ୍ରଶ୍ୱାସକୁ
ଯେତେ ଜାବୁଡ଼ି ଧରିଲେ ବି
ମିଳିବ କି ଖାଣ୍ଟି ନିଃଶ୍ୱାସର
ଜୀବନଟେ !
ଯାହା ମିଳିଥିଲା
ମାଟି ଅଗଣାରେ
ଦୀପ ଧୂଁଆର ସେ ବାସ୍ନାରେ,
କଦଳୀ ପତ୍ରରେ ପରଷା
ଅରୁଆ ଅନ୍ନର ସେ ଶୁଦ୍ଧତାରେ ।

ରାଜକୁମାର ହୋଇ
ପକ୍ଷୀରାଜ ଅଶ୍ୱ ଝପଟାଇ
ମଣିନାଗ ଜଙ୍ଗଲରୁ ଫୁଲଟେ ନ ଆଣି
ଏମିତି ହ୍ୱାଟ୍ସଆପରେ
ପଠେଇ ଦେଲେ ଗୋଲାପର ଚିତ୍ରଟେ
ସ୍ୱୀକାର କରିଥା'ନ୍ତା କି
ଆଇମା' ଗପର
ସେଇ ଅନିନ୍ଦ୍ୟ ସୁନ୍ଦରୀ ରଜାଝିଅ !
ଗୋଲାପ କିନ୍ତୁ
ଫିକା କରିଦେଇ
ଜୀଅନ୍ତା ଫୁଲସବୁର ଚମକକୁ
ଏବେ ଖୁବ୍ ବାସୁଛି
ୱାଲପେପରରେ ।

+କେଳାକଟା, ବୌଦ୍ଧ

## ଓଡିଶା: ଦାରୁ ଦେବତାଙ୍କ ଭୂଇଁ



ମାୟାଧର ନାୟକ

ଓଡିଶା ସେଇ ମାଟି, ଯେଉଁଠି ମଣିଷ ଦାରୁକୁ ଦେବତା ମାନେ । ଏହା ଏକ ଆଦିବାସୀ ବିଶ୍ୱାସବୋଧର ଅବଦାନ ଏ ମାଟିର ଐତିହ୍ୟକୁ । କାରଣ ଶବରରାଜା ବିଶ୍ୱାବସୁର ଦିଅଁ ନୀଳମାଧବକୁ ପୁରୀ ଆଣି ଜଗନ୍ନାଥ ନାଆଁ ଦେଇଛେ ଆମେ । ତାଙ୍କୁ କେନ୍ଦ୍ର କରି ଓଡିଶାର ସାମନ୍ତବାଦ ଓ ରାଜତନ୍ତ୍ରଠାରୁ ଆରମ୍ଭ କରି ଆମର ଏ ଗଣତନ୍ତ୍ର ପର୍ଯ୍ୟନ୍ତ ସବୁଠି ଧର୍ମ, ରାଜନୀତି, ସଂସ୍କୃତିର ଧାରା ସମୟ ସହିତ ତାଳ ଦେଇଆସିଛି । ଏ ଜଗନ୍ନାଥ ପୁଣି ଯୌଥପାରିବାରିକତାର ପ୍ରତିନିଧି - ଖାଲି ଭାଇ ନୁହେଁ, ଭଉଣୀ ସମେତ ବିରାଟ ପରିବାର ତାଙ୍କର । ଭାଇର ଭୋଗରେ ଭଉଣୀର ଅଧିକାର । ବଡଭାଇ ବଳଭଦ୍ର ହଳଧର କୃଷକସଂସ୍କୃତିର ପ୍ରତୀକ-ପୁରୁଷ ଓ ସାନଭାଇ ଶ୍ରୀଜଗନ୍ନାଥ ଚକ୍ରଧର ଶ୍ରମିକସଂସ୍କୃତିର ପ୍ରତ୍ୟୟ-ପୁରୁଷ ଭଳି ପ୍ରତୀୟମାନ ହେଉଥିବାବେଳେ ଭଉଣୀ ସୁଭଦ୍ରା ହେଉଛନ୍ତି ଶୀଳାଚାରର ସ୍ୱରୂପିଣୀ । ଦାରୁଦେବତା ଏ ତିନିହେଁ ।

ଅଥଚ ଏବେ ଏଇ ଦାରୁଦେବତାଙ୍କ ଭୂଇଁ ଓଡିଶାରେ ଅମଣିଷଙ୍କ ଅମଳ । ଅମଣିଷମାନେ ଆସନରେ ବସିଛନ୍ତି, ଶାସନରେ ବାହାଲ୍ ଅଛନ୍ତି, ଏ ଭୂଇଁରେ ଭୁଆଁ ବୁଲାଉଛନ୍ତି ନିରନ୍ନ ମଣିଷମାନଙ୍କୁ । ଜମି ଜବରଦଖଲ ଚାଲିଛି, ଜଙ୍ଗଲରେ ଚାଲିଛି ଆଖିବୁଜା ଗଛକଟା ସାଙ୍ଗକୁ ଖଣିଖୋଳା ଆଉ ଖଣିଜଦ୍ରବ୍ୟର ଚୋରା ବେପାର ! ଧୂର୍ତ୍ତ ଧନତନ୍ତ୍ରର ଦଲାଲ୍ ଓ ଠଗୀ ଠିକାଦାରମାନେ ଓଡିଶାର ଗାଆଁ ଗଡଜାତକୁ ନିଜ ମୁନାଫାଖୋରିର ଫସଲକିଆରି କରିସାରିଲେଣି । ଗ୍ରାମାଂଚଳକୁ ଶିଳ୍ପାଂଚଳ କରିଦେଲେ କୁଆଡେ ପ୍ରଗତି ! ଚାଷଜମିକୁ ଚଟକଳର ଚୌହଦି ବନାଇଦେଲେ କୁଆଡେ ବିକାଶ ! ଜଳସଂପଦକୁ କଳକାରଖାନାର ମାଲିକବର୍ଗଙ୍କୁ ସମର୍ପିଦେଲେ କୁଆଡେ ସମୃଦ୍ଧି ! ଓଡିଶାରେ ଆଜି ପାଉଁଶ ତଳୁ ନିଆଁ ବାହାରୁଛି । ହେଲେ ଏ କଥା କ'ଣ ଏବେ ବି ବୁଝୁଛନ୍ତି ସରକାରୀ ସୂତ୍ରଧର କି ଶାସନକଳର ନଟ୍‌ବୋଲ୍ଟ୍‌ମାନେ ? ମହାଭାରତର କୋକୁଆ ମାତିବାଠାରୁ ଆଜି ଏ ଉପଭାରତର ମାଓ ମାତିବା ଡରରେ ସମସ୍ତେ ଥରହର । ହେଲେ କେହି ସାହସ କରି କହୁନାହାନ୍ତି କାହିଁକି ଏ ମାଓବାଦ ବ୍ୟାପିଚାଲିଛି ଗଡଜାତରୁ ଗାଆଁ - ଗାଆଁରୁ ସହର । କେହି ବି ମାନୁନାହାନ୍ତି ଯେ ସରକାରଙ୍କ ସଂପ୍ରତି ମାତ୍ରାତିରିକ୍ତ ଧନପତି ଓ ଶିଳ୍ପପତିପ୍ରେମ ସହିତ ଗରିବଗୁରୁବାଙ୍କୁ ପୋକମାଛି ମଣିବାର ମନୋବୃତି ପ୍ରତାରକ କମ୍ପାନୀଗୁଡାକୁ ଯୋଗାଇଦେବାକୁ ଯେତିକି ବ୍ୟସ୍ତ, ସେତିକି ଆଗ୍ରହୀ ନୁହନ୍ତି ଦଳିତ, ଦୁର୍ଗତ, ବନବାସୀ କି କୃଷକବର୍ଗଙ୍କୁ ବଂଚିବାର ସର୍ବନିମ୍ନ ଅଧିକାର ପ୍ରଦାନ କରିବାକୁ । ବରଂ ଖଣିଦୁର୍ନୀତି, ଜମିଦୁର୍ନୀତିଠାରୁ ଆରମ୍ଭକରି ବହୁବିଧ ଦୁର୍ନୀତିଲବ୍ଧ କଳାଟଙ୍କାରୁ କେଂଚାଏ ମାତ୍ର କଙ୍କାଳ କୁଳକୁ 'ଦାନ' ଦେଇ ଏବଂ ସରକାରୀ ଚାକିରିଆଙ୍କ ଭତା ଓ ବେତନ ବଢାଇଦେଇ ଭୋଟ୍ ରାଜନୀତିର ଭାଟଗିରିକୁ ବଜାୟ ରଖାଯାଇଛି । ଅବଦମିତ ଜନଅସନ୍ତୋଷର ଏକ ଗୁପ୍ତସ୍ଫୁଲିଙ୍ଗ ଏ ମାଓବାଦୀ ମହାଭିଯାନ ! ଭୁବନେଶ୍ୱରରେ ବସି ସାରା ମୁଲକକୁ ଭୁଆଁ ବୁଲାଉଥିବା ସରକାରୀ ସିରସ୍ତାଦାରମାନେ ରାଜ୍ୟକୁ ଟେକିଦେବାକୁ ପଛାଉନାହାନ୍ତି ସୌଦାଗର-ସାହୁକାର ଶୋଷକବର୍ଗଙ୍କ ଅସରନ୍ତି ଆଁ' ଆଡେ !

କ୍ଷେତ କାହିଁକି ପ୍ରେତଭୂମି ? ଗଛ କାହିଁକି ହାଣ ହୁକୁମ୍‌ର ହତିଆର ଆଗରେ ଅସହାୟ ? ଜଙ୍ଗଲ ଜୁରି ହେଉଛି କାହିଁକି ? ଜମି ଉପରେ ଜୁଲମ ଚାଲୁଛି କାହିଁକି ? ଖଳାବାଡି ଆଉ ଖତଗଦାର ଗାଁ ଛାଡି ଅରଣା ମଇଁଷିପଲ ପରି କୁଆଡେ ମୁହାଁଉଛନ୍ତି ଏ ମାଟିର ମଣିଷ ? ଇଏ କି ରାଜନୀତି, ଯାହା କବଳରେ ଆମର ଗ୍ରାମୀଣ ଅର୍ଥନୀତିର ଅବସ୍ଥା ବାରଣ୍ଡା ଦି'କଡା ? ଚାଷୀ ଦରମଲା, ପଚିଷ ପାଟକ ସର୍ବସ୍ୱାନ୍ତ, ଆଦିବାସୀ ଆର୍ତ୍ତତ୍ରସ୍ତ - ଓଡିଶାର ସାଧାରଣ ଅଧିବାସୀ ଅଧିକାରହୀନ । କଳାପଇସାରେ ରାଜ୍ କରୁଥିବା ଗୋଟାଏ ସରକାରକୁ କୋଉଠାରେ ବି କଳାପତାକା ପ୍ରଦର୍ଶନ କରୁନାହାନ୍ତି କେହି । ବିତବଳ, ବନ୍ଧୁକବଳର ବାଦଶାହୀପଣକୁ ଜବାବ୍ ଦେବାକୁ ଜନ୍ମ ନେଉଥିବା ଜନଅସନ୍ତୋଷ କଣ ଚାପିଦେଇପାରିବ କିଏ ସବୁଦିନପାଇଁ ?

ଓଡିଶାର ଗଛସବୁ ଆଜି ମୂର୍ଦ୍ଧାର ପାଲଟୁଛନ୍ତି । ଗଛକୁ ଦେବତା ନୁହେଁ, କେବଳ କାଠ ଦୃଷ୍ଟିଭଙ୍ଗୀରେ ଦେଖିବା କେଉଁ ଦିନରୁ ଆରମ୍ଭ ହୋଇସାରିଛି । ଗୋଟିଏ ଗଛର ଗୋଟିଏ ଡାଳକୁ ହାରିବାର ଅର୍ଥ ସଂସ୍କୃତି ପ୍ରତି କୁଠାରାଘାତ । ଅରାଏ ମାଟିର ଛନଛନ ଦୂବଘାସଗୁଡିକୁ ଚାଂଛିବା ମାନେ ପ୍ରକୃତି ପ୍ରତି ପଦାଘାତ । ମନେରଖିବାକୁ ପଡିବ ଯେ ଗୋଟିଏ ପତ୍ରକୁ ନଷ୍ଟ କରିବାରେ କି ଗୋଟିଏ ଫୁଲକୁ ଛିଣ୍ଡାଇବାରେ ଅବମାନିତ ହୁଏ ଦିବ୍ୟଜୀବନର ସନ୍ଦେଶ ଓ ସଂକେତ । ଔଷଧୀୟ ବୃକ୍ଷଲତାର ଅରଣ୍ୟ ଓ ବନବୃକ୍ଷଶୋଭିତ ନୀଳପର୍ବତମାଳା ଉପରେ ଆଜି ଶିଳ୍ପସୌଦାଗରବର୍ଗର ଶ୍ୟେନଦୃଷ୍ଟି ଆସନ୍ତାକାଲି ପ୍ରାକୃତିକ ପ୍ରାଚର୍ଯ୍ୟରେ ପରିପୂର୍ଣ୍ଣ ଏ ଓଡିଶାଭୂଇଁକୁ ମଶାଣିଭୂଇଁରେ ପରିଣତ କରିଦେବ ନିଶ୍ଚୟ । ମଶାଣିଭୂଇଁରେ କି ଶିଳ୍ପ ବିପ୍ଳବ ? ଦାରୁ ଯେଉଁ ଭୂଇଁରେ ଦେବତା, ସେଠି ଦୂବଟିଏ ବି କଅଁଳିବନାହିଁ ଆଉ ! ଅତଏବ ସାଧୁବେଶୀ ସଇତାନମାନେ ସାବଧାନ !

+ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩





# ୱେଲକମ୍ ଆଦା



କୋଭିଡ୍ ଭଳି ଦୁଃସମୟରେ କେହି ଖୁସି ମନେଇବା ପାଇଁ ଆଉ ସ୍ୱତନ୍ତ୍ର ପାର୍ବଣର ଆୟୋଜନ କରୁନାହାନ୍ତି। ଏତିକିବେଳେ ବଲିଉଡ୍ ଅଭିନେତ୍ରୀ ଆଦା ଶର୍ମା ମଧ୍ୟ ନିଜର ଜନ୍ମଦିନକୁ ଭର୍ଚୁଆଲ୍ ମାଧ୍ୟମରେ ପାଳନ କରୁଛନ୍ତି। ଗତକାଲି ଥିଲା ଆଦାଙ୍କ ଜନ୍ମଦିନ। ଜନ୍ମଦିନରେ ସେ ସଂକଳ୍ପ ନେଇଛନ୍ତି ଯାହା ସବୁଠୁ ଶ୍ରେଷ୍ଠ ହେଇପାରିବ ସେ ତାଙ୍କ ଅବଶିଷ୍ଟ ଜୀବନରେ କରିବେ। ଆଦା କହିଛନ୍ତି, 'ମୁଁ ମୋ ମମିଙ୍କ ସହ ଜନ୍ମଦିନ ପାଳନ କରିଛି। ଏତେବଡ଼ ଖୁସିରେ ମୁଁ ମୋ ସାଙ୍ଗମାନଙ୍କୁ ସାଥୀରେ ସାମିଲ କରିପାରିନାହିଁ। ଏଥିପାଇଁ ମୁଁ ଦୁଃଖିତ। ଆଦା ନିଜ ଜନ୍ମଦିନ ପାଳନର ଏକ ଭିଡିଓ ମଧ୍ୟ ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରି ତାଙ୍କ ପ୍ରଶଂସକମାନେ ଦେଇଥିବା ପ୍ରେମ ଓ ସ୍ନେହକୁ ଶେୟାର କରିଛନ୍ତି। ସେ କହିଛନ୍ତି, କାର୍ଯ୍ୟବସ୍ତତାରେ ଅନେକ ମନପସନ୍ଦର ଖାଦ୍ୟ ଖାଇପାରୁନଥିଲେ, ହେଲେ ଏବେ ସେସବୁ ଖାଇପାରୁଛନ୍ତି। ଲକଡାଉନରେ ସେ ପିଆନୋ ବଜେଇବା ସହ ତାଙ୍କର ନୃତ୍ୟାଭାସ ଜାରି ରଖିଛନ୍ତି। ଅନେକ ସାଙ୍ଗମାନଙ୍କ ସହ ବାର୍ତ୍ତାଳାପ କରି ସେ ନିଜର ପିଲାଦିନ ଓ ଛାତ୍ରଜୀବନକୁ ଫେରି ପାଇଛନ୍ତି। ଆଜିକାଲି ସେ ଟିକେ ଶାନ୍ତିରେ ବି ଶୋଇପାରୁଛନ୍ତି। ଆଦା ୨୦୦୮ରେ ପରଦାରେ ପାଦ ଦେଇଥିଲେ। ୧୯୨୦ ହେଉଛି ଆଦାଙ୍କ ଅଭିନୀତ ପ୍ରଥମ ସିନେମା।

# ଭାଙ୍ଗିବାରୁ ଗଢ଼ିବାର ସୃଷ୍ଟି

'ଯାହା ଆମକୁ ଭାଙ୍ଗି ଦିଏ, ତାହା ମଧ୍ୟ ଆମକୁ ଦିନେ ଗଢ଼ିଦିଏ।' ବଲିଉଡ୍ ଅଭିନେତ୍ରୀ କ୍ରୀତି ସାନନ୍ ଏଭଳି ସାରାଂଶ କଥାଟିଏ ନିଜର ପ୍ରଶଂସକମାନଙ୍କୁ କହିଛନ୍ତି। ବିଶ୍ୱ ହେଉ କି ଭାରତ; ଯେଭଳି ଏକ ସଙ୍କଟଜନକ ପରିସ୍ଥିତି ଦେଇ ଗତି କରୁଛି, ଏ ସମୟରେ ଏକାଏକା ଥିବା ମଣିଷ କେତେ କ'ଣ ଗଠନମୂଳକ ଭାବନାରେ ବୁଡ଼ି ରହୁଛନ୍ତି, କ୍ରୀତି ବା ଏଥିରୁ ବାଦ୍ ପଡ଼ନ୍ତେ କେମିତି ? କ୍ରୀତି ସୋସିଆଲ ମିଡିଆରେ ପୋଷ୍ଟ କରିଥିବା ଏକ ଭିଡିଓରେ ତାଙ୍କ ପ୍ରଶଂସକମାନଙ୍କ ସହ ସିଧାସଳଖ ଆଳାପ କରିଛନ୍ତି। କ୍ରୀତି କହିଛନ୍ତି, ଏ ଦୁଃସମୟରେ ଚାରିଆଡ଼େ ଘୋଟିଥିବା ଘନ ଅନ୍ଧକାର ଭିତରେ ମୁଁ ପ୍ରତି ମୁହୂର୍ତ୍ତରେ ଦେଖିପାରୁଛନ୍ତି ଯେ ମୋ ଆଖି ସାମ୍ନାରେ ଶୁଭ୍ରଜ୍ୟୋତି ପରି କିଛି ଉଦ୍‌ଭାସିତ ହେଉଛି। ସେ କହିଥିବା କିଛି ସମୟର ଆଳାପ ଆଲୋଚନାର ସାରାଂଶକୁ ଏକ କ୍ୟାପସନ୍ ଦେଇଛନ୍ତି। କ୍ୟାପସନ୍‌ଟି ହେଉଛି, 'ମେ ଔର୍ ମେରି ତନହାଇ ଅକ୍ସର ବାତେଁ କିୟା କରତେ ହେଁ'। ଚଳଚ୍ଚିତ୍ର 'ହିରୋପନ୍ତି'ରୁ ବଲିଉଡ୍ ଜଗତରେ ପାଦ ଦେଇଥିବା କ୍ରୀତି ଏହା ଭିତରେ ଦିଲୱାଲେ, ରବତା, ବରେଲି କୀ ବର୍ଫି, ଲୁକା ଚୁପି, ଅର୍ଜୁନ ପଟିଆଲା, ହାଉସଫୁଲ-୪, ପାନିପଥ୍ ଆଦି ଫିଲ୍ମରେ ନାୟିକା ସାଜି ନିଜ ଅଭିନୟ ନିପୁଣତା ଦେଖାଇ ସାରିଲେଣି। ସିରିୟସ୍ ଭୂମିକାକୁ ବାଦ୍ ଦେଲେ ତାଙ୍କ ହାଲକାଫୁଲକା ନୃତ୍ୟ ଓ ଅଭିନୟ ସ୍ତ୍ରୀ, ଅଂଗ୍ରେଜି ମିଡିୟମ୍, କଲଙ୍କ ଓ ପତି ପତ୍ନୀ ଔର ବୋ'ରେ ଦେଖିବାକୁ ମିଳିଛି।



# ଅନୁଙ୍କ ସଂଜିବନୀ ମନ୍ତ୍ର



କରୋନା ମହାମାରୀର ଦ୍ୱିତୀୟ ଲହର ବେଳେ ସମାଜ ପ୍ରତି ନିଜ କର୍ତ୍ତବ୍ୟବୋଧକୁ ହୃଦୟଙ୍ଗମ କରି ଓଡ଼ିଆ ଚଳଚ୍ଚିତ୍ର ଜଗତର ସେଲିବ୍ରିଟିମାନେ 'ମିସନ୍ ସଂଜୀବନୀ' ମାଧ୍ୟମରେ ସାଧାରଣ ଲୋକଙ୍କ ମନରେ ବିଶ୍ୱାସ, ଆଶ୍ୱାସନା ଓ ବଞ୍ଚିବାର ରାହା ସୃଷ୍ଟି କରିବାକୁ ପ୍ରୟାସ କରୁଛନ୍ତି। ଏହି ଧାରାରେ ସାମିଲ ହେଇଛନ୍ତି ଅଭିନେତ୍ରୀ ଅନୁ ଚୌଧୁରୀ। ଏହି ଦୁର୍ଦ୍ଦିନରେ ଲୋକଙ୍କୁ ନିଜର ବାର୍ତ୍ତା ଜରିଆରେ ଲଢ଼େଇ ଜାରି ରଖିବାକୁ ଆହ୍ୱାନ ଦେଇଛନ୍ତି ଅନୁ। କରୋନା ଯୋଦ୍ଧା ଭାବେ ଛିଡ଼ା ହୋଇଥିବା ପୁଲିସ, ପ୍ରଶାସନ, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଅକ୍ଳାନ୍ତ ପରିଶ୍ରମକୁ ସେ କୃତଜ୍ଞତା ଜଣାଇଛନ୍ତି। ଆମେ ସରକାରଙ୍କ ନିୟମ ମାନିବା ସହ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ପୋଲିସ ଏବଂ ସ୍ୱେଚ୍ଛାସେବୀଙ୍କୁ ସହଯୋଗ କଲେ ଏଥିରୁ ବର୍ତ୍ତିଯାଇପାରିବା। ଅନୁ କହିଛନ୍ତି କେବଳ କଥାରେ ନୁହେଁ, ଆମେ ଯଦି ଆମ ଆଖପାଖରେ ଥିବା କୌଣସି କୋଭିଡ୍ ଆକ୍ରାନ୍ତ ବା ଅସହାୟ ଲୋକଙ୍କୁ ଯତକିଞ୍ଚିତ୍ ସାହାଯ୍ୟ କରନ୍ତି ତେବେ ନିଜକୁ ପୁଣ୍ୟବାନ ବୋଲି ଅନୁଭବ କରିବା।

# ୧୦ହଜାର ପ୍ରବାସୀ ଶ୍ରମିକଙ୍କୁ ଖାଦ୍ୟ ଯୋଗାଇବେ ସନ୍ନି ଲିଓନୀ



କରୋନା ମହାମାରୀ ସମୟରେ ଅନେକ ସେଲିବ୍ରିଟୀ ଗରିବଙ୍କୁ ସହାୟତା କରୁଛନ୍ତି । ଏବେ ଏଥିରେ ସାମିଲ୍ ହୋଇଛନ୍ତି ଅଭିନେତ୍ରୀ ସନ୍ନି ଲିଓନୀ । ସନ୍ନି ୧୦ହଜାର ପ୍ରବାସୀ ଶ୍ରମିକଙ୍କୁ ଖାଦ୍ୟ ଖୁଆଇବା ପାଇଁ ମନସ୍ଥ କରିଛନ୍ତି । ଏଥିପାଇଁ ସେ ପିପୁଲ୍ ଫର୍ ଏଥିକାଲ୍ ଟ୍ରିଟମେଣ୍ଟ ଅଫ୍ ଆନିମଲ୍ସର ସହ ହାତ ମିଳାଇଛନ୍ତି । ସନ୍ନି କହିଛନ୍ତି, ଆମେ ବର୍ତ୍ତମାନ ଏକ ବଡ଼ ସଙ୍କଟର ସାମ୍ନା କରୁଛୁ, କିନ୍ତୁ ଏହା ସହ କରୁଣା ଓ ଏକାଗ୍ରତାର ସହ ଆମେ ନିଶ୍ଚୟ ଆଗେଇବା । ପେଟା ଇଣ୍ଡିଆ ସହ ହାତ ମିଳାଇ ମୁଁ ବହୁତ ଖୁସି । ଏଥର ହଜାର ହଜାର ସଂଖ୍ୟକ ଅସହାୟ ଲୋକଙ୍କୁ ଆମେ ପ୍ରୋଟିନ୍ ଯୁକ୍ତ ଶାକାହାରୀ ଖାଦ୍ୟ ଯୋଗାଇବୁ। ଭୋଜନରେ ଡାଲି ଓ ଭାତ କିମ୍ବା ଖେଚୁଡି ଏବଂ ଫଳ ମଧ୍ୟ ଦିଆଯିବ । ସନ୍ନିଙ୍କୁ ୨୦୧୬ରେ ପେଟା ଇଣ୍ଡିଆର ପର୍ସନ୍ ଅଫ୍ ଦି ଇୟରରେ ମନୋନୀତ କରାଯାଇଥିଲା ଏବଂ ଏହା ପୂର୍ବରୁ ସଂଗଠନର ଅଭିଯାନରେ ଶାକାହାରୀ ଫ୍ୟାସନ, ଶାକାହାରୀ ଭୋଜନ ଓ କୁକୁର ଓ ବିଲେଇକୁ ପୋଷ୍ୟ ଭାବେ ଗ୍ରହଣ କରିବା ଆଦିରେ ସାମିଲ୍ ହୋଇଥିଲେ । ପେଟା ଓ ସନ୍ନି ଉଦୟ ଫାଉଣ୍ଡେସନ ମାଧ୍ୟମରେ ଭୋଜନ ଦାନ କରାଯିବ ।



# ବିବାଦରେ 'ବିଦ୍ୟାରାଣ'

ଗୋଟିଏ ଟାଇଟଲ୍‌କୁ ନେଇ ଏବେ ଦୁଇଜଣ ପ୍ରଯୋଜକ ଅଡୁଆରେ ପଡ଼ିଛନ୍ତି। ଗୋଟିଏ ପ୍ରଯୋଜନା ସଂସ୍ଥା ଟଙ୍କା ଖର୍ଚ୍ଚ କରି ସିନେମା ତିଆରି କରିଥିବା ବେଳେ ଆଉ ଗୋଟିଏ ସଂସ୍ଥା ଏହି ସିନେମାଟିକୁ ନିର୍ମାଣ କରିଛି ବୋଲି ବାହା ବାହା ନେବାକୁ ଗଣମାଧ୍ୟମରେ ପ୍ରଚାର କରିଚାଲିଛି। ନୂଆ ଓଡ଼ିଆ ଚଳଚ୍ଚିତ୍ର 'ବିଦ୍ୟାରାଣ' ଏବେ ବିବାଦରେ। ଟଙ୍କା ଖର୍ଚ୍ଚ କରିଥିବା ପ୍ରଥମ ପ୍ରଯୋଜନା ସଂସ୍ଥା ଏନେଇ ସିଣ୍ଡିକେଟର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସିଣ୍ଡିକେଟ ହାତ ଟେକିଦେଇଛି। କେବଳ ଆଶ୍ୱାଶନା ଦେଇଛି ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ କରାଯିବ।

ବାବୁସାନ୍ ଓ ଶିବାନୀ ଅଭିନୀତ ଏହି ଚଳଚ୍ଚିତ୍ରଟି ଆଚାର୍ଯ୍ୟ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମାଣ କରାଯାଇଛି। ଗତ କିଛିଦିନ ହେବ ଛତିଶଗଡ଼ର ରାୟପୁରଠାରେ ଉକ୍ତ ସିନେମାର କିଛି ଅଂଶର ସୁଟିଂ ସରିଯାଇଛି। ପ୍ରଯୋଜକ ପ୍ରଦୀପ୍ତ ଆଚାର୍ଯ୍ୟ ଏହି ଫିଲ୍ମ ପାଇଁ ପାଖାପାଖି ୨୧ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ମାତ୍ର ଅନ୍ୟ ଏକ ପ୍ରଯୋଜନା ସଂସ୍ଥା ଏହି ଫିଲ୍ମ କରୁଛି ବୋଲି ଗଣମାଧ୍ୟମରେ ପ୍ରଚାର ଚଳାଇଛି। ଏହି ପ୍ରଯୋଜନା ସଂସ୍ଥା ନିଜ ବ୍ୟାନରର ନାମ ରଖିଛି 'ତଥ୍ୟ ପ୍ରଡକ୍ସନ'। ପ୍ରଯୋଜକ ପ୍ରଦୀପ୍ତ ଆଚାର୍ଯ୍ୟ ଉକ୍ତ ସଂସ୍ଥାର ଅଧିକାରୀ ନିରଞ୍ଜନ ନାୟକଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ କେଣଣସି ଉତ୍ତର ମିଳୁନାହିଁ। ସିଣ୍ଡିକେଟ୍ ଉକ୍ତ ନୂଆ ପ୍ରଯୋଜନା ସଂସ୍ଥାକୁ ମଧ୍ୟ ନୋଟିସ୍ କରିଛି।



# ଯୁଗ୍ ଯୁଗ୍ ଜିଓ

ସିନେମା କଳାକାରଙ୍କୁ ସ୍ୱାଗତମ୍, ଶୁଭେଚ୍ଛା, ଅଭିନନ୍ଦନ ଅଥବା ଧନ୍ୟବାଦ କହିଥିବାର ଆପଣ ଶୁଣିଥିବେ, ହେଲେ 'ଯୁଗ୍ ଯୁଗ୍ ଜିଓ' ଭଳି ଆଶୀର୍ବାଦ ପୂର୍ବକ ଶବ୍ଦ ଶୁଣି ନ ଥିବେ। ପଞ୍ଜାବ ଅକାଳୀ ଦଳର ପ୍ରବକ୍ତା ମନଜିନ୍ଦର ସିଂହ ଫିଲ୍ମ ନିର୍ମାତା-ନିର୍ଦ୍ଦେଶକ ରୋହିତ ସେଟ୍ଟୀଙ୍କୁ ଏଭଳି ଆଶୀର୍ବାଦ ଦେଇଛନ୍ତି। ସାରା ଦେଶ ଏବେ କୋଭିଡ୍ ସଂକ୍ରମଣରେ ଅସ୍ତବ୍ୟସ୍ତ ହେଉଥିବା ବେଳେ କେତେଜଣ ସେଲିବ୍ରିଟି ସାଧାରଣ ଲୋକ ତଥା କୋଭିଡ୍ ଆକ୍ରାନ୍ତଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଛନ୍ତି। ସେମାନଙ୍କ ମଧ୍ୟରେ ରୋହିତ ମଧ୍ୟ ଏକ ଆଖିଦୃଶିଆ ସହାୟତା ପ୍ରଦାନ କରିଛନ୍ତି। ରୋହିତ ପଞ୍ଜାବର କୋଭିଡ୍ ଆକ୍ରାନ୍ତଙ୍କ ପାଇଁ ୨୫୦ ସିଟ୍ ବିଶିଷ୍ଟ ଏକ ହସପିଟାଲ୍ ନିର୍ମାଣ କରି ପଞ୍ଜାବ ସରକାରଙ୍କୁ ଦାନ କରିଛନ୍ତି।

# କୋଭିଡ ସେଣ୍ଟର ପାଇଁ ୨କୋଟି ଟଙ୍କା ଦାନ କଲେ ବିଗ ବି ଅମିତାଭ ବଚ୍ଚନ

ଦିଲ୍ଲୀର ରକବ ଗଞ୍ଜ ଗୁରୁଦ୍ୱାରରେ ସୋମବାର ଦିନ ଖୋଲିବାକୁ ଥିବା କୋଭିଡ-କେୟାର ସେଣ୍ଟର ପାଇଁ ବଲିଉଡ ସୁପରଷ୍ଟାର ଅମିତାଭ ବଚ୍ଚନ ୨କୋଟି ଟଙ୍କା ଦାନ କରିଛନ୍ତି । ଏନେଇ ଦିଲ୍ଲୀ ଶିଖ ଗୁରୁଦ୍ୱାର ପରିଚାଳନା କମିଟି ସଭାପତି ମନଜିନ୍ଦର ସିଂ ସିରସା କହିଛନ୍ତି। ଟୁଇଟ କରି ମନଜିନ୍ଦର ସିଂ ସିରସା ଲେଖିଛନ୍ତି ଯେ, "ଶିଖମାନେ କିମ୍ବଦନ୍ତୀ, ସେମାନଙ୍କ ସେବାକୁ ନମସ୍କାର"। ଅମିତାଭ ବଚ୍ଚନ ଶ୍ରୀ ଗୁରୁ ତେଗ ବାହାଦୂର କୋଭିଡ କେୟାର ସେଣ୍ଟରକୁ ୨କୋଟି ଟଙ୍କା ଦାନ କରି ଏଭଳି କହିଥିବା ନେଇ ଜଣାଇଛନ୍ତି ଅକାଳୀ ଦଳର ଜାତୀୟ ମୁଖପାତ୍ର ଶ୍ରୀ ସିରସା। ଦିଲ୍ଲୀରେ ଅମ୍ଳଜାନର ଅଭାବ ଥିବା ବେଳେ ଅମିତାଭଜୀ ପ୍ରାୟ ସବୁଦିନ ମୋତେ କଲ କରି କୋଭିଡ-କେୟାର ସେଣ୍ଟର ତିଆରି କାମ କେତେ ବାଟ ଗଲା ବୋଲି ପଚାରୁଥିବା କହିଛନ୍ତି ଶ୍ରୀ ସିରସା । ମିଳିଥିବା ସୂଚନା ମୁତାବକ, ରକବ ଗଞ୍ଜ ଗୁରୁଦ୍ୱାରରେ କୋଭିଡ-କେୟାର ସେଣ୍ଟର ସୋମବାର ଖୋଲିବ ଏବଂ ଏଥିରେ ୩୦୦ ଶଯ୍ୟା, ଅମ୍ଳଜାନ କନସେନଟ୍ରେଟର, ଡାକ୍ତର, ପାରାମେଡିକ୍ ଏବଂ ଆମ୍ବୁଲାନ୍ସ ରହିବ ।

# ଆସୁଛି 'ଶଙ୍ଖା ସିନ୍ଦୂର'

ନୂଆ ଓଡ଼ିଆ ଚଳଚ୍ଚିତ୍ର 'ତୁମେ ମୋ ଶଙ୍ଖା ତୁମେ ମୋ ସିନ୍ଦୁର' ରିଲିଜ୍ ଅପେକ୍ଷାରେ ରହିଛି। ଏହି ଚଳଚ୍ଚିତ୍ରରେ ନାୟକ ଅଭିଷେକ ଏବଂ ନାୟିକା ଭୂମିକାରେ ଅଛନ୍ତି ଅଙ୍କିତା ଓ ମହିମା। ବନସ୍ୱର୍ଣ୍ଣ ଟେଲିଭିଜନ୍ ପ୍ରାଇଭେଟ୍ ଲିମିଟେଡ୍ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ବଦ୍ରିନାଥ ପଟ୍ଟନାୟକ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ରଂଜିତ ବାରିକ। ଅଭିଜିତ ମଜୁମ୍‌ଦାରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ହ୍ୟୁମାନ୍ ସାଗର, ସ୍ୱୟମ୍ ପାଢ଼ୀ, ଇରା ମହାନ୍ତି, ରୋଜାଲିନ୍, ରିଙ୍କି, ନେହା ଓ ନୀହାରିକା ପ୍ରମୁଖ କଣ୍ଠଦାନ କରିଛନ୍ତି। 'ତୁମେ ମୋ ଶଙ୍ଖା ତୁମେ ମୋ ସିନ୍ଦୂର' ଏକ ନିଛକ ପ୍ରେମ କାହାଣୀ। ଏଥିରେ ପାରିବାରିକ ଡ୍ରାମା ବ୍ୟତୀତ କିଛି ରହସ୍ୟମୟ ଘଟଣା ମଧ୍ୟ ରହିଛି। ଓଡ଼ିଶାର ୨୫ଟି ସିନେମା ହଲ୍‌ରେ ଫିଲ୍ମଟି ରିଲିଜ୍ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି।





# 'ପିକୁ' ପଛର ଅଜଣା କଥା

ପାଞ୍ଚ ବର୍ଷ ପୂରି 'ପିକୁ'କୁ ଛ'ବର୍ଷ ଚାଲିଲା। ଅମିତାଭ ବଚ୍ଚନ, ଦୀପିକା ପାଦୁକୋନଙ୍କ ସହ ଏଥିରେ ପ୍ରମୁଖ ଭୂମିକାରେ ଥିବା ଇରଫାନ୍ ଖାନ୍ ଆଜି ଇହଜଗତରେ ନାହାନ୍ତି। ଆପଣ ଜାଣନ୍ତି କି ଏ 'ପିକୁ' ପଛରେ ପାଞ୍ଚଟି ଅଜଣା କଥା ରହିଛି। ଏଥିରେ ଟାଇଟଲ୍ ରୋଲ୍‌ରେ ପ୍ରଥମେ ପରିଣୀତି ଚୋପ୍ରାଙ୍କୁ ମନୋନୀତ କରାଯାଇଥିଲା। ସେ 'ଦାୱତ୍-ଇ-ଇସ୍କ' ମୁଭିର ସୁଟିଂରେ ବ୍ୟସ୍ତ ଥିବାରୁ ଏହି ଅଫରକୁ ମନା କରିଦେଇଥିଲେ। ପରେ ନିର୍ଦ୍ଦେଶକ ସୁଜିତ୍ ସିର୍କାର୍ ଦୀପିକାଙ୍କୁ ନେଇଥିଲେ। ପରିଣୀତିଙ୍କ ପାଇଁ ପରିତାପର ବିଷୟ ଏହା ଥିଲା ଯେ ଦୀପିକା ଅଭିନୀତ 'ପିକୁ' ଗ୍ରାଣ୍ଡ ସକ୍ସେସ୍ ପାଇବା ବେଳେ ତାଙ୍କ 'ଦାୱତ୍-ଇ-ଇସ୍କ' ପ୍ରେକ୍ଷାଳୟରେ ଚିତପଟାଙ୍ଗ୍ ମାରିଥିଲା। ସୁଜିତ୍ ଯେତେବେଳେ 'ପିକୁ' ଚଳଚ୍ଚିତ୍ରରେ ଥିବା ରାଣା ଚୌଧୁରୀ ଭୂମିକା ପାଇଁ ଇରଫାନ୍‌ଙ୍କୁ ମନୋନୀତ କଲେ, ସେତେବେଳେ ଇରଫାନ୍ ଏକ ହଲିଉଡ୍ ମୁଭି ପାଇଁ ସାଇନ୍ କରିସାରିଥିଲେ। ଏହି ଫିଲ୍ମ ପାଇଁ ଦୀପିକାଙ୍କୁ ବଙ୍ଗଳା ଭାଷା ଶିଖିବାକୁ ପଡ଼ିଥିଲା। ନିର୍ଦ୍ଦେଶକ ସୁଜିତ ଓ ତାଙ୍କ ପତ୍ନୀ ଦୀପିକାଙ୍କୁ ଯେତେପ୍ରକାର ବଙ୍ଗୀୟ ଶୈଳୀ ଶିଖାଇଥିଲେ ବି ଦୀପିକାଙ୍କଠାରୁ ଅବିକଳ ଅଭିନୟ ପାଇବାକୁ ଜଣେ ସ୍ୱତନ୍ତ୍ର ବଙ୍ଗୀୟ କୋଚ୍‌ଙ୍କୁ ନିଯୁକ୍ତ କରିବାକୁ ପଡ଼ିଥିଲା। ସେହିପରି ହୃଷୀକେଶ ମୁଖାର୍ଜୀଙ୍କ 'ଆନନ୍ଦ' ଚଳଚ୍ଚିତ୍ର ପରି ଅମିତାଭ ବଚ୍ଚନଙ୍କୁ 'ପିକୁ'ରେ ମଧ୍ୟ ଭାସ୍କର ମୁଖାର୍ଜୀଙ୍କ ଭୂମିକାରେ ଅବିକଳ ଅଭିନୟ କରିବାକୁ ପଡ଼ିଥିଲା। ଏଥିପାଇଁ ଅମିତାଭଙ୍କୁ ଯଥେଷ୍ଟ ଧ୍ୟାନ ଦେବାକୁ ପଡ଼ିଥିଲା। ମୌସୁମୀ ଚାଟାର୍ଜୀ ଯିଏ 'ପିକୁ'ରେ ଛବି ମାସୀ ଭୂମିକାରେ ଅବତୀର୍ଣ୍ଣ ହେଇଥିଲେ। ପ୍ରାୟ ୮ ବର୍ଷର ବ୍ୟବଧାନ ପରେ ମୌସୁମୀଙ୍କୁ ସୁଜିତ କ୍ୟାମେରା ସାମ୍ନାକୁ ଆସିବାକୁ ବାଧ୍ୟ କରିଥିଲେ।

# ରାଗିଗଲେ 'ଶକ୍ତିମାନ' : ମୃତ୍ୟୁ ଗୁଜବକୁ ବକବାସ୍ କହିଲେ

'ଶକ୍ତିମାନ' ନାମରେ ଘରେ ଘରେ ପରିଚିତ ମୁକେଶ ଖାନ୍ନା ଏବେ ଚର୍ଚ୍ଚାରେ ଅଛନ୍ତି । ନିକଟରେ ସୋଶାଲ ମିଡିଆରେ ତାଙ୍କର ଦେହାନ୍ତ ହୋଇଥିବା ଖବର ଭାଇରାଲ୍ ହୋଇଥିଲା। ଏହି ଖବର ତାଙ୍କ ଫ୍ୟାନଙ୍କୁ ଆଶ୍ଚର୍ଯ୍ୟ କରିଛି । ତେବେ ମୃତ୍ୟୁର ଗୁଜବ ଖବର ଭାଇରାଲ୍ ହେବା ପରେ ଖୋଦ୍ ମୁକେଶ ଖାନ୍ନା ଲୋକଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାସହ ସେ ନିଜ ସ୍ୱାସ୍ଥ୍ୟ ସମ୍ବନ୍ଧିତ ସୂଚନା ମଧ୍ୟ ଦେଇଛନ୍ତି । ମୃତ୍ୟୁର ଗୁଜବ ଖବର ପରେ ଅଭିନେତା ଜଣକ ନିଜର ଅଫିସିଆଲ୍ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଭିଡିଓ ଜାରି କରିଛନ୍ତି, ଯେଉଁଥିରେ ସେ ମୃତ୍ୟୁ ଖବରକୁ ଖଣ୍ଡନ କରିଛନ୍ତି । ଏହାସହ ଫର୍ଜି ଖବର ଭାଇରାଲ୍ କରୁଥିବା ଲୋକଙ୍କୁ ନିନ୍ଦା କରିଛନ୍ତି। ଭିଡିଓ ଶେଆର୍ କରି ମୁକେଶ କହିଛନ୍ତି, ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଛି। ମୁଁ ବୁଝିପାରୁନି କେଉଁମାନେ ଏଭଳି ଗୁଜବ ଖବର ବାହାର କରୁଛନ୍ତି। ମୁଁ ପୂରା ଠିକ୍ ଅଛି ଏବଂ ଯେପର୍ଯ୍ୟନ୍ତ ଆପଣମାନଙ୍କ ଆଶୀର୍ବାଦ ମୋ ସହ ଅଛି, ମୋତେ କିଛି ହେବ ନାହିଁ । ମୋତେ ସମ୍ବନ୍ଧରେ ଗୁଜବ ଖବର ପ୍ରଚାର କରାଯାଉଛି। ସୋଶାଲ ମିଡିଆର ଏହା ହିଁ ସମସ୍ୟା। ସମସ୍ତେ ମୋ କଥା ଏତେ ଚିନ୍ତା କରୁଥିବାରୁ ଧନ୍ୟବାଦ। ମୋତେ ଅନେକ ଲୋକଙ୍କ ଫୋନ୍ ଆସୁଛି। ଆପଣଙ୍କ ସମସ୍ତଙ୍କୁ ଧନ୍ୟବାଦ।

# ଫ୍ରାନ୍ସରୁ ଅମ୍ଳଜାନ ପ୍ଲାଣ୍ଟ ଆଣୁଛନ୍ତି ଅଭିନେତା ସୋନୁ ସୁଦ୍

ବଲିଉଡର ଜଣାଶୁଣା ଅଭିନେତା ସୋନୁ ସୁଦ୍ ଭାରତରେ କୋଭିଡ-୧୯ ସଂକ୍ରମଣରୁ ଲୋକଙ୍କୁ ସୁରକ୍ଷା ଦେବା ଲାଗି ଫ୍ରାନ୍ସ ଓ ଅନ୍ୟ କେତେକ ଦେଶରୁ ଅମ୍ଳଜାନ ପ୍ଲାଣ୍ଟ ଆଣୁଥିବାର ଖବର ମିଳିଛି। ଏହାକୁ ଦେଶର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା କରାଯିବ। ମହାମାରୀ ମଧ୍ୟରେ ଲୋକଙ୍କୁ ବଞ୍ଚାଇବାରେ ସାହାଯ୍ୟ କରିବାକୁ ସୋନୁ ସୁଦ୍ ବିଭିନ୍ନ ଡାକ୍ତରଖାନା ଏବଂ ସଂଗଠନକୁ ଅମ୍ଳଜାନ ସିଲିଣ୍ଡର ପ୍ରଦାନ କରୁଛନ୍ତି। ସୋନୁ ସୁଦ୍ ଭାରତର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ କୋଭିଡ୍ -୧୯ ରାଜ୍ୟରେ ଲୋକଙ୍କ ପାଇଁ ଆଣିଥିବା ଅମ୍ଳଜାନ ପ୍ଲାଣ୍ଟରୁ ଅତି କମରେ ଚାରିଟି ସ୍ଥାପନ କରିବାକୁ ଯୋଜନା କରିଛନ୍ତି। ସେ କହିଛନ୍ତି, "ଆମେ ଆବଶ୍ୟକ କରୁଥିବା ଲୋକଙ୍କ ପାଇଁ ଅମ୍ଳଜାନ ପ୍ଲାଣ୍ଟ ଆଣିଛୁ। ଅମ୍ଳଜାନ ସିଲିଣ୍ଡର ଉପଲବ୍ଧ ନହେବା ହେତୁ ଆମେ ଅନେକ ଲୋକ ଯନ୍ତ୍ରଣା ଭୋଗୁଥିବାର ଦେଖିଛୁ । ଆମେ ବର୍ତ୍ତମାନ ପାଇଲୁ, ଏବଂ ଏହା ପୂର୍ବରୁ ଲୋକମାନଙ୍କୁ ଦେଉଛୁ। ତେବେ ଏହି ଅମ୍ଳଜାନ କାରଖାନା କେବଳ ସମଗ୍ର ଡାକ୍ତରଖାନାକୁ ଯୋଗାଇବ ନାହିଁ, ବରଂ ଏହି ଅମ୍ଳଜାନ ସିଲିଣ୍ଡର ମଧ୍ୟ ପୂରଣ କରିବ, ଯାହା କୋଭିଡ -୧୯ ରେ ପୀଡ଼ିତ ଲୋକଙ୍କ ଏକ ପ୍ରମୁଖ ସମସ୍ୟାର ସମାଧାନ କରିବ। ସୋନୁ ସୁଦ୍ ସୂଚନା ଦେଇଛନ୍ତି ଯେ ପ୍ରଥମ ପ୍ଲାଣ୍ଟ ଅର୍ଡର ହୋଇସାରିଛି ଏବଂ ଏହା ଫ୍ରାନ୍ସରୁ ଏହା ଆଗାମୀ ୧୦ ରୁ ୧୨ଦିନ ମଧ୍ୟରେ ଭାରତରେ ପହଞ୍ଚିବ।



# ପି ଡି ଏସ ଚାଉଳ ବଂଟନ ବେଳେ ବାୟୋମେଟ୍ରିକ ମେସିନ ବ୍ୟବହାର ବନ୍ଦ ହେଉ : କଂଗ୍ରେସ

ଭୁବନେଶ୍ୱର,୧୩/୫ (ନି.ପ୍ର): ରାଜ୍ୟରେ ଏବେ ପିଡିଏସ ଚାଉଳ ଏବଂ କେନ୍ଦ୍ର ସରକାର ମେ ଓ ଜୁନ ମାସ ପାଇଁ ଦେଇଥିବା ଚାଉଳ ବଂଟାଯିବାର ଯୋଜନା ରହିଛି। ଗତ ମେ ୧ ତାରିଖରୁ କିଛି ଜାଗାରେ ତାହା ବଂଟା ଆରମ୍ଭ ହୋଇ ସାରିଛି। ମାତ୍ର ଏହାକୁ ବାଂଟିବା ବେଳେ ଯେଉଁ ବାୟୋମେଟ୍ରିକ ବା ଇ –ପୋସ ମେସିନ ବ୍ୟବହାର କରାଯିବାର ନିୟମ ଅଛି ତାହା ବର୍ତମାନ କରୋନା ମହାମାରୀର ପ୍ରବଳ ପ୍ରାଦୁର୍ଭାବ ସମୟରେ ଆତ୍ମଘାତି ହେବ। ଆଖିର ଫଟୋ ନେବା ସହିତ ଆଙ୍ଗୁଳି ଟିପ ନେବା ଦ୍ୱାରା କରୋନା ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି ବୋଲି କଂଗ୍ରେସ ମୁଖପାତ୍ର ସୁଦର୍ଶନ ଦାସ କହିଛନ୍ତି। ତେଣୁ ସରକାର ଏହାକୁ ବନ୍ଦ କରିବାକୁ ସେ ଦାବୀ କରିଛନ୍ତି। ଏକ ଟ୍ୱିଟ ଯୋଗେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରକାଶ ଥାଉକି ଓଡ଼ିଶା ସରକାରୀ ରିଟେଲ ବିକ୍ରେତା ୱେଲଫେଆର ସମିତି ପକ୍ଷରୁ ଏହି ସମସ୍ୟା ପ୍ରତି ବାରମ୍ବାର ଦୃଷ୍ଟି ଆକର୍ଷଣ ପୂର୍ବକ ବିଭାଗୀୟ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। ସେମାନଙ୍କର ଦାବୀ ଯଥାର୍ଥ ଏବଂ ରାଜ୍ୟ ସରକାର ତୁରନ୍ତ ବାୟୋମେଟ୍ରିକ ଯନ୍ତ୍ର ବନ୍ଦ କରି ସେମାନଙ୍କ ତଥା ଖାଉଟି ମାନଙ୍କର ସୁରକ୍ଷା ଦିଅନ୍ତୁ। ବାୟୋମେଟ୍ରିକ ଯନ୍ତ୍ର ବ୍ୟବହାର ଦ୍ୱାରା ବିଦେଶ ଫେରନ୍ତା ପ୍ରବାସୀ ମାନେ ମଧ୍ୟ ଅନେକ ଚାଉଳ ପାଇବାର ବଂଚିତ ହେବେ। ଏସମସ୍ତ କଥାକୁ ବିଚାରକୁ ନେଇ ସରକାର ତୁରନ୍ତ ନିଷ୍ପତି ନେଇ ଚାଉଳ ବାଂଟିବା ସମୟରେ ବାୟୋମେଟ୍ରିକ ବ୍ୟବହାର କୁ ପ୍ରତ୍ୟାହାର କରନ୍ତୁ ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ଶ୍ରୀ ଦାସ ଏବଂ ସୋସିଆଲ ମିଡ଼ିଆ ଅଧ୍ୟକ୍ଷ ମହାନନ୍ଦ ଦାବୀ କରିଛନ୍ତି।

# କୋଭିଡ୍ ମୁକାବିଲା ପାଇଁ ପଶ୍ଚିମ ଓଡ଼ିଶା ଜିଲ୍ଲାଗୁଡ଼ିକୁ ଅର୍ଥ ବରାଦ ହେବ: ଅସିତ୍ ତ୍ରିପାଠୀ



ଭୁବନେଶ୍ୱର,୧୩/୫ (ନି.ପ୍ର): କୋଭିଡ୍ ମହାମାରୀ ମୁକାବିଲା ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ବୁଧବାର ଭର୍ଚୁଆଲ୍ ମାଧ୍ୟମରେ ୧୦ଟି ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି । କୋଭିଡ୍ ବିରୁଦ୍ଧରେ ଆମ ସଂଗ୍ରାମକୁ ଆହୁରି ଫଳପ୍ରଦ ଏବଂ ଜନାଭିମୁଖୀ କରିବା ପାଇଁ ପଶ୍ଚିମ ଓଡ଼ିଶା ବକାଶ ପରିଷଦ ତରଫରୁ ଉଦ୍ୟମ ଅବ୍ୟାହତ ରହିଛି ବୋଲି ସେ କହିଛନ୍ତି।

ସେ କହିଛନ୍ତି ଯେ ବିକାଶ ପରିଷଦ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପ୍ରାୟ ଦୁଇଗୁଣ ଅର୍ଥର ବ୍ୟବସ୍ଥା କରାଯାଇଛି । ବୃହତର ଜିଲ୍ଲାଗୁଡ଼ିକ ପାଇଁ ପ୍ରାୟ ୩ କୋଟି ଟଙ୍କା ପ୍ରଦାନ କରାଯିବ। ଏହା ସରକାରୀ ବ୍ୟବସ୍ଥା ଅନୁଯାୟୀ କୋଭିଡ୍ ପରିଚାଳନା ପାଇଁ ଦୀର୍ଘସ୍ଥାୟୀ ଭିତିଭୂମି ନିର୍ମାଣ କରିବାରେ ବିନିଯୋଗ କରାଯିବ। ଦେବଗଡ଼, ସୁବର୍ଣ୍ଣପୁର, ନୁଆପଡ଼ା ପ୍ରଭୃତି ଜିଲ୍ଲା ପାଇଁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଅନୁଦାନର ବ୍ୟବସ୍ଥା କରାଯିବ। ଅର୍ଥ ବରାଦ ସହ ତଦାରଖ ଏବଂ ଯୋଗାଯୋଗ କ୍ଷେତ୍ରରେ ମଧ ପଶ୍ଚିମ ଓଡ଼ିଶା ବକାଶ ପରିଷଦ ସହଯୋଗ କରିବ ।

ପଶ୍ଚିମ ଓଡ଼ିଶା ବକାଶ ପରିଷଦ ମଧ ଜିଲ୍ଲାପାଳମାନଙ୍କ ସହ ଆଲୋଚନା କରି ବିଭିନ୍ନ କୋଭିଡ୍ ହସ୍ପିଟାଲ୍‌ରେ ଅକ୍ସିମିଟର, ଅଟୋଆନାଲାଇଜର, ଜେନେରେଟର, ବିଭିନ୍ନ ଆସବାବପତ୍ର, ସ୍ୱସ୍ଥ୍ୟସେବା କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ, ଆଇସିୟୁଗୁଡ଼ିକର ସଂପ୍ରସାରଣ, ଅମ୍ଳଜାନ ସୁବିଧା, ଆମ୍ବୁଲାନ୍ସ ସେବା ଆଦିରେ ରହିଥିବା ଅଭାବଗୁଡ଼ିକ ତୁରନ୍ତ ପୂରଣ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ବର୍ତମାନ ପ୍ରାୟ ପ୍ରତି ଜିଲ୍ଲାରେ ଆଇସିୟୁ ଶଯ୍ୟା ସୁବିଧା ରହିଛି । ଏହାର ଦୃଢ଼ିକରଣ ନିମନ୍ତେ ଏବଂ ଏଥିରେ ଆନୁଷଙ୍ଗିକ ସୁବିଧାର ପୂର୍ଣ୍ଣ ଉପଲବ୍ଧି ନିମନ୍ତେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସ୍ୱାସ୍ଥ୍ୟ ବିଭାଗ ସହ ମିଳିତ ହୋଇ କାର୍ଯ୍ୟ କରିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ସାଧାରଣ ଲୋକମାନଙ୍କର ସ୍ୱାସ୍ଥ୍ୟସେବାରେ ଯେପରି କୌଣସି ଅଭାବ ପରିଲକ୍ଷିତ ନହୁଏ ସେଥି ପ୍ରତି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସହଯୋଗ କରିବ। ଅଟୋ ଆନାଲାଇଜର, ୟୁଜିଆଇ ଭଳି ଗୁରୁତ୍ୱପୂର୍ଣ୍ଣ ଉପକରଣ କ୍ରୟ ନିମନ୍ତେ ମଧ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହ ଯୋଗାଯୋଗ କରି ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ନିଷ୍ପତି ନେଇଛି । ଜିଲ୍ଲାପାଳମାନେ ତାଙ୍କ ଜିଲ୍ଲାର ପରିସ୍ଥିତିକୁ ଦୃଷ୍ଟିରେ ରଖି ପଶ୍ଚିମ ଓଡ଼ିଶା ବକାଶ ପରିଷଦ ଦ୍ୱାରା ପ୍ରଦାନ କରାଯାଇଥିବା ଅନୁଦାନର ବିନିଯୋଗ କରିବେ। ପଶ୍ଚିମ ଓଡ଼ିଶା ବକାଶ ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ, ଉନ୍ନୟନ କମିଶନର ପ୍ରମୁଖ ବିଭିନ୍ନ ପଦାଧିକାରୀ ବିଭିନ୍ନ ଜିଲ୍ଲାକୁ ଯାଇ ଆବଶ୍ୟକତା ଅନୁଯାୟୀ ପଦକ୍ଷେପ ନେବେ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ମଧ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ବିରୋଧୀଙ୍କ ସହ ଆଲୋଚନା କଲେ ମୁଖ୍ୟମନ୍ତ୍ରୀଙ୍କର ସମ୍ମାନ ହାନି ହେବ କି ? : ନରସିଂହ

ଭୁବନେଶ୍ୱର ,୧୩/୫ (ନି.ପ୍ର): କୋଭିଡର ଦ୍ୱିତୀୟ ଲହର ରାଜ୍ୟରେ ଭୟଙ୍କର ରୂପ ନେଲାଣି। ଓଡ଼ିଶାର ସ୍ଥିତି ଅସମ୍ଭାଳ ଆଡ଼କୁ ଗଲାଣି। ତଥାପି ସରକାରଙ୍କ ନିଦ ଭାଙ୍ଗୁନି। ଏଭଳି ସ୍ଥିତିର ସଫଳ ମୁକାବିଲା କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୁରନ୍ତ ସର୍ବଦଳୀୟ ବୈଠକ ଡାକନ୍ତୁ। ରାଜ୍ୟର କୋଭିଡ ସଂକ୍ରମଣ ସ୍ଥିତି ଉପରେ ଉଦବେଗ ପ୍ରକାଶ କରି ଏପରି ଆହ୍ୱାନ କରିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର। ସେ କହିଛନ୍ତି, ଏଭଳି ନ କରି ସମସ୍ତେ ଏକଜୁଟ୍ ହୋଇ ଉଦ୍ୟମ କରିବା ଦରକାର। ତାହେଲେ ଯାଇ ଲୋକଙ୍କ ଜୀବନ ବଞ୍ଚିପାରିବ। ବିଭିନ୍ନ ବିବରଣୀରୁ ଯାହା ଜଣାପଡୁଛି, ସହର ଅପେକ୍ଷା ଗ୍ରାମାଞ୍ଚଳରେ ୪ ଗୁଣ ଲୋକ ଏହି ମହାମାରୀ ଦ୍ୱାରା ଆକ୍ରାନ୍ତ ହୋଇ ପ୍ରାଣ ହରାଉଛନ୍ତି। ଗ୍ରାମାଞ୍ଚଳରେ ଘରକୁ ଘର ବୁଲିବା ତ ଦୂରର କଥା ସେଠାକୁ ପ୍ରଶାସନ ଆଦୌ ଯାଉନାହିଁ। ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବନ୍ଦ ପଡ଼ିଛି। ଆମ୍ବୁଲାନ୍ସ୍‌ର ବ୍ୟବସ୍ଥା ନାହିଁ। ଅକ୍ସିଜେନ୍ ନାହିଁ। ସ୍ୱାସ୍ଥ୍ୟ କର୍ମୀ, ନର୍ସ ଓ ପାରାମେଡିକାଲ କର୍ମଚାରୀଙ୍କୁ ଘୋର ଅଭାବ। ଶ୍ରୀ ମିଶ୍ର କହିଛନ୍ତି, ଗତବର୍ଷ ଯେଉଁ ସ୍ୱାସ୍ଥ୍ୟ କର୍ମୀମାନେ କରୋନାକୁ ସାମନା କରି ଲୋକଙ୍କ ଜୀବନ ବଞ୍ଚାଉଥିଲେ ସେମାନେ ଆଜି ନିଜର ପେଟ ପାଟଣା ପାଇଁ ରାଜରାସ୍ତାରେ ବସିଛନ୍ତି। ଗଣମାଧ୍ୟମ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲି ମାଗଣା ଚାଉଳ ସହିତ ମାସିକ ୨ ହଜାର ଟଙ୍କା ନଗଦ ଦେବା ପାଇଁ। ଦୁର୍ଭାଗ୍ୟ ଏ ସରକାର କୌଣସି ପଦକ୍ଷେପ ନେଲେନାହିଁ। କୋଭିଡ ଆକ୍ରାନ୍ତ ମୃତ୍ୟୁ ସଂଖ୍ୟା ଲୁଚାଇବାରେ ଓଡ଼ିଶା ସରକାର ପାରଙ୍ଗମ। କରୋନାର ତୃତୀୟ ଲହର ସୁନିଶ୍ଚିତ ବୋଲି ଏବେଠାରୁ ବିଶେଷଜ୍ଞମାନେ କହିସାରିଲେଣି। ଓଡ଼ିଶାରେ ମଧ ବ୍ଲାକ୍ ଫଙ୍ଗସ୍ ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଲାଣି। ଖବରକାଗଜ ଅନୁଯାୟୀ, ସରକାର ଯଦି ଦ୍ୱିତୀୟ ଲହରକୁ ନିୟନ୍ତ୍ରଣ କରିପାରୁନାହାନ୍ତି, ତାହେଲେ ତୃତୀୟ ଲହର ସାମନା କରିବେ କିପରି ? ବିରୋଧୀଙ୍କ ସହ ଆଲୋଚନା କଲେ ମୁଖ୍ୟମନ୍ତ୍ରୀଙ୍କର କଣ ସମ୍ମାନ ହାନି ହେବ କି ?

# ୨୩ ଯାଏଁ ବାତିଲ ରହିବ ୬ ଯୋଡ଼ା ମେମୁ ଓ ପାସେଞ୍ଜର ଟ୍ରେନ୍




ଭୁବନେଶ୍ୱର,୧୩/୫ (ନି.ପ୍ର): ଓଡ଼ିଶା ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ଏବଂ କୋଭିଡ଼୧୯ ସଂକ୍ରମଣ ମାମଲା ବୃଦ୍ଧିର ଶୃଙ୍ଖଳାକୁ ଭାଙ୍ଗିବା ସହିତ କମ ପୃଷ୍ଠପୋଷକତା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଆସନ୍ତା ମଇ ମାସ ୨୩ ତାରିଖ ପର୍ଯ୍ୟନ୍ତ ୦୬ ଯୋଡ଼ା ସ୍ଥାନୀୟ ପସେଞ୍ଜର / ମେମୁ ଟ୍ରେନକୁ ଉଭୟ ଦିଗରୁ ବାତିଲ କରିବାକୁ ନିଷ୍ପତି ନିଆଯାଇଛି । ଏହି ଟ୍ରେନ୍ ଗୁଡିକ ହେଲା - ୦୮୪୫୬/୦୮୪୫୫ ଭୁବନେଶ୍ୱର-କେନ୍ଦୁଝରଗଡ଼ - ଭୁବନେଶ୍ୱର ବିଶେଷ ଟ୍ରେନ , ୦୮୪୧୨/୦୮୪୧୧ ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର ବିଶେଷ ଟ୍ରେନ ,୦୮୪୩୮/୦୮୪୩୭ କଟକ-ଭଦ୍ରକ-କଟକ ବିଶେଷ ଟ୍ରେନ , ୦୮୪୬୧/୦୮୪୬୨ କଟକ-ପାରାଦୀପ-କଟକ ବିଶେଷ ଟ୍ରେନ , ୦୮୪୫୪/୦୮୪୫୩ କଟକ-ଭଦ୍ରକ-କଟକ ବିଶେଷ ଟ୍ରେନ ଓ ୦୮୫୨୮/୦୮୫୨୭ ବିଶାଖାପାଟନମ୍-ରାୟପୁର-ବିଶାଖାପାଟନମ୍ ବିଶେଷ ଟ୍ରେନ । ଏହା ବ୍ୟତୀତ, ତିନିଟି ସ୍ଥାନୀୟ ପାସେଞ୍ଜର / ମେମୁ ବିଶେଷ ଟ୍ରେନ୍ ୧୪ ମଇ ତାରିଖ ଦିନ ଉଭୟ ଦିଗରୁ ବାତିଲ ରହିବ । ଏହି ଟ୍ରେନ୍ ଗୁଡିକ ହେଉଛି ୦୮୪୨୮/୦୮୪୨୭ ପୁରୀ-ଅନୁଗୁଳ-ପୁରୀ ବିଶେଷ ଟ୍ରେନ , ୦୮୪୩୨/୦୮୪୩୧ ପୁରୀ-କଟକ-ପୁରୀ ବିଶେଷ ଟ୍ରେନ ଏବଂ ୦୮୪୩୩/୦୮୪୩୪ ଭୁବନେଶ୍ୱର-ପଲାସା-ଭୁବନେଶ୍ୱର ବିଶେଷ ଟ୍ରେନ । ସେହିଭଳି, ତିନି ଯୋଡି ସ୍ୱତନ୍ତ୍ର ଟ୍ରେନ୍ ଆଂଶିକ ବାତିଲ୍ ରହିବ । ୦୮୪୨୮/୦୮୪୨୭ ପୁରୀ-ଅନୁଗୁଳ-ପୁରୀ ସ୍ପେଶାଲ ୧୩, ୧୭ ଏବଂ ୨୨ ମଇ ତାରିଖ ଦିନ ଉଭୟ ଦିଗରୁ ପୁରୀ ଓ ତାଳଚେର ମଧ୍ୟରେ ଚଳାଚଳ କରିବ ଏବଂ ତାଳଚେର ଓ ଅନୁଗୁଳ ମଧ୍ୟରେ ବାତିଲ ରହିବ । ୦୨୦୯୭/୦୨୦୯୮ ଭୁବନେଶ୍ୱର-ଜୁନାଗଡ଼ ରୋଡ-ଭୁବନେଶ୍ୱର ସ୍ପେଶାଲ ଭୁବନେଶ୍ୱର ଠାରୁ ୧୩ ରୁ ୨୨ ମେ ମଧ୍ୟରେ ଏବଂ ଜୁନାଗଡ଼ ରୋଡ଼ ଠାରୁ ୧୪ ରୁ ୨୩ ମଇ ମଧ୍ୟରେ ଉଭୟ ପାର୍ଶ୍ୱରୁ ଭୁବନେଶ୍ୱର ଏବଂ ରାୟାଗଡା ମଧ୍ୟରେ ଚଳାଚଳ କରିବ ଏବଂ ରାୟାଗଡା ଏବଂ ଜୁନାଗଡ଼ ରୋଡ ମଧ୍ୟରେ ବାତିଲ ରହିବ। ୦୮୩୦୧/୦୮୩୦୨ ସମ୍ବଲପୁର-ରାୟାଗଡା-ସମ୍ବଲପୁର ସ୍ପେଶାଲ୍ ୧୩ ରୁ ୨୩ ମଇ ମଧ୍ୟରେ ଉଭୟ ପାର୍ଶ୍ୱରୁ ସମ୍ବଲପୁର ଏବଂ ଟିଟିଲାଗଡ ମଧ୍ୟରେ ଚଳାଚଳ କରିବ ଏବଂ ଟିଟିଲାଗଡ ଏବଂ ରାୟାଗଡା ମଧ୍ୟରେ ବାତିଲ ରହିବ ।

# ଡବ୍ଲ୍ୟୁଏଚଓ ବାରଣ ସତ୍ତ୍ୱେ କୋଭିଡ୍ ରୋଗୀଙ୍କୁ ଦିଆଯିବ ଆଇଭରମେକ୍ଟିନ୍: ୭.୨ ଲକ୍ଷ ଟାବଲେଟ୍ କିଣିବ ଓଡ଼ିଶା




ଭୁବନେଶ୍ୱର,୧୩/୫ (ନି.ପ୍ର): ବିଶ୍ୱସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ)ର ବାରଣ ସତ୍ତ୍ୱେ ଓଡ଼ିଶା ସରକାର ରାଜ୍ୟରେ ଥିବା କୋଭିଡ୍ ରୋଗୀମାନଙ୍କୁ ଆଇଭରମେକ୍ଟିନ୍ ଟାବଲେଟ୍ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ଦୈନିକ ହାରାହାରି ୮ହଜାର ସଂକ୍ରମିତ ଚିହ୍ନଟ ହେଉଥିବାରୁ ୩୦ଦିନ ନିମନ୍ତେ ୭ଲକ୍ଷ ୨୦ହଜାର ଟାବଲେଟ୍ ଆବଶ୍ୟକ ପଡ଼ିବ। ଓଡ଼ିଶା ରାଜ୍ୟ ମେଡିକାଲ ନିଗମ ମାଧ୍ୟମରେ ଏହି ଟାବଲେଟ୍ କ୍ରୟ କରାଯିବ ଓ ରାଜ୍ୟ ସରକାର ଏଥିପାଇଁ ଅନୁମତି ଦେଇଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ସୂଚନା ଅନୁସାରେ, ଗତକାଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲ୍ଲାପାଳ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହ ରାଜ୍ୟର କୋଭିଡ୍ ମୁକାବିଲାର ସମୀକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିକଟରେ ମଧ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏନେଇ ଏକ ପ୍ରେଜେଣ୍ଟେସନ୍ କରାଯାଇଛି। ଡିଏମଇଟିଙ୍କ ନେତୃତ୍ୱରେ ଗଠିତ ରାଜ୍ୟ ଟେକନିକାଲ କମିଟି ଦ୍ୱାରା ହୋମ୍ ଆଇସୋଲେସନରେ ଥିବା ସଂକ୍ରମିତ ରୋଗୀମାନଙ୍କୁ ଆଇଭରମେକ୍ଟିନ୍ ଟାବଲେଟ୍ ଦେବାକୁ ସୁପାରିସ୍ କରାଯାଇଛି। ଏହି ଟେକନିକାଲ କମିଟି ଯୁକ୍ତି ଦର୍ଶାଇଥିଲେ ଯେ, ଆନ୍ତର୍ଜାତିକସ୍ତରରେ କ୍ଲିନିକାଲ ପରୀକ୍ଷାରୁ ଜଣାପଡ଼ିଛି ଯେ ଆଇଭରମେକ୍ସିନ୍ ଟାବଲେଟ୍ ଦ୍ୱାରା କୋଭିଡ୍ ସଂକ୍ରମଣ ଆଶଙ୍କା ହ୍ରାସ ପାଉଛି। ଏହି ଟାବଲେଟ୍ ଦ୍ୱାରା ଶୀଘ୍ର ସଂକ୍ରମଣ ଦୂର ସହ ଅକ୍ସିଜେନ୍ ଉପରେ ନିର୍ଭରଶୀଳତା କମ୍ ହେଉଥିବା ତଥ୍ୟରୁ ଜଣାପଡ଼ିଥିବାରୁ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ହୋମ୍ ଆଇସେଲେସନରେ ରହୁଥିବା ସଂକ୍ରମିତ ରୋଗୀଙ୍କୁ ସରକାର ଏହି ଆଇଭରମେକ୍ଟିନ୍ ଟାବଲେଟ୍ ଦେବେ ବୋଲି ଜଣାପଡ଼ିଛି।

ସ୍ୱଳ୍ପ କୋଭିଡ୍ ସଂକ୍ରମିତ ଥିବା ରୋଗୀମାନଙ୍କୁ ୩ଦିନ ଗୋଟିଏ ଲେଖାଏଁ ଆଇଭରମେକ୍ଟିନ୍ ଟାବଲେଟ୍ ଦେବା ପାଇଁ ଏମ୍ସ ଓ ଆଇସିଏମଆର ଓ କୋଭିଡ-୧୯ ନ୍ୟାସନାଲ ଟାସ୍କ ଫୋର୍ସ ସୁପାରିଶ କରିଛନ୍ତି । ସେହିପରି ରାଜ୍ୟ ସରକାରଙ୍କ କୋଭିଡ-୧୯ ଟେକନିକାଲ ପରାମର୍ଶଦାତା ଡାକ୍ତର ଜୟନ୍ତ ପଣ୍ଡା କହିଛନ୍ତି ଯେ, ବର୍ତ୍ତମାନର ଜରୁରୀକାଳୀନ ସ୍ଥିତିରେ କ୍ଲିନିକାଲ ଟ୍ରାଏଲ ପାଇଁ ଏବେ ସମୟ ନାହିଁ। କୋଭିଡ୍ ଚିକିତ୍ସା ପାଇଁ ଉପଯୋଗ ହେଉଥିବା ଅଧିକାଂଶ ଔଷଧ ଅଫ୍ ଲେଭଲ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ଡବ୍ଲ୍ୟୁଏଚଓର ବାରଣ ସତ୍ତ୍ୱେ ଗତ ସୋମବାର ଗୋଆ ସରକାର ତାଙ୍କ ରାଜ୍ୟର ୧୮ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବ୍ୟକ୍ତି(କରୋନା ଲକ୍ଷଣ ନଥିଲେ ବି)ଙ୍କୁ ୫ଦିନ ପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ଆଇଭରମେକ୍ଟିନ୍ ଟାବଲେଟ୍ ଖାଇବା ପାଇଁ ପରାମର୍ଶ ଦେଇଛନ୍ତି। ଏହା ଗୋଆର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପଲବ୍ଧ ହେବ। ସେହିପରି ଉତ୍ତରାଖଣ୍ଡ ସରକାର ମଧ ତାଙ୍କ ରାଜ୍ୟର ୧୫ବର୍ଷ ବୟସରୁ ଉର୍ଦ୍ଧ୍ୱ ସମସ୍ତ ବ୍ୟକ୍ତିଙ୍କୁ ଦୈନିକ ୨ଟି ଲେଖାଏଁ ଆଇଭରମେକ୍ଟିନ୍ ଟାବଲେଟ୍ ୩ଦିନ ପର୍ଯ୍ୟନ୍ତ ଖାଇବାକୁ ପରାମର୍ଶ ଦେଇଛନ୍ତି। ଏହି ମେଡିସିନକୁ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ କରାଉଛନ୍ତି। ଏହି ମେଡିସିନ୍ ଖାଇବା ଦ୍ୱାରା କୌଣସି ପାର୍ଶ୍ୱପ୍ରତିକ୍ରିୟା ହେଉଥିବାର ଖବରକୁ ମଧ ସମ୍ପୃକ୍ତ ଉତ୍ପାଦନକାରୀ କମ୍ପାନୀ ପକ୍ଷରୁ ଖଣ୍ଡନ କରାଯାଇଛି।

## ମାନବ ସମ୍ବଳର ଉପଯୁକ୍ତ ବିନିଯୋଗ ପାଇଁ କମିଟି ଗଠନ ନିର୍ଦ୍ଦେଶ

ଭୁବନେଶ୍ୱର ,୧୩/୫ (ନି.ପ୍ର): କୋଭିଡ୍ ହସ୍ପିଟାଲ ଗୁଡ଼ିକରେ ମାନବ ସମ୍ବଳର ଅଭାବ ରହିଥିବା ବେଳେ କାର୍ଯ୍ୟରତ କର୍ମଚାରୀଙ୍କ ଉପଯୁକ୍ତ ବିନିଯୋଗ ପାଇଁ ସବୁ ମେଡିକାଲ କଲେଜରେ ଏକ କମିଟି ଗଠନ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏହି କମିଟି କର୍ମଚାରୀଙ୍କ ରୋଷ୍ଟର ଡ୍ୟୁଟି ପ୍ରସ୍ତୁତ କରିବେ। ଏହାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ପ୍ରତ୍ୟେକ ମେଡିକାଲ କଲେଜର ଡିନ୍ ତଥା ଅଧ୍ୟକ୍ଷଙ୍କ ସହିତ ଅଧୀକ୍ଷକ ଏହି କମିଟିର ଅଧ୍ୟକ୍ଷ ରହିବେ। ଏହାସହ ଏମ୍‌ସିଏଚ୍‌ର ବରିଷ୍ଠ ଅଧ୍ୟାପକ, ସିଡିଏମ୍ଓ କିମ୍ବା ତାଙ୍କ ପ୍ରତିନିଧି ସାମିଲ ହେବେ। ଏହି କମିଟିର ସଦସ୍ୟମାନେ ନିୟମିତ ଭାବେ କୋଭିଡ୍ ହସ୍ପିଟାଲ ପରିଦର୍ଶନ କରିବା ସହିତ କର୍ମଚାରୀଙ୍କ ଡ୍ୟୁଟି ଓ ଆଟେଣ୍ଡାନ୍‌ସର ସମୀକ୍ଷା କରିବେ।

# ପ୍ଲାଜମା ସଂଗ୍ରହ ଅଭିଯାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର,୧୩/୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ ବୁଧବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଜୁ ଜନତା ଦଳର ସାମାଜିକ ଅନୁଷ୍ଠାନ 'ଓଡିଶା – ମୋ ପରିବାର' ର କାର୍ଯ୍ୟକଳାପର ସମୀକ୍ଷା କରିଛନ୍ତି।

ସମୀକ୍ଷା ବୈଠକର ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ଓଡିଶା – ମୋ ପରିବାର ଦ୍ୱାରା କରାଯାଉଥିବା ସାମାଜିକ କାର୍ଯ୍ୟକ୍ରମ ଯଥା ଜୀବନ ବିନ୍ଦୁ କାର୍ଯ୍ୟକ୍ରମ, କୋଭିଡ ସମୟରେ ଶବଦାହ ପାଇଁ ଆରମ୍ଭ କରାଯାଇଥିବା ହେଲ୍ପଡେସ୍କ, ରକ୍ତଦାନ କରୁଥିବା ବ୍ୟକ୍ତିବିଶେଷଙ୍କ ଏକ ତାଲିକା ପ୍ରସ୍ତୁତ, ଥାଲାସେମିଆ ଏବଂ ଅନ୍ୟାନ୍ୟ ଗୁରୁତର ପ୍ରଭାବିତ ବ୍ୟକ୍ତିଙ୍କୁ ସାହାଯ୍ୟ ଏବଂ ପ୍ଲାଜମା ସଂଗ୍ରହ ଅଭିଯାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ଓଡିଶା – ମୋପରିବାର କାର୍ଯ୍ୟରେ ସନ୍ତୋଷ ପ୍ରକାଶ କରିବା ସହ କୋଭିଡ ମହାମାରୀ ପରିପ୍ରେକ୍ଷୀରେ ଏହିସାମାଜିକକାର୍ଯ୍ୟକୁ ଆହୁରି ବ୍ୟାପକ ଓ ତ୍ୱରାନ୍ୱିତକରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ଓଡିଶା – ମୋ ପରିବାରର ଆବାହକ ଅରୂପ ପଟନାୟକ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ମହାକାଳପଡ଼ା ବିଧାୟକ ଓ ଓଡିଶା – ମୋ ପରିବାର ସହ ଆବାହକ ଅତନୁ ସବ୍ୟସାଚୀ ନାୟକ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଏବଂ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ୨୫ ଲକ୍ଷ କରୋନା ଟିକା ଦେବାକୁ ଦାବି କଲେ ସ୍ୱାସ୍ଥ୍ୟମନ୍ତ୍ରୀ



ଭୁବନେଶ୍ୱର,୧୩/୫ (ନି.ପ୍ର): ରାଜ୍ୟକୁ ତୁରନ୍ତ ୨୫ ଲକ୍ଷ କରୋନା ଟିକା ଓ ୩୦ ହଜାର ଅକ୍ସିଜେନ୍ ସିଲିଣ୍ଡର ଯୋଗାଇ ଦେବାକୁ ଦାବି କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନଙ୍କ ସହ ବୈଠକ ସମୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଏହି ଦାବି ରଖିଛନ୍ତି।

ଶ୍ରୀ ଦାସ କହିଛନ୍ତି ଏବେ ରାଜ୍ୟରେ ୨୨ ଲକ୍ଷ ଲୋକ ଦ୍ୱିତୀୟ ଡୋଜ ନେବାକୁ ଅପେକ୍ଷା କରିଛନ୍ତି। ସେଥିପାଇଁ ଓଡ଼ିଶାକୁ ତୁରନ୍ତ ୨୫ ଲକ୍ଷ ଡୋଜ୍ ଟିକା ଯୋଗାଇ ଦିଆଯାଉ। ଓଡ଼ିଶାରେ ଅକ୍ସିଜେନ ପର୍ଯ୍ୟାପ୍ତ ଥିଲେ ବି ସିଲିଣ୍ଡର ଅଭାବ ରହିଛି। ତେଣୁ ୩୦ ହଜାର ସିଲିଣ୍ଡର ଯୋଗାଇ ଦିଆଯାଉ। ରାପିଡ୍ ଆଂଟିଜେନ୍ କିଟ୍, ପିପିଇ କିଟ୍ ଓ ମାସ୍କ ମଧ ଦିଅନ୍ତୁ। କେନ୍ଦ୍ରମନ୍ତ୍ରୀ ଦାବିକୁ ଗୁରୁତ୍ୱର ସହ ବିଚାର କରିବେ ବୋଲି କହିଛନ୍ତି।

# ଔଷଧ ବ୍ୟବସାୟୀମାନଙ୍କୁ କରୋନା ଯୋଦ୍ଧାଭାବେ ଘୋଷଣା କରିବାକୁ ଦାବି

ଭୁବନେଶ୍ୱର,୧୩/୫ (ନି.ପ୍ର):ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ଓଡ଼ିଶାର ୨୫ ହଜାର ଔଷଧ ବ୍ୟବସାୟୀ ସଭ୍ୟଙ୍କୁ ନେଇ ଗଠିତ। କରୋନା ମହାମାରୀ ତାର କରାଳ କାୟା ବିସ୍ତାର କରିଥିବା ସମୟରେ ମଧ ଆମ୍ଭର ସଭ୍ୟମାନେ ଦିବାରାତ୍ର ସାଧାରଣ ଲୋକଙ୍କ ସେବାରେ ନିୟୋଜିତ। ସରକାର ମଧ ଔଷଧ ବ୍ୟବସାୟକୁ ଅତ୍ୟାବଶ୍ୟକୀୟ ଏବଂ ଅତି ଜରୁରୀକାଳୀନ ସେବାରେ ଅନ୍ତର୍ଭୁକ୍ତ କରିଛନ୍ତି। ହେଲେ ଔଷଧ ବ୍ୟବସାୟୀଙ୍କୁ ନୁହେଁ। ଆମର ସମସ୍ତ ସଭ୍ୟ ସେବା ପାଇଁ ପ୍ରତିଶ୍ରୁତିବଦ୍ଧ ଥିବା ବେଳେ ସରକାର ଆମର କୌଣସି ଦାବିକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ନୁହଁନ୍ତି। ସରକାରଙ୍କର ଏହି ବୈମାତୃକ ମନୋଭାବ ସଂଘ ଦ୍ୱାରା ବା ସଭ୍ୟମାନଙ୍କ ଦ୍ୱାରା ଆଦୌ ଗ୍ରହଣୀୟ ନୁହେଁ। ଆବଶ୍ୟକସ୍ଥଳେ ସଂଘ ମଧ ରାଜରାସ୍ତାକୁ ଓହ୍ଲାଇବା ପାଇଁ ପଛାଇବ ନାହିଁ। ଆମେ ଏଠି କହି ରଖୁଛୁ କି ଗତ ୨୬.୯.୨୦୨୦ରିଖରେ ସଂଘ ପକ୍ଷରୁ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବକିଶୋର ଦାସଙ୍କୁ ଏକ ଅନୁରୋଧ ପତ୍ର ଦେଇଥିଲୁ, ଯେଉଁଥିରେ ଆମର ସମସ୍ତ ଔଷଧ ବ୍ୟବସାୟ, ଖୁଚୁରା ଓ ପାଇକରୀ ସିଧା ସଳଖ ଜନସାଧାରଣଙ୍କ ସମ୍ମୁଖକୁ ଆସୁଛନ୍ତି। ତେଣୁ ତାଙ୍କୁ କୋଭିଡ଼ ଯୋଦ୍ଧା ଭାବରେ ଗ୍ରହଣ କରାଯାଉ। ଯାହାକୁ ସରକାର ତିଳେମାତ୍ର ଭ୍ରୁକ୍ଷେପ କଲେ ନାହିଁ କିମ୍ବା ଆମର ଦାବିକୁ କର୍ଣ୍ଣପାତ କଲେ ନାହିଁ। ଅଦ୍ୟାବଧି ଆମ୍ଭର ଶତାଧିକ ସଭ୍ୟ କରୋନାର କରାଳ ବ୍ୟବସ୍ଥା ଭିତରେ ଲୀନ। ତଥାପି ସରକାର ନୀରବଦ୍ରଷ୍ଟା। ଖାଲି ସେତିକି ନୁହେଁ, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ମଧ ଆମେ ଜଣାଇଥିଲୁ ଆମର ସମସ୍ତ ବ୍ୟବସାୟୀଙ୍କୁ ଏବଂ ତାଙ୍କ ପରିବାର ଓ କର୍ମଚ୍ରରୀଙ୍କୁ ଟୀକାକରଣରେ ଅଗ୍ରାଧିକାର ଦିଆଯାଉ। ତାହା ମଧ ସରକାର କର୍ଣ୍ଣପାତ କରୁନାହାଁନ୍ତି। କରୋନାର ପ୍ରଥମ ଲହର ଯାଇ ଦ୍ୱିତୀୟ ଲହର ଆସିଲା ପରେ ମଧ ସରକାର ଆମ ପାଇଁ ସ୍ଥାଣୁ ପାଲଟି ଯାଇଛନ୍ତି।

# ପୋଷ୍ୟ ବିଦ୍ୟାଳୟର ଉନ୍ନତିକରଣ ଓ ଭିତ୍ତିଭୂମି ବିକାଶର ସ୍ଥିତି ସମୀକ୍ଷା କଲେ କ୍ରୀଡାମନ୍ତ୍ରୀ

ଭୁବନେଶ୍ୱର,୧୩/୫ (ନି.ପ୍ର): ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଅଧ୍ୟକ୍ଷତାରେ ୩ଟି ପୋଷ୍ୟ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ବିଷୟରେ ଏକ ବୈଠକ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ବିଦ୍ୟାଳୟଗୁଡ଼ିକର ଆବଶ୍ୟକ ଶ୍ରେଣୀଗୃହ, ବିଶୁଦ୍ଧ ପିଇବା ପାଣି, ଶୌଚାଳୟ, ଭିତିଭୂମିର ବିକାଶ, ବିଦ୍ୟାଳୟ ସୌନ୍ଦର୍ଯ୍ୟକରଣ, ଛାତ୍ରଛାତ୍ରୀଙ୍କ ପାଇଁ ଉନ୍ନତ ମାନର ପାଠାଗାର, ବିଜ୍ଞାନ ପରୀକ୍ଷାଗାର, କମ୍ପ୍ୟୁଟର ଲ୍ୟାବ୍, ସ୍ମାର୍ଟ କ୍ଲାସ୍‌ରୁମ୍, ଖେଳପଡ଼ିଆର ଉନ୍ନତିକରଣ ଏବଂ ପିଲାମାନଙ୍କ ମଧ୍ୟରେ ବୌଦ୍ଧିକ ବିକାଶ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସ୍କୁଲ ପରିଚାଳନା କମିଟି ସଦସ୍ୟ, ପୁରାତନ ଛାତ୍ର ସଂଘର ସଦସ୍ୟଗଣ, ବି.ଆର.ସି.ସି. ଏବଂ ସି.ଆର.ସି.ସିଙ୍କ ସହ ଆଲୋଚନା କରିଥିଲେ ।

# ଜଗତସିଂହପୁର ଓ ସୋନପୁରରେ ଟିକାକରଣ ବନ୍ଦ

ଭୁବନେଶ୍ୱର ,୧୩/୫ (ନି.ପ୍ର): ଆଜି ଜଗତସିଂହପୁର ଓ ସୋନପୁରରେ କରୋନା ଟିକାକରଣ ବନ୍ଦ ରହିବ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ସଂପର୍କରେ ସୂଚନା ଦିଆଯାଇଛି। ତେବେ ଆଜି ୩୮୩ଟି ଅଧିବେଶନରେ ଟିକାକରଣ ଅନୁଷ୍ଠିତ ହେବ। ଅପରପକ୍ଷରେ ରାଜ୍ୟରେ ୧୮-୪୪ବର୍ଷର ଲୋକଙ୍କ ଟିକାକରଣ ଦ୍ରୁତ ଗତିରେ ଚାଲୁଛି। ରାଜ୍ୟରେ ଏ ପର୍ଯ୍ୟନ୍ତ ୮୪,୭୮୨ଜଣ ଟିକା ନେଇ ସାରିଲେଣି। ବୁଧବାର ସମୁଦାୟ ୫୮,୦୫୫ଜଣ ଟିକା ନେଇଛନ୍ତି। ତହିଁରୁ ବୁଧବାର ଦିନ ୧୮-୪୪ବର୍ଗର ୧୬,୦୬୦ ଜଣଙ୍କୁ ଟିକା ଦିଆଯାଇଛି। ଏହାସହ ୪୫ବର୍ଷରୁ ଅଧିକ ୩୨,୭୧୭ଜଣ ଦ୍ୱିତୀୟ ଡୋଜ୍ ଓ ୬୦୭୮ଜଣ ପ୍ରଥମ ଡୋଜ୍ ଟିକା ନେଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ଟିକାକରଣ ସଂଖ୍ୟା ୬୪ଲକ୍ଷ ୪୦ ହଜାର ୯୮୩କୁ ବୃଦ୍ଧି ପାଇଛି।

## ଆଇସିଡିଏସ ସୁପରଭାଇଜରଙ୍କ ପରଲୋକ



ବାଲେଶ୍ୱର,୧୩/୦୫ (ନି.ପ୍ର): ନୀଳଗିରି ବ୍ଲକରେ କାର୍ଯ୍ୟରତ ଆଇସିଡିଏସ ବିଭାଗର ଅଙ୍ଗନବାଡ଼ି ସୁପରଭାଇଜର ଉଷାଞ୍ଜଳି ଜେନାଙ୍କର ବୁଧବାର ପରଲୋକ ହୋଇଯାଇଛି। ଶ୍ରୀମତୀ ଜେନା ଗତ ୭ ତାରିଖରେ ନୀଳଗିରି ବ୍ଲକ କାର୍ଯ୍ୟାଳୟରୁ ଫେରିଲାପରେ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଅପରାହ୍ନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ୱାମୀ ଜୟକୃଷ୍ଣ ଜେନା, ତାଙ୍କର ତିନିଝିଅ, ଜ୍ୱାଇଁ, ସାନଭାଇ ସମାଜସେବୀ ଅରୁଣ ଜେନା ଓ ବହୁ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ଦେହାନ୍ତ ଖବର ପାଇ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ଅଙ୍ଗନବାଡ଼ି କର୍ମୀ ସଂଘର ନେତ୍ରୀ ଗୌରୀ ଦାସ, କବି ଓ ପ୍ରକାଶକ କାଳୀପଦ ପଣ୍ଡା, 'ଧ୍ୱନିପ୍ରତିଧ୍ୱନି' ସମ୍ବାଦପତ୍ରର ମୁଖ୍ୟ ସଂପାଦକ ସୃଷ୍ଟିଧର ପରିଡ଼ା ଓ 'ସାଗରିକା' ପତ୍ରିକାର ସମ୍ପାଦିକା ସୈରିନ୍ଧ୍ରୀ ସାହୁ, ବିଧାନ ଚନ୍ଦ୍ର ରାୟ, ଜୟନ୍ତ ଦାସ, ଯତୀନ ପାତ୍ର, ଶ୍ୟାମସୁନ୍ଦର ଜେନା, ରସିକାନନ୍ଦ ପଟ୍ଟନାୟକ, ଜୟନ୍ତ ମହାନ୍ତି ପ୍ରମୁଖ ଶ୍ରୀମତୀ ଜେନାଙ୍କ ପରଲୋକରେ ଗଭୀର ଶୋକପ୍ରକାଶ ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି। ଆଇଟିଆଇ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କର ବଡ଼ଜ୍ୱାଇଁ ମୁଖାଗ୍ନି ଦେଇଥିଲେ। ଅଙ୍ଗନବାଡ଼ି କର୍ମୀରୁ ପଦୋନ୍ନତି ପାଇ ରେମୁଣା ସୁପରଭାଇଜର ଭାବେ ସେ କାର୍ଯ୍ୟରତ ଥିଲେ। ତାଙ୍କର ପରଲୋକରେ ତାଙ୍କ ବିଭାଗ, ଅଫିସର କର୍ମଚାରୀବୃନ୍ଦ ଓ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି।

## ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୧୮,୬୪,୫୯୪ ନମୁନାର ପରୀକ୍ଷଣ

ନୂଆଦିଲ୍ଲୀ,୧୩/୦୫ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୧୮,୬୪,୫୯୪ ନମୁନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତମାନ ସୁଦ୍ଧା ୩୦,୯୪,୪୮,୫୮୫ ନମୁନାର ପରୀକ୍ଷଣ କରା ଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି ।

# ଅଭିନବ ପଦକ୍ଷେପ ଜରିଆରେ ସଂକ୍ରମଣକୁ ପ୍ରତିହତ କରିବା ସହ ସ୍ୱାସ୍ଥ୍ୟସେବା ଯୋଗାଣ ପାଇଁ ପ୍ରୟାସ

ଭୁବନେଶ୍ୱର,୧୩/୦୫ (ନି.ପ୍ର): ଦେଶର ବିଭିନ୍ନ ରାଜ୍ୟରେ କୋଭିଡ୍-୧୯ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ମାର୍ଗଦର୍ଶିକା ଜାରି କରାଯାଇଛି । ସେହିସବୁ ମାର୍ଗଦର୍ଶିକାକୁ ଆଧାର କରି ଗ୍ରାମୀଣ କ୍ଷେତ୍ରରେ କୋଭିଡ-୧୯ ସଂକ୍ରମଣକୁ ପ୍ରତିହତ କରିବା ଲାଗି ରାଜ୍ୟଗୁଡ଼ିକ ପଦକ୍ଷେପ ଗ୍ରହଣ କରିଛନ୍ତି । କୋଭିଡ ମହାମାରୀର ଦ୍ୱିତୀୟ ଲହରୀ ମୁକାବିଲା ନିମନ୍ତେ ବିଭିନ୍ନ ରାଜ୍ୟ ଏକାଧିକ ପଦକ୍ଷେପ ଗ୍ରହଣ କରିଥିବା ବେଳେ କେତେକ ରାଜ୍ୟ ଅଭିନବ ପଦକ୍ଷେପ ଗ୍ରହଣ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପ୍ରସ୍ତୁତ କରିଛନ୍ତି । ଉଦାହରଣସ୍ୱରୂପ ଗୁଜରାଟରେ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକ ନିଜ ଆଡୁ ଲକଡାଉନ ଘୋଷଣା କରୁଛନ୍ତି । ସେହିପରି ଆସାମରେ ପ୍ରବାସୀ ଶ୍ରମିକଙ୍କ ଅନ୍ତଃରାଜ୍ୟ ଓ ଆନ୍ତଃରାଜ୍ୟ ପ୍ରତ୍ୟାବର୍ତ୍ତନକୁ ନେଇ ପଂଚାୟତି ସ୍ତରରେ ଏକ ଡାଟାବେସ ପ୍ରସ୍ତୁତ କରାଯାଉଛି । ହିମାଚଳ ପ୍ରଦେଶରେ ଅସୁସ୍ଥ ଲୋକମାନଙ୍କୁ ମାଗଣାରେ ଅନଲାଇନ ଚିକିତ୍ସା ପରାମର୍ଶ ଦେବା ନିମନ୍ତେ ଇ-ସଞ୍ଜିବନୀ ଓପିଡି ସେବା ଆରମ୍ଭ କରାଯାଇଛି । ଅନୁରୂପ ଭାବେ କେରଳ ସରକାର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସହାୟତା ଯୋଗାଇ ଦେବା ନିମନ୍ତେ ପ୍ରତି ପଞ୍ଚାୟତ ସ୍ତରରେ ଆମ୍ବୁଲାନ୍ସ ବ୍ୟବସ୍ଥା ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି । ଦୁଇ କୋଠରୀ ବିଶିଷ୍ଟ କାର ଓ ଅଟୋରିକ୍ସା ସେବା ଗରିବମାନଙ୍କୁ ଯୋଗାଇ ଦିଆଯାଉଛି । ଅଗ୍ରଣୀ ଚିକିତ୍ସା କେନ୍ଦ୍ରରେ ଆମ୍ବୁଲାନ୍ସ ସେବା ମଧ୍ୟ ଯୋଗାଇ ଦିଆଯାଉଛି ।

# ନୀଳଗିରି ବ୍ଲକ ମୁରବୀଶୂନ୍ୟ : ରହୁନାହାନ୍ତି ଅଧିକାରୀ, ଯମକୋଠି ପାଲଟିଛି ସରକାରୀ କ୍ୱାଟର

ନୀଳଗିରି,୧୩/୦୫ (ନି.ପ୍ର): ରାଜ୍ୟ ସରକାର ସରକାରୀ ଅଧିକାରୀମାନଙ୍କ ରହଣୀ ପାଇଁ ବିଭିନ୍ନ ବିଭାଗର ସରକାରୀ କ୍ୱାଟରମାନ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ନିର୍ମାଣ କରିଛନ୍ତି । ମାତ୍ର କ୍ୱାଟରମାନଙ୍କରେ ସରକାରୀ ବାବୁମାନେ ନ ରହି ଜିଲ୍ଲା ସଦର ମହକୁମାରେ ରହିବା ଯୋଗୁଁ ବହୁ ସରକାରୀ କ୍ୱାଟର ଏବେ ଯମକୋଠି ପାଲଟିଛି । ଏହାର ନଗ୍ନଚିତ୍ର ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକରେ ଦେଖିବାକୁ ମିଳିଛି । ନୀଳଗିରି ବ୍ଲକକୁ ଲାଗିକରି ରହିଥିବା କନିଷ୍ଠଯନ୍ତ୍ରୀ, ପି.ଇ.ଓ. , ସହକାରୀଯନ୍ତ୍ରୀ, ଏପରିକି ବ୍ଲକର ମୁରବୀ ତଥା ବି.ଡି.ଓ. ଙ୍କ ସରକାରୀ କ୍ୱାଟର ଏବେ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ହୋଇଅଛି । ୨ବର୍ଷ ପୂର୍ବରୁ ଏ ସମସ୍ତ କ୍ୱାଟର ଗୁଡ଼ିକରେ କୋଟି



କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ତତ୍କାଳୀନ ବିଡିଓ, କନିଷ୍ଠ ଯନ୍ତ୍ରୀ ଓ ପି.ଇ.ଓ. ମାନେ ରହୁଥିବାବେଳେ ସେମାନଙ୍କର ବଦଳି ପରେ ଏବେକାର ଖୋଦ ବି.ଡି.ଓ., କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ପି.ଇ.ଓ. ମାନେ ସରକାରୀ କ୍ୱାଟରଗୁଡ଼ିକରେ ନ ରହି ଅନ୍ୟତ୍ର ଭଡ଼ା କିମ୍ବା ଜିଲ୍ଲା ସଦର ମହକୁମାରେ ରହୁଛନ୍ତି । କ୍ୱାଟର ଗୁଡ଼ିକରେ ଅଧିକାରୀମାନେ ନ ରହିବା ଯୋଗୁଁ ମଦୁଆ, ଗଞ୍ଜୁଡ଼ିମାନଙ୍କର ଆଡ୍ଡାସ୍ଥଳ ପାଲଟିଥିବା ବେଳେ ବିଭିନ୍ନ ସରକାରୀ କ୍ୱାଟରମାନଙ୍କର ଝରକା, କବାଟ, ଲୁହାଗ୍ରୀଲକୁ ଚୋରୀ ହୋଇଯାଇଥିବାର ଦେଖିବାକୁ ମିଳିଛି । ଅଧିକାରୀମାନେ ନ ରହିବା ଯୋଗୁଁ ସମସ୍ତ ସରକାରୀ କ୍ୱାଟର ଏବେ ଘଞ୍ଚ ଜଙ୍ଗଲ ରେ ପରିପୂର୍ଣ୍ଣ ହୋଇଥିବା ବେଳେ ବିଷଧର ସର୍ପ ଅନ୍ୟଜନ୍ତୁ ମାନଙ୍କର ବାସସ୍ଥଳୀ ପାଲଟିଛି । ସତେ ଯେପରିକି କ୍ୱାଟର ଗୁଡ଼ିକ ଯମକୋଠି ପାଲଟିଯାଇଛି । ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେଇ ସରକାରୀ ବାବୁମାନଙ୍କୁ କ୍ୱାଟରରେ ରହଣୀପାଇଁ ତାଗିଦ କରାଇଲେ ହୁଏତ ସରକାରୀ କ୍ୱାଟର ଗୁଡ଼ିକ ନିଜର ପୂର୍ବଜୀବନ ଫେରି ପାଇବା ସହିତ ସରକାରୀ କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ ହୋଇ ପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଦାବୀ ହୋଇଛି ।

## ରାଜଧାନୀରେ ୨୪ ଘଂଟାରେ ୧୧୦୯ ପଜିଟିଭ୍

ଭୁବନେଶ୍ୱର,୧୩/୦୫ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ଅଂଚଳରୁ ଗୁରୁବାର ଆଉ ୧୧୦୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୮୧୭୫ କୁ ବୃଦ୍ଧି ପାଇଛି। ସେଥିରୁ ୧୭୪ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୯୩୫ ଲୋକାଲ୍ କେସ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୧୦୭୭ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍ସି ପକ୍ଷରୁ ଟ୍ୱିଟ୍ କରାଯାଇଛି। ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ସିଆରପିଏଫ୍ କ୍ୟାମ୍ପସ୍ ରୁ ସର୍ବାଧିକ ୭୧ ଜଣ , ପଟିଆରୁ ୬୧ ଜଣ ଓ ଓଲ୍ଡ ଟାଉନ୍ ରୁ ୫୧ ଜଣ ଚିହ୍ନଟ ହୋଇଛନ୍ତି। ସେହିଭଳି ନୟାପଲ୍ଲୀରୁ ୪୩ ଜଣ, ଡୁମଡୁମାରୁ ୩୫, ଲକ୍ଷ୍ମୀସାଗରରୁ ୩୦, ଖଣ୍ଡଗିରିରୁ ୨୯, ଚନ୍ଦ୍ରଶେଖରପୁରରୁ ୨୪, ସୁନ୍ଦରପଦାରୁ ୨୪, ସହୀଦନଗରରୁ ୨୩, ମଂଚେଶ୍ୱରରୁ ୨୨ ଆକ୍ରାନ୍ତ ରହିଛନ୍ତି। ସେହିପରି ନୟାପଲ୍ଲୀରୁ ୧୨,ଜଣ ,ପଟିଆରୁ ୧୦ ଲେଖାଏଁ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୮୧୭୫ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୪୬୭୫୮ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୧୧୨୦୯ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୨୮୭ ରହିଛି।

# ନଦୀରେ ବୁଡି ଆଇଟିଆଇ ଛାତ୍ରଙ୍କ ମୃତ୍ୟୁ

ଜଳେଶ୍ୱର,୧୩/୦୫ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ କୁଅଁରପୁର ଗ୍ରାମରେ ଜଣେ ଯୁବକ ସୁବର୍ଣ୍ଣରେଖା ନଦୀକୁ ଗାଧୋଇବାକୁ ଯାଇ ମୃତ୍ୟୁବରଣ କରିଛି । ଘଟଣାରୁ ପ୍ରକାଶ କୁଅଁରପୁର ଗ୍ରାମର ଦିଲ୍ଲୀପ ଘଡେଇଙ୍କ ପୁତ୍ର କୃଷ୍ଣକାନ୍ତ ଘଡେଇ (୧୮) ସାଂଗ ମାନଙ୍କ ମେଳରେ ବୁଧବାର ମଧ୍ୟାହ୍ନରେ ନଦୀକୁ ଗାଧୋଇବାକୁ ଯାଇଥିଲେ । ହେଲେ ସେ ପହଁରିବା ଜାଣିନଥିବାରୁ ତାର ଗୋଡ ଖସିଯାଇଥିଲା । ସେଠାରେ ଗାଧୋଉଥିବା ଗ୍ରାମର କିଛି ଲୋକ ଓ ସାଂଗମାନେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇ ପାରିନଥିଲା । ଏହି ଖବର ପ୍ରଚାରିତ ହେବାପରେ ବୁଡାଳିମାନେ ଆସି ତାର ମୃତଦେହକୁ ୨୦ଫୁଟ ପାଣି ତଳେ ଠାବ



କରିଥିଲେ । ସୂଚନାଯୋଗ୍ୟ କୃଷ୍ଣକାନ୍ତର ପିତା ଓ ମାତା ଘରେ ନଥିବା ବେଳେ ସେ ବାପା ମାଙ୍କର ଏକମାତ୍ର ପୁତ୍ରଥିଲେ । ସେ ବାଲେଶ୍ୱରରେ ଆଇଟିଆଇ ପଢୁଥିଲେ । ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ନଦୀର ଏହି ସ୍ଥାନରେ ପ୍ରତିବର୍ଷ ଦୁର୍ଘଟଣା ଘଟୁଥିବାରୁ ଗ୍ରାମର ବହୁ ପୁରୁଖା ଲୋକଙ୍କ ନିକଟରୁ ବହୁକଥା ଶୁଣିବାକୁ ମିଳୁଛି । ପ୍ରାୟ ୮୦ବର୍ଷ ତଳେ ନଦୀର ଏହି ସ୍ଥାନରେ ମହାଦେବ ମନ୍ଦିର ଓ ରାଧାଗୋବିନ୍ଦ ମନ୍ଦିର ଥିଲା । କାଳକ୍ରମେ ସ୍ଥାନଟି ନଦୀ ଗର୍ଭରେ ଲିନ ହେବାପରେ ମନ୍ଦିର ଦୁଇଟି ସେଠାରେ ଭୁଷୁଡି ପଡିଥିଲା । ଶୁଣାଯାଏ ମହାଦେବ ମନ୍ଦିର ନିର୍ମାଣ ପୂର୍ବରୁ ସେହିସ୍ଥାନଟି ଜଂଗଲିଆ ଥିଲା । ଏକ ଦୁହାଳିଆ ଗାଈ ପ୍ରତ୍ୟେହ ଆସି ଜଂଗଲମଧ୍ୟରେ ଲୁଚିକରି ଥିବା ଏକ ଶିବଲିଙ୍ଗ ଉପରେ କ୍ଷୀର ଦେଉଥିଲା । ଏହାକୁ ଲକ୍ଷ୍ୟକରି ଗ୍ରାମର କିଛିଲୋକ ସ୍ଥାନଟିକୁ ସଫାକରି ମନ୍ଦିର ନିର୍ମାଣ କରିଥିଲେ । ବୁଡାଳିମାନଙ୍କ କହିବା ଅନୁସାରେ ମନ୍ଦିରର କିଛି ଅଂଶ ନଦୀଗର୍ଭରେ ରହିଛି । ଗ୍ରାମବାସୀଙ୍କ କହିବା ଅନୁସାରେ ତାହା ଏକ ଦେବସ୍ଥଳୀ ହୋଇଥିବାରୁ ସେଠାରେ ପ୍ରତିବର୍ଷ କିଛିନା କିଛି ଦୁର୍ଘଣଟା ଘଟିଆସୁଛି ।

# କାଳବୈଶାଖୀର ତାଣ୍ଡବ : ଧାନ, ପରିବା ଚାଷର ବ୍ୟାପକ କ୍ଷତି

ବାଲିଆପାଳ,୧୩/୦୫ (ନି.ପ୍ର): ବୁଧୁବାର ଅର୍ଦ୍ଧରାତ୍ରୀରେ ବାଲିଆପାଳ ଅଂଚଳରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା । ସ୍ୱଳ୍ପ ସମୟ ପାଇଁ ଆସିଥିବା ବର୍ଷା ଓ ପବନରେ ବାଲିଆପାଳ ଅଂଚଳରେ ଧାନ ଓ ପରିବା ଚାଷର ବ୍ୟାପକ କ୍ଷତି ହୋଇଥିଲା । ଦକ୍ଷିଣ ବାଲିଆପାଳରେ ଅନେକ ପାନ ବରଜ ମଧ୍ୟ ଭାଙ୍ଗିଯାଇଥିଲା । ମଧ୍ୟ ରାତ୍ରୀରୁ ବିଦ୍ୟୁତ ସର୍ବରାହ ବିଚ୍ଛିନ ହୋଇଥିଲା । ଗୁରୁବାର ମଧ୍ୟାହ୍ନ ୧୨ ଟା ବେଳକୁ ବାଲିଆପାଳ ମୁଖ୍ୟ ବଜାରରେ ବିଦ୍ୟୁତ ସର୍ବରାହ



ସ୍ୱାଭାବିକ ହୋଇଥିଲେ ମଧ୍ୟ ବ୍ଲକର ଆଭ୍ୟନ୍ତରିଣ ଅଧିକାଂଶ ସ୍ଥାନରେ ସଂନ୍ଧ୍ୟା ପର୍ଯ୍ୟନ୍ତ ବିଦ୍ୟୁତ ନଥିବା ସୂଚନା ମିଳିଛି । ଚଳିତ ବର୍ଷ ବାଲିଆପାଳ ବ୍ଲକରେ ପାଖା ପାଖି ୫ ହଜାର ହେକ୍ଟର ଜମିରେ ରବିଧାନ ଚାଷ ହୋଇଛି । ଧାନ କଟା ଏବେ ଅଧା ଅଧି ହୋଇଥିବା ବେଳେ ପାଚିଲା ଧାନରେ କାଳ ବୈଶାଖୀର ମାଡ ବ୍ୟପକ କ୍ଷତି କରୁଛି । ଗତ କିଛି ଦିନ ଧରି ପ୍ରତି ଦିନ ବର୍ଷା ଓ ପବନରେ ଲାଗି ରହିଥିବାରୁ ଧାନ ଅମଳ ପାଇଁ ଚାଷୀଙ୍କୁ ନାକେଦମ ହେବାକୁ ପଡ଼ୁଛି । ସେହିପରି ପରିବା ଚାଷରେ ମଧ୍ୟ ବ୍ୟାପକ କ୍ଷତି ହୋଇଛି । ବ୍ଲକର ନଦୀ କୂଳିଆ ୧୦/୧୧ଟି ପଂଚାୟତରେ ପ୍ରଚୁର ପରିମାଣରେ ଭେଣ୍ଡି, କଲରା, ଜହ୍ନି, ବାଇଗଣ, ପୋଟଳ, କଖାରୁ, କାକୁଡି ପ୍ରଭୃତି ପନିପରିବା ଉତ୍ପନ୍ନ ହୋଇଥାଏ । ସ୍ଥାନୀୟ ବଜାରରେ ବିକ୍ରୀ ହେବା ସହିତ ବାହାରକୁ ମଧ୍ୟ ବିକ୍ରୀ ପାଇଁ ଯାଇଥାଏ ।ଚଳିତ ବର୍ଷ ବାରମ୍ବାର କାଳ ବୈଶାଖୀର ପବନ ଓ ବର୍ଷାରେ ପରିବା ଚାଷର କ୍ଷତି ହେବା ସହିତ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ମଧ୍ୟ ଦୋହଲାଇ ଦେଇଛି ।

# ମନୋଜ ଦାସଙ୍କ ନାମରେ ରାଜପଥ ନାମକରଣ ଦାବି

ବାଲେଶ୍ୱର,୧୩/୦୫ (ନି.ପ୍ର): ବିଶ୍ୱପ୍ରସିଦ୍ଧ ସାହିତ୍ୟିକ, ଦାର୍ଶନିକ ତଥା ପଦ୍ମଭୂଷଣ ସ୍ୱର୍ଗତ ମନୋଜ ଦାସଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ତାଙ୍କର ଜନ୍ମମାଟି ବାଲେଶ୍ୱରରେ ଏକ ରାଜପଥର ନାମ ମନୋଜ ଦାସଙ୍କ ନାମରେ ନାମିତ କରିବା ଓ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହୋଇଛି । ଏହି ପରିପ୍ରକ୍ଷୀରେ ବାଲେଶ୍ୱର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ସହାୟକ','ବ୍ୟାସକବି ନଗର ବିକାଶ ପରିଷଦ', 'ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି' ଓ 'ଅବସରପ୍ରାପ୍ତ ରାଜ୍ୟ



କର୍ମଚାରୀ ସଂଘ'ର କର୍ମକର୍ତ୍ତାମାନେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ରଙ୍କୁ ସାକ୍ଷାତ ସହ ଦିବଂଗତ ମନୋଜ ଦାସଙ୍କ ସ୍ମୃତିରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ମନୋଜ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଆନ୍ତର୍ଜାତିକ ସାହିତ୍ୟ ପୁରସ୍କାର, କିଶୋର ପ୍ରତିଭା ସମ୍ମାନ, ମନୋଜ ଦାସଙ୍କ ଜନ୍ମସ୍ଥଳୀରେ ସ୍ମାରକୀ ଓ ବିକାଶ ପ୍ରସ୍ତାବକୁ ଏହି ସଂଗଠନମାନେ ସ୍ୱାଗତ କରିଛନ୍ତି। ତେବେ ବାଲେଶ୍ୱର ସହରର ଆନନ୍ଦବଜାର ଛକରୁ ଫୁଲାଡ଼ି ଛକ ପର୍ଯ୍ୟନ୍ତ ରାସ୍ତାକୁ 'ମନୋଜ ଦାସ ମାର୍ଗ' ଭାବେ ନାମିତ କରିବାକୁ ଓ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସେମାନେ ନିବେଦନ କରାଯାଇଛି। ଏନେଇ ବିଭିନ୍ନ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଅତିରିକ୍ତ ଜିଲାପାଳ ଶ୍ରୀ ମହାପାତ୍ରଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ବିଭିନ୍ନ ସଙ୍ଗଠନରୁ ଇଂ. ବନମାଳୀ ନାୟକ, ଆଇନଜୀବୀ ନିରଞ୍ଜନ ପରିଡ଼ା, ଗୌରାଙ୍ଗ ପାଣିଗ୍ରାହୀ, ବିଜୟ ଦାସ ଅଧିକାରୀ, ଭବେଶ ପଣ୍ଡା, ସେକ୍ ଆଲ୍ଲାଉଦ୍ଦିନ୍, ଶ୍ୟାମସୁନ୍ଦର ଜେନା, ପ୍ରଦୀପ ଦାସ, ବନ୍ଦନା ବିଶ୍ୱାସ, ସୀତାରାମ ପ୍ରଧାନ, ଯତୀନ ପାତ୍ର, ଭଗବାନ ମହନୀ, ନରେନ୍ଦ୍ର ସ୍ୱାଇଁ, ସରସ୍ୱତୀ ପଣ୍ଡା, ପ୍ରଫୁଲ୍ଲ କୁମାର ଦାସ, ସଚ୍ଚୀନ୍ଦ୍ର ଦାସ, ଅକ୍ଷୟ ତ୍ରିପାଠୀ ଓ ଅଖିଳ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ୪ ଜିଲ୍ଲାରେ କୋଭିଡ ବେଡ ବୃଦ୍ଧି ପାଇଁ ....

ଏମସିଏଲର ବସୁନ୍ଧରା ଏବଂ ଝାରସୁଗୁଡ଼ା ଜିଲ୍ଲାର ବ୍ରଜରାଜନଗର ଅଂଚଳରେ ଥିବା କୋଭିଡ୍ ହସ୍ପିଟାଲରେ ୫୦ଟି ଲେଖାଏଁ ଅକ୍ସିଜେନ୍ ସଂଯୁକ୍ତ ବେଡ୍ ସହ ଆଇସିୟୁ ଏବଂ ଭେଂଟିଲେଟର ସୁବିଧା ପ୍ରଦାନ କରିବାକୁ ଅନୁରୋଧ କରିଥିଲେ । ଅନୁରୂପ ଭାବରେ ଝାରସୁଗୁଡ଼ା ଜିଲ୍ଲା ଲଖନପୁର କୋଭିଡ୍ ହସ୍ପିଟାଲ ଏବଂ ଅନୁଗୁଳ ଜିଲ୍ଲା ତାଳଚେର ସ୍ଥିତ ଏମସିଏଲର କୋଭିଡ୍ ହସ୍ପିଟାଲ ଠାରେ ୧୫୦ଟି ଲେଖାଏଁ ଅକ୍ସିଜେନ୍ ସଂଯୁକ୍ତ ବେଡ୍, ଆଇସିୟୁ ଏବଂ ଭେଂଟିଲେଟରର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ । ପ୍ରକାଶ ଥାଉ ଯେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁରୋଧ ପରେ ହିଁ ଏବେ ଝାରସୁଗୁଡା ଜିଲ୍ଲାର ଲଖନପୁର ହସ୍ପିଟାଲରେ ଏମସିଏଲ୍ ଦ୍ୱାରା ୨୦ଟି ଆଇସିୟୁ ସମେତ ୧୨୦ଟି ବେଡ୍ ବ୍ୟବସ୍ଥା କରାଯାଉଛି । ସେହିପରି ପୂର୍ବରୁ ମଧ କେନ୍ଦ୍ରମନ୍ତ୍ରୀଙ୍କ ଏକ ପୃଥକ ପତ୍ରର ଅନୁରୋଧ କ୍ରମେ ତାଳଚେର ଏମସିଏଲ ହସ୍ପିଟାଲରେ ୧୨୦ଟି ବେଡ୍ ସହ ଭେଂଟିଲେଟର ଓ ଆଇସିୟୁର ବ୍ୟବସ୍ଥା ହୋଇସାରିଛି । କେନ୍ଦ୍ର ଖଣିମନ୍ତ୍ରୀ ଲେଖିଥିବା ପତ୍ରରେ ଉଲ୍ଲେଖ କରିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏମସିଏଲ୍ ଓଡ଼ିଶାରେ କୋଭିଡ୍ ବିରୋଧୀ ଲଢ଼େଇରେ ବ୍ୟାପକ ଯୋଗଦାନ କରିଆସୁଛି । କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ନେତୃତ୍ୱରେ ଏମସିଏଲ ଭୁବନେଶ୍ୱରରେ କୋଭିଡ୍ ହସ୍ପିଟାଲ ପ୍ରତିଷ୍ଠା ପାଇଁ ୧୨୦୦ ବେଡ୍ ସ୍ପୋନସର୍ କରୁଛି । ତାଳଚେର ଠାରେ ମଧ ଅନୁରୂପ ଭାବରେ ଏହି ସୁବିଧା ଯୋଗାଉଛି । ଝାରସୁଗୁଡ଼ା ଜିଲ୍ଲାର ବ୍ରଜରାଜନଗର ଏବଂ ଲଖନପୁର, ସୁନ୍ଦରଗଡ଼ର ବସୁନ୍ଧରା, ସମ୍ବଲପୁର ସ୍ଥିତ ଏମସିଏଲର ମୁଖ୍ୟ କାର୍ଯ୍ୟାଳୟ କୋଭିଡ୍ କେୟାର ସେଂଟର ପ୍ରତିଷ୍ଠା କରି ଲୋକଙ୍କୁ ସୁବିଧା ପ୍ରଦାନ କରୁଛି । ଜିଲ୍ଲା ପ୍ରଶାସନ, ଆଗଧାଡ଼ିର କୋଭିଡ୍ ଯୋଦ୍ଧା ଏବଂ ସାମାଜିକ ସଂଗଠନ ଗୁଡ଼ିକୁ ଏମସିଏଲ୍ ଅତ୍ୟାବଶ୍ୟକ ସାମଗ୍ରୀ ଯଥା ଔଷଧ, ଅକ୍ସିଜେନ୍, ପିପିଇ କିଟ୍ ଏବଂ ଖାଦ୍ୟ ପ୍ୟାକେଟ୍ ପ୍ରଦାନ କରି ଆସୁଛି । ଏହାସହ ୧୪୦ କୋଟି ଟଙ୍କା ଖର୍ଚ୍ଚ କରି ଓଡ଼ିଶାରେ କୋଭିଡ୍-୧୯ ପରିଚାଳନା ଏବଂ ମୂଲ୍ୟବାନ ଜୀବନ ବଂଚାଉଥିବାରୁ ଧର୍ମେନ୍ଦ୍ର ପ୍ରଧାନ ଏମସିଏଲକୁ ପତ୍ର ଯୋଗେ ପ୍ରଶଂସା କରିଥିଲେ । ରାଜ୍ୟରେ କୋଭିଡର ଦ୍ୱିତୀୟ ଲହରର ମୁକାବିଲା କରିବା ପାଇଁ ସ୍ୱାସ୍ଥ୍ୟ ଭିତିଭୂମିକୁ ଅଧିକ ସୁଦୃଢ଼ କରିବାର ଆବଶ୍ୟକତା ରହିଛି । ଏଥିପାଇଁ ରାଜ୍ୟରେ ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ ଜରୁରିକାଳୀନ ପଦକ୍ଷେପ ନେବାକୁ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ରମନ୍ତ୍ରୀ ଯୋଶୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଥିଲେ ।

### ୨୪ ଘଂଟାରେ ସାରା ରାଜ୍ୟରେ....

ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର। ଆଂଚଳିକ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୧୭ ଟି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏଥିପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୁଳ, କନ୍ଧମାଳ ଓ ରାୟଗଡ଼ା ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ ଜାରି କରିଛିପାଣିପାଗ ବିଭାଗ। ଏହି ସମୟରେ ଘଂଟାକୁ ୪୦ରୁ ୫୦ କିଲୋମିଟରବେଗରେ ପବନ ବହିବ। ସେହିପରି ଏହି ସମୟ ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାର କେତୋଟି ସ୍ଥାନରେ ବଜ୍ରପାତ ସହ ବର୍ଷା ଆଶଙ୍କା କରାଯାଉଛି। ଏହସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### କୋଭିସିଲ୍ଡର ପ୍ରଥମ- ଦ୍ୱିତୀୟ ଡ଼ୋଜର ବ୍ୟବଧାନ ....

ତେବେ କୋଭାକ୍ସିନ ଟିକା ନେବାର ବ୍ୟବଧାନରେ କୌଣସି ପରିବର୍ତନ କରିବାକୁ ପରାମର୍ଶ ଦିଆଯାଇନାହିଁ । ସେହିଭଳି କରୋନାରୁ ଭଲ ହେବାର ୬ ମାସ ପରେ ଟିକା ନେବା ପାଇଁ କମିଟି ପରାମର୍ଶ ଦେଇଛି । ଏନଟିଏଜିଆଇର ଏହି ପ୍ରସ୍ତାବ ପୂର୍ବରୁ ଡାକ୍ତରମାନେ ଏହି ସମୟସୀମା ୩ ମାସ ହେବା ଆବଶ୍ୟକ ବୋଲି ମତ ଦେଇଥିଲେ । ଦେଶରେ କରୋନା ସଂକ୍ରମଣ ଦିନକୁ ଦିନ ବଢି ଚାଲିଥିବା ବେଳେ ଟିକାକରଣ ଉପରେ ଗୁରୁତ୍ୱ ଦିଆଯାଉଛି । ସଂକ୍ରମଣରୁ ରକ୍ଷାପାଇବା ପାଇଁ ସତର୍କ ରହିବା ସହ ଟିକାକରଣର ଶେଷ ଅସ୍ତ୍ର ଭାବେ ଗ୍ରହଣ କରାଯାଉଛି । ଦେଶରେ ଏବେ କୋଭାକ୍ସିନ୍ ଏବଂ କୋଭିସିଲ୍ଡ ଟିକାକରଣ ଜାରି ରହିଛି । ପ୍ରଥମ ଡ଼ୋଜ ଟିକମା ନେବା ପରେ ଦ୍ୱିତୀୟ ଡ଼ୋଜ ପାଇଁ ଅପେକ୍ଷା କରିଛନ୍ତି ଲୋକେ । ଏହାରି ଭିତରେ କୋଭିସିଲ୍ଡ ଟିକାର ଦ୍ୱିତୀୟ ଡ଼ୋଜ ମଧ୍ୟରେ ବ୍ୟବଧାନ ବଢାଇବା ଖବର ସାମ୍ନାକୁ ଆସିଛି ।

### ଦାୟିତ୍ୱ ଗ୍ରହଣ କଲେ....

କୃପାସିନ୍ଧୁ ମିଶ୍ର ବିଭାଗର କାର୍ଯ୍ୟଧାରା ତଥା ମହାମାରୀ କରୋନା ପରିପ୍ରେକ୍ଷୀରେ ବିଭାଗ ତରଫରୁ ଜାରି ରହିଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ପ୍ରମୁଖ ଶାସନ ସଚିବଙ୍କୁ ଅବଗତ କରାଇଥିଲେ। ନିର୍ଦ୍ଦେଶକ (ବୈଷୟିକ) ନିରଞ୍ଜନ ସେଠୀ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଡିଜିଟାଲ୍ ଅର୍କାଇଭ୍ ସଂପର୍କରେ ପ୍ରମୁଖ ଶାସନ ସଚିବଙ୍କୁ ଜଣାଇଥିଲେ । ପ୍ରମୁଖ ଶାସନ ସଚିବଙ୍କ କାର୍ଯ୍ୟଭାର ଗ୍ରହଣ ଅବସରରେ ସୂଚନା ଓ ଲୋକସଂପର୍କ ବିଭାଗର ଯୁଗ୍ମ ସଚିବ ବିଷ୍ଣୁପ୍ରିୟା ସାହୁ, ଯୁଗ୍ମ ନିର୍ଦ୍ଦେଶକ ଡ. ପ୍ରମୋଦ କୁମାର ମଲ୍ଲିକ, ଯୁଗ୍ମ ନିର୍ଦ୍ଦେଶକ ସୁରେନ୍ଦ୍ର ପରିଡ଼ା ଏବଂ ବହୁ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ମର୍ଣ୍ଣିଂ ୱାକ୍ ଓ ସାଇକେଲିଂ ନିଷେଧ....

ବ୍ୟବଧାନରେ ବ୍ୟାୟାମ କରୁଥିଲେ ସେହି ବ୍ୟକ୍ତି ହସ୍ପିଟାଲରେ ଭର୍ତ୍ତି ହେବା, ଆଇସିୟୁ ବେଡ୍କୁ ଯିବା କିମ୍ବା ମୃତ୍ୟୁ ହେବାର ସଂଭାବନା କମ । ପ୍ରତି ବୟସ୍କ ବ୍ୟକ୍ତି ସପ୍ତାହରେ ଅଢ଼େଇରୁ ୫ ଘଂଟା ବ୍ୟାୟାମ କରିବା ଆବଶ୍ୟକ । ବ୍ୟାୟାମ ମାନସିକ ଚାପକୁ ଦୂର କରେ । ଶରୀରକୁ ସୁସ୍ଥ ରଖେ । ଯାହା ଭୂତାଣୁ ବିରୋଧୀ ଲଢ଼େଇ ପାଇଁ ବେଶ ସହାୟକ । ମହାମାରୀ ସମୟରେ ଆମେ ଗତିବିଧି ଉପରେ ନିୟନ୍ତ୍ରଣ କରିଛନ୍ତି । ତେଣୁ ସବୁ ବୟସବର୍ଗର ଲୋକଙ୍କୁ ସକ୍ରିୟ ବା ଆକ୍ଟିଭ୍ ରହିବା ଆବଶ୍ୟକ । ନିୟମିତ ବ୍ୟବଧାନରେ ୱାର୍କିଂ ଏବଂ ଷ୍ଟ୍ରେଚିଂ କଲେ ମାଂସପେଶୀ ସଂଚାଳନ ଏବଂ ରକ୍ତ ସଂଚାଳନ ସକ୍ରିୟ ରଖିବା ସହ ମାନସିକ ଚାପ କମିବ । ସ୍ୱାସ୍ଥ୍ୟ ସହ ସମ୍ପର୍କିତ ଥିବା ସବୁଠୁ ବଡ଼ ସଂଗଠନ, କିନ୍ତୁ ବ୍ୟାୟାମ କରିବା ଏବଂ ନିଜକୁ ଫିଟ୍ ରଖିବାକୁ ପରାମର୍ଶ ଦେଉଛନ୍ତି । ଆଉ ଏହାରି ଭିତରେ କମିଶନରେଟ୍ ପୁଲିସ୍ ମର୍ଣ୍ଣିଂ ୱାକ୍ ଏବଂ ସାଇକେଲିଂ ଉପରେ କଟକଣା ଲଗାଯାଇଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ, କିଛି ଲୋକ ନିୟମ ଉଲଂଘନ କରୁଛନ୍ତି । କିଛି ଲୋକ ଅଯଥାରେ ଗହଳି କରୁଛନ୍ତି । ଏଥିକି ବେଳେ ପୁଲିସ୍ର ପ୍ରଥମିକତା କ'ଣ ହେବା ଦରକାର ? ମର୍ଣ୍ଣିଂ ୱାକ୍ କୁ ବନ୍ଦ କରିବା ନା' ଗହଳି ନହେବା ଦିଗରେ ପଦକ୍ଷେପ ନେବା ?

# ବାଲେଶ୍ୱରରେ କୋଭିଡ୍ ହସ୍ପିଟାଲ ଖୋଲିବାକୁ ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କ ଚିଠି

ଭୁବନେଶ୍ୱର,୧୩/୦୫(ନି.ପ୍ର): ବାଲେଶ୍ୱର ଠାରେ ଡିଆରଡିଓ ପକ୍ଷରୁ ଏକ ଅକ୍ସିଜେନ ବେଡ ଓ ଆଇସିୟୁ ବେଡ ବିଶିଷ୍ଟ କୋଭିଡ କେୟାର ହସପିଟାଲ ସ୍ଥାପନା କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ କୁ ପ୍ରସ୍ତାବ ପଠାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ । ଶ୍ରୀ ଷଡଙ୍ଗୀ ଏହି ପତ୍ରରେ କହିଛନ୍ତି ଯେ ଦେଶରେ ବିଭିନ୍ନ ସ୍ଥାନରେ କୋଭିଡ ମାମଲା ବଢୁଥିବା କାରଣରୁ ଡିଆରଡିଓ ଏହା ବିରୁଦ୍ଧରେ ଲଢେଇରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଦେଶର ବିଭିନ୍ନ ସ୍ଥାନରେ ଏକ ଅକ୍ସିଜେନ ବେଡ ଓ ଆଇସିୟୁ ବେଡ ବିଶିଷ୍ଟ ଅସ୍ଥାୟୀ କୋଭିଡ ହସପିଟାଲ ନିର୍ମାଣ କରୁଛି । ସେ ଏହି ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ବାଲେଶ୍ୱରରେ ଡିଆରଡିଓର ଇଂଟିଗ୍ରେଟେଡ ଟେଷ୍ଟ ରେଂଜ ରହିଛି । ଆବଶ୍ୟକତା ସମୟରେ ଡିଆରଡିଓ ସବୁବେଳେ ସ୍ଥାନୀୟ ଲୋକଙ୍କ ସାଙ୍ଗରେ ଠିଆ ହୋଇଛି। ବାଲେଶ୍ୱରରେ କୋଭିଡ ସଂଖ୍ୟା ବଢୁଥିବା କାରଣରୁ ଡିଆରଡିଓକୁ ଏ ସମ୍ପର୍କରେ ପ୍ରସ୍ତାବ ପଠାଇବାକୁ ସେ ଏହି ପତ୍ର ଜରିଆରେ ଅନୁରୋଧ କରିଛନ୍ତି ।

# ସିପିଆଇ(ଏମ୍) ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ୧୦ଦଫା ଦାବିପତ୍ର

ଜଳେଶ୍ୱର,୧୩/୫ (ନି.ପ୍ର) : କରୋନା ମହାମାରୀର ୨ୟ ଓ ୩ୟ ଲହର ଚାରିଆଡେ ମୃତ୍ୟୁର ତାଣ୍ଡବ ଖେଳାଇଥିବା ବେଳେ ଜଳେଶ୍ୱର ଅଂଚଳରେ ଏ ପର୍ଯ୍ୟନ୍ତ କୋଭିଡ୍ କେୟାର ସେଣ୍ଟର ଖୋଲାଯାଇ ନାହିଁ। ଏହି ପରିପେକ୍ଷୀରେ ୧୦ ଦଫା ସମ୍ବଳିତ ଦାବିପତ୍ର ତହିସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଜଳେଶ୍ୱରରେ କୋଭିଡ୍ କେୟାର ସେଣ୍ଟର ଖୋଲାଯିବା, ସମସ୍ତଙ୍କୁ ମାଗଣାରେ ଟିକା ପ୍ରଦାନ କରାଯିବା, ପଂଚାୟତ ସ୍ତରରେ କୋଭିଡ୍ କେନ୍ଦ୍ର ଖୋଲାଯାଇ ସଂକ୍ରମିକଙ୍କୁ ରଖାଯିବା, ଅକର୍ମଣ୍ୟ ଲୋକଙ୍କୁ ଘରେ ଟୀକାକରଣ କରାଯିବା, କରୋନା ମୁକାବିଲା ଲାଗି ସର୍ବଦଳୀୟ ବୈଠକ



ଡକାଯିବା, ସୁଲଭ ମୂଲ୍ୟରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଣ କରିବା, ଶ୍ରମିକ, ମଜୁରିଆ, ଉଠାଦୋକାନୀଙ୍କୁ ରେସନ୍ କୀଟ୍ ଯୋଗାଇବା, ତୁରନ୍ତ ଧାନମଣ୍ଡି ଖୋଲିବା ଇତ୍ୟାଦି କାର୍ଯ୍ୟକାରୀ ନ ହେଲେ ଆସନ୍ତା ୨୦ ତାରିଖରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଦିଲ୍ଲିପ ଗିରି, ଶିତାଂଶୁ ସେନାପତି, ଶିଶିର ହୁଇ, ଦିପ୍ତିମାନ ଆଚାଯ୍ୟୟ, ଜିତାଂଶୁ ନନ୍ଦୀ, ଦିଲ୍ଲିପ ପରିଡା, ପଲଟୁ ଦାସ, ଜୀବନ ପରିଡା, ସବିତା ଭୂୟାଁ ପ୍ରମୁଖ କହିଛନ୍ତି ।

# ଚିହ୍ନଟ ହେଲେ ଆଉ ୨୧୬ ଆକ୍ରାନ୍ତ

ଭଦ୍ରକ,୧୩/୦୫ (ନି.ପ୍ର): ଭଦ୍ରକରୁ ଆଉ ୨୧୬ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାହା ଫଳରେ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୧୧ହଜାର ୮୭। ସୁସ୍ଥଙ୍କ ସଂଖ୍ୟା ରହିଛି ୯ହଜାର ୪୫୦। ଏବେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ରହିଛି ୧୬୦୫। ଚିହ୍ନଟ ନୂତନ ଆକ୍ରାନ୍ତଙ୍କ ମଧ୍ୟରୁ ସମ୍ ହସପିଟାଲ, କିମ୍ସ ହସ୍‌ପିଟାଲ ଏମ୍‌ସ୍ ଓ ଏସ୍‌ସିବିରୁ ମୋଟ ଭଦ୍ରକ ବ୍ଲକର ୫ଜଣ ଚିହ୍ନଟ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବନ୍ତ ବ୍ଲକର ବାରକୋଣିଆ, ପଧାନପଡା, ରାମଚନ୍ଦ୍ରପୁର, ଚାରିଗାଁ, ରାମକୃଷ୍ଣପୁର, ଆଡିଆ, ଧାନଘର ଗ୍ରାମରୁ ମୋଟ ୨୧ଜଣ ଚିହ୍ନଟ ହୋଇଥିବା ବେଳେ ଚାନ୍ଦବାଲି ଏନ୍‌ଏସିର ୬ ନଂ ଓ ୮ ନଂ ୱାର୍ଡରୁ ୪ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ଭଦ୍ରକ ପୌରପାଳିକାର ବନ୍ତଛକ, ବଙ୍କସାହି, ୟୁସୁଫ୍‌ପୁର, ଛଡାକମହଲା, କାଜି ମହଲା, ବାଇପାସ୍, ବାଗୁରାଇ, ନୂଆବଜାର, ଅପର୍ତ୍ତି ବିନ୍ଧା, ପୁରୁଣାବଜାର, ସରାଳିପୁର, ଜାନୁଗଞ୍ଜ ଅଞ୍ଚଳରୁ ମୋଟ ୩୭ଜଣ ଚିହ୍ନଟ ହୋଇଛନ୍ତି। ଭଣ୍ଡାରିପୋଖରୀ ବ୍ଲକର ନୂଆପୋଖରୀ, ଶ୍ୟାମସୁନ୍ଦରପୁର, ନୂଆଗାଁ, ପାଟୁଳି, ରାମଚନ୍ଦ୍ରପୁର, ସରସଦା ଗ୍ରାମରୁ ୧୭ଜଣ, ବାସୁଦେବପୁର ପୌରପାଳିକା ୧୭ ନଂ ୱାର୍ଡରୁ ଜଣେ, ଧାମନଗର ଏନ୍‌ଏସି ୧ ନଂ ୱାର୍ଡରୁ ୪ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବାସୁଦେବପୁର ବ୍ଲକର ବଚ୍ଛଦା,ଇରମ, ସୁଦର୍ଶନପୁର ଗ୍ରାମରୁ ୧୦ଜଣ, ଭଦ୍ରକ ବ୍ଲକର ବଣିଆ, ବେନ୍ତାଳ, ସାମରାଇପୁର, ଗେଲଟୁଆ, ଅଣ୍ଡେଇପଲୀ, ପାଞ୍ଚପଡା, ଏରଡା, ଅମାରଗଡ଼ିଆ, କାଉପୁର, ରାହାଞ୍ଜା, ଆର.ଏନ. ବେତରା, ଆମ୍ବରୋଳି, ବାଣିତିଆ, ବ୍ରହ୍ମପୁର, ଚଣ୍ଡିଗାଁ, ଭଦ୍ରକାଳିସାହି, ଓଲଙ୍ଗ, ସାବରଙ୍ଗ ଆଦି ଗ୍ରାମରୁ ୪୮ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତିହିଡ଼ି ବ୍ଲକର ବାଲିଚତୁରି, ଦେଉଳା, ଅଚକ, ମାଟିଆସାହି, ବୋଡକ, ଦୋଳସାହି, ସୟା, ଶ୍ୟାମସୁନ୍ଦରପୁର, ତାଳପଦା ଗ୍ରାମରୁ ୯ଜଣ ଚିହ୍ନଟ ହୋଇଥିବା ବେଳେ ଅନ୍ୟ ଜିଲ୍ଲା ଭାବେ କେନ୍ଦୁଝର ଜିଲ୍ଲା ହାଟଡିହି, ବାଲେଶ୍ୱର ଜିଲ୍ଲା ଖଇରା, କେନ୍ଦ୍ରାପଡା ଜିଲ୍ଲା ରାଜକନିକାରୁ ୫ଜଣ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଧାମନଗର ବ୍ଲକର ଶିବପୁର, ଧୂଷୁରୀ, ଫତେପୁର, ହୁଙ୍ଗେଇପାଳ, କଟସାହି, ଖପରପଦା, ନଦୀଗାଁ, କଣ୍ଟିଡାଲା, ପାହାଡ଼ପୁର, ରାଧାବଲ୍ଲଭପୁର, ବି.କି.ପୁର, ଦଳାଙ୍ଗ, ଗୁରୁଜାଲ ଗ୍ରାମରୁ ମୋଟ ୩୩ଜଣ ଚିହ୍ନଟ ହୋଇଛନ୍ତି।

# କରୋନା ଯୋଦ୍ଧା ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ମିଶ୍ରଙ୍କ ପରଲୋକ



ଭୂବନେଶ୍ୱର,୧୩/୦୫ (ନି.ପ୍ର): ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ରାମଚନ୍ଦ୍ର ମିଶ୍ରଙ୍କ ଭୂବନେଶ୍ୱର ସ୍ଥିତ ଆମ୍ରି ହସପିଟାଲରେ ମଙ୍ଗଳବାର ଦିନ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ୫୧ ବର୍ଷ ହୋଇଥିଲା। ରାଜଧାନୀ ଦିଲ୍ଲୀର ଜଣାଶୁଣା ଓଡ଼ିଆ ସାମ୍ବାଦିକ ରାମଚନ୍ଦ୍ରଙ୍କ କରୋନା ରୋଗ ପ୍ରାଣ ନେଇଛି । ଓଡ଼ିଆ ସମ୍ବାଦ ସରବରାହ ସଂସ୍ଥା 'ତଥ୍ୟ'ର ପ୍ରତିଷ୍ଠାତା ସ୍ୱର୍ଗତ ମିଶ୍ର ରାଜଧାନୀ ଦିଲ୍ଲୀରେ ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ଆରସି ଭାବେ ପରିଚିତ ଥିଲେ । ଭଦ୍ରକ ଜିଲା ଧୂଷୂରୀ ଗୁରୁନଗର ଶାସନର ମୂଳବାସିନ୍ଦା ସ୍ୱର୍ଗତ ମିଶ୍ର ନବେଦଶକ ପ୍ରାରମ୍ଭରେ ଦିଲ୍ଲୀ ଆସିଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସହ ତାଙ୍କର ଘନିଷ୍ଠ ସଂପର୍କ ରହିଥିଲା । ବିଜୁ ଜନତା ଦଳ ଗଠନ ଠାରୁ ଆରମ୍ଭ କରି ଭାରତୀୟ ନିର୍ବାଚନ ଆୟୋଗରେ ଦଳର ପଞ୍ଜୀକରଣ ପ୍ରକ୍ରିୟାରେ ତାଙ୍କର ବିଶେଷ ଭୂମିକା ରହିଥିଲା। କେନ୍ଦ୍ରରେ ଦିଲ୍ଲୀପ ରାୟ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କ ଓଏସଡି ଦାୟିତ୍ୱ ତୁଲାଇଥିଲେ । ଦିଲ୍ଲୀର ଅଧିକାଂଶ ପ୍ରବାସୀ ଓଡ଼ିଆ ସଂଗଠନ ସହ ସେ ଜଡ଼ିତ ରହିଥିଲେ । ରାଜଧାନୀରେ ନିଜର କ୍ୟାରିଅର ଗଢ଼ିବାକୁ ଆସୁଥିବା ଯୁବ ଓଡ଼ିଆଙ୍କୁ ପ୍ରୋତ୍ସାହିତ କରୁଥିଲେ। ବିଶେଷ କରି ଦିଲ୍ଲୀରେ ପାଠପଢୁଥିବା ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି ସେମାନଙ୍କ ଦୁଃଖସୁଖର ସାଥି ବନୁଥିଲେ । 'ତଥ୍ୟ' ଓ ପଞ୍ଜାବୀ ଦୈନିକ 'ଆଜାଦ ସୋଚ' ମାଧ୍ୟମରେ ସ୍ୱର୍ଗତ ମିଶ୍ର ଦିଲ୍ଲୀରେ ୧୬ ବର୍ଷ ଧରି ନିଜର ସାମ୍ବାଦିକତା ଜାରି ରଖିଥିଲେ । 'ମେ ଫେୟାର' ହୋଟେଲ ଗ୍ରୁପ ସହ ମଧ୍ୟ ସେ ଜଡ଼ିତ ଥିଲେ । ଗତ ଅପ୍ରେଲ ୨୨ରେ କରୋନା ଆକ୍ରାନ୍ତ ରାମଚନ୍ଦ୍ର ମିଶ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯିବାରୁ ଏୟାର ଆମ୍ବୁଲାନସ ଯୋଗେ ଦିଲ୍ଲୀରୁ ଭୂବନେଶ୍ୱର ଆମ୍ରି ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ତାଙ୍କର ପତ୍ନୀ ଅନୁପମା, ଦୁଇ ପୁଅ ଆଶୁତୋଷ ଓ ଅଭିଶେଖ ଅଛନ୍ତି। ଭୂବନେଶ୍ୱର ସତ୍ୟନଗର ଶ୍ମଶାନରେ ଅନ୍ତିମ ସଂସ୍କାର ହୋଇଥିଲା । ବଡ଼ପୁଅ ଆଶୁତୋଷ ମୁଖାଗ୍ନି ଦେଇଥିଲେ। ଆରସି ମିଶ୍ରଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି ।

# କୋଭିଡ ପରିଚାଳନା ଅବ୍ୟବସ୍ଥାକୁ ନେଇ ମୁହଁ ଖୋଲିଲା ବିଜେପି



ବାଲେଶ୍ୱର,୧୩/୦୫ (ନି.ପ୍ର): ଦ୍ୱିତୀୟ ଲହର କୋଭିଡ ସମୟରେ କେନ୍ଦ୍ରର ମୋଦି ସରକାରଙ୍କୁ ଅଯଥାରେ ବଦନାମ ପାଇଁ ବିରୋଧୀ ଦଳ ଉଦ୍ୟମ କରୁଛି ବୋଲି ବାଲେଶ୍ୱର ଜିଲା ବିଜେପି ପକ୍ଷରୁ ଆରୋପ ଉଠିଛି। ଏହି ପରିପ୍ରେକ୍ଷୀରେ ଦଳର ଜିଲା କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ବରିଷ୍ଠ ବିଜେପି ନେତା ଶୁଭଙ୍କର ମହାପାତ୍ର, ସିପ୍ରା ବାଜପେୟୀ, ଶୋଭନା ମହାନ୍ତି, ପର୍ଶୁରାମ ପରିଡ଼ା ପ୍ରମୁଖ ଯୋଗଦେଇ ଜାତୀୟ ବିପତ୍ତି ସମୟରେ ବିରୋଧୀ ଦଳର ଆରୋପ ଅମାନବିକତାର ନିଦର୍ଶନ ବୋଲି କହିଛନ୍ତି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ଦେଇଥିବା ଚିଠି ସମ୍ପର୍କରେ ବିଜେପି କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ କୋଭିଡ ସ୍ଥିତି ପରିଚାଳନା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ଅର୍ଥ ସାଙ୍ଗକୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯାଉଥିବା ବେଳେ ରାଜ୍ୟ ସ୍ତରରେ ଉଚିତ ପଦକ୍ଷେପ ନିଆଯାଉ ନଥିବା ସେମାନେ ଅଭିଯୋଗ କରିଛନ୍ତି। ବିଶେଷ କରି ବାଲେଶ୍ୱରରେ କୋଭିଡ ଟିକାକରଣରେ ଘୋର ଅନିୟମିତତା ଚରମ ସୀମାରେ ପହଞ୍ଚିଥିବା ସେମାନେ କହିଛନ୍ତି। ଟିକାଦାନ କେନ୍ଦ୍ରରେ ସାମାଜିକ ଦୂରତା ରହୁ ନଥିବା ବେଳେ ମହଜୁଦ ଭକ୍ସିନ ଅନୁସାରେ କେତେ ଜଣଙ୍କୁ ଟିକା ଦିଆଯିବ ସେ ସମ୍ପର୍କରେ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଉ ନାହିଁ। ସେହିଭଳି କୋଭିଡ ହସପିଟାଲରେ ଚିକିତ୍ସିତ ହେଉଥିବା ବ୍ୟକ୍ତି ବା କୋଭିଡରେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତିଙ୍କ ପରିବାରଙ୍କୁ ସଠିକ ସୂଚନା ପ୍ରଦାନ କରାଯାଉ ନାହିଁ। ଦୈନିକ ଆରଟିପିସିଆର ଟେଷ୍ଟ ସଂଖ୍ୟା ବୃଦ୍ଧି ସାଙ୍ଗକୁ ଭ୍ରାମ୍ୟମାଣ ଟେଷ୍ଟ ବ୍ୟବସ୍ଥା କରିବା, ପ୍ରଥମ ଲହରରେ ପ୍ରତିଷ୍ଠା ହୋଇଥିବା କୋଭିଡ ଯତ୍ନ କେନ୍ଦ୍ରଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରିବା, କରୋନା କାଳରେ ରେସନ କାର୍ଡ଼ଧାରୀଙ୍କୁ କେନ୍ଦ୍ର ସରକାର ଦେଉଥିବା ୫କିଲୋଗ୍ରାମ ଚାଉଳକୁ ୪ କିଲୋଗ୍ରାମ ଦେଉଥିବା ରିଟେଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, କରୋନା ସଂକ୍ରମଣ ବଢ଼ି ଚାଲିଥିବା ବେଳେ ତାଲାବନ୍ଦ ସମୟରେ ସହରକୁ ବିଶୋଧନ କରିବା, ତାଲାବନ୍ଦ ପ୍ରଭାବିତ ଗରିବ ଅସହାୟଙ୍କୁ ପ୍ରଶାସନ ପକ୍ଷରୁ ନିୟମିତ ଖାଦ୍ୟପେୟର ବ୍ୟବସ୍ଥା କରିବା, କୋଭିଡି ପରିଚାଳନା ସମ୍ପର୍କରେ ପ୍ରତିଟି ତଥ୍ୟ ଜନସାଧାରଣଙ୍କୁ ଅବଗତ କରିବା ପାଇଁ ବିଜେପି କର୍ମକର୍ତ୍ତାମାନେ ଏହି ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି।

# ଦିନକରେ ଚିହ୍ନଟ ୫୦୩ ସଂକ୍ରମିତ : ସୁସ୍ଥ ହେଲେ ୨୦୧

ବାଲେଶ୍ୱର,୧୩/୦୫ (ନି.ପ୍ର): ବାଲେଶ୍ୱର ଜିଲାରେ ସଙ୍ଗିନ ସ୍ଥିତିରେ ପହଞ୍ଚିଥିବା ଦ୍ୱିତୀୟ ଲହର କରୋନା ସଂକ୍ରମଣକୁ ନେଇ ଏବେ ସବୁ ମହଲରୁ ଉଦବେଗ ପ୍ରକାଶ ପାଇଛି। ଜିଲାର ଗତ ସପ୍ତାହରେ ଦୈନିକ ସଂକ୍ରମଣ ହାରାହାରି ୩ଶହ ମଧ୍ୟରେ ରହିଥିବା ବେଳେ ଗତ ୨୪ ଘଣ୍ଟାରେ ସଂକ୍ରମିତଙ୍କ ସଖ୍ୟା ସବୁ ରେକର୍ଡ଼କୁ ଭାଙ୍ଗିଛି। ବାଲେଶ୍ୱର ଜିଲାରୁ ଚିହ୍ନଟ ହୋଇଥିବା ୫୦୩ ଜଣଙ୍କ ମଧ୍ୟରୁ ସହରର ମାନସିଂବଜାର ଅଞ୍ଚଳରୁ ୬ଜଣ, ଖପରାପଦାରୁ ୪, ମୋତିଗଞ୍ଜରୁ ୪, ସୁନହଟରୁ ୩, ଗୁଡ଼ିପଦାରୁ ୩, ଗୋପାଳଗାଁରୁ ୩, ଜେଲରୋଡ଼ରୁ ୩, ବାରବାଟୀରୁ ୩, ଅଙ୍ଗାରଗଡ଼ିଆରୁ ୩, ଅରଡ଼ବଜାରରୁ ୩, ଆଜିମାବାଦରୁ ୩, ପୁରୁଣାବାଲେଶ୍ୱରରୁ ୨ଜଣଙ୍କ ସମେତ ନେଳିଆବାଗ, ଶୋଭାରାମପୁର, ସହଦେବଖୁଣ୍ଟା, ପୋଷ୍ଟାଲ କଲୋନି, ପଦ୍ମୁଆଁପଦା, ଡିଆଇସି କଲୋନି, ଦର୍ଜିପୋଖରୀ, କେନ୍ଦ୍ରୀୟ ବିଦ୍ୟାଳୟ ଛକ, ଭୋଇସାହି, ଆକତପୁର ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ଓ ଜଣେ ରେଳ ସୁରକ୍ଷା ବଳର କର୍ମଚାରୀ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ସେହିପରି ସଦର ବ୍ଲକରୁ ସର୍ବାଧିକ ୧୫୩ଜଣ, ରେମୁଣା ବ୍ଲକରୁ ୨୯ଜଣ, ବାହାନଗାରୁ ୧୪ଜଣ, ଖଇରାରୁ ୫, ଔପଦାରୁ ୩, ଜଳେଶ୍ୱରରୁ ୫୨, ସୋରରୁ ୬୧, ଭୋଗରାଇରୁ ୨, ବସ୍ତାରୁ ୫, ସିମୁଳିଆ ବ୍ଲକରୁ ୭୨ଜଣ, ନୀଳଗିରି ବ୍ଲକରୁ ୫୧ଓ ବାଲିଆପାଳ ବ୍ଲକରୁ ୨ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସମସ୍ତେ ସ୍ଥାନୀୟ ସଂକ୍ରମିତ ଓ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବାଲେଶ୍ୱର ଜିଲାରେ ଅଦ୍ୟାବଧି ୧୭,୮୫୩ ଜଣ ସଂକ୍ରମିତ ହୋଇଥିବା ବେଳେ ଗୁରୁବାର ୨୦୧ଜଣଙ୍କ ସମେତ ଜିଲାରେ ମୋଟ ୧୪,୮୪୯ ଜଣ ସୁସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଏବେ ସୁଦ୍ଧା ସକ୍ରିୟ ଥିବା ୨,୮୯୭ ଜଣଙ୍କ ମଧ୍ୟରୁ ୨୫୪୩ଜଣ ଗୃହ ସଙ୍ଗରୋଧରେ ଏବଂ ୩୦୮ ଜଣ ଜିଲାର କୋଭିଡ ହସପିଟାଲ ଓ କୋଭିଡ କେୟାର ସେଣ୍ଟରରେ ଚିକିତ୍ସିତ ହେଉଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ୩୬ ବର୍ଷ ବୟସର ଜଣେ ଯୁବକଙ୍କର କରୋନା ରୋଗୀର ମୃତ୍ୟୁ ହୋଇଥିବା ବେଳେ ଏବେସୁଦ୍ଧା ଜିଲାରେ କରୋନା ମୃତ୍ୟୁ ସଂଖ୍ୟା ୧୦୭ରେ ପହଞ୍ଚିଛି।

## ଟ୍ରାକ୍ଟର ତଳେ ଚାପି ହୋଇ କୃଷକ ମୃତ

ଜଳେଶ୍ୱର,୧୩/୫ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ଚମାରଗାଁ ପଂଚାୟତର ସରଡିହା ଗ୍ରାମରେ ଜଣେ କୃଷକ ଧାନ ଅମଳ ସମୟରେ ଟ୍ରାକ୍ଟରରେ ଚାପି ହୋଇ ମୃତ୍ୟୁବରଣ କରିଛି । ଘଟଣାରୁ ପ୍ରକାଶ ଆଜି ଗୁରୁବାର ମଧ୍ୟାହ୍ନରେ ସରଡିହା ଗ୍ରାମର ଗଣେଶ ମହାନ୍ତଙ୍କ ପୁତ୍ର ରତିକାନ୍ତ ମହାନ୍ତ (୨୬) ନିଜ ଜମିରେ ରବିଧାନ ଅମଳ କରି ଏକ ଟ୍ରାକ୍ଟର ଓଡ଼ି୦୧ଏଜି୮୫୭୮ ମାଧ୍ୟମରେ ଧାନ ପରିବହନ କରୁଥିବା ବେଳେ ଟ୍ରାକ୍ଟରଟି କାଦୁଅ ଭିତରେ ଫସିଯାଇଥିଲା। ଅନ୍ୟଏକ ଟ୍ରାକ୍ଟର ଆସି ତାକୁ ଟାଣୁଥିବା ବେଳେ ସେ ଦୁଇ ଟ୍ରାକ୍ଟର ମଝିରେ ରହି ଚାପି ହୋଇ ମୃତ୍ୟୁ ବରଣ କରିଛି । କୁଶଗଡ ଫାଣ୍ଡି ଜମାଦାର ଭଗବାନ ଦାସ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦର ବ୍ୟବସ୍ଥା କରିଛନ୍ତି ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୭ ଗିରଫ, ୧୬୩ ବାହନ ଜବତ

ଭୁବନେଶ୍ୱର,୧୩/୦୫ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୭ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୧୬୩ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ୨୦,୪୭,୯୯୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ୮ଦିନ ଭିତରେ ୧୫ଲକ୍ଷରୁ ଅଧିକ ଟଙ୍କାର ଫାଇନ ଆଦାୟ

## ଗରୀବ ମଧ୍ୟବିତ୍ତ ପେଟପାଇଁ ଏବଂ ଲାଭଖୋର ବ୍ୟବସାୟୀ ଓ ଅମାନିଆ ବେପରୁଆ ଭାବେ ବଜାରରେ ବୁଲୁଛନ୍ତି




ବାରିପଦା,୧୩/୦୫ (ନି.ପ୍ର): ଜିଲ୍ଲାରେ ପ୍ରତ୍ୟେକ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦୁଇ ଶତକ ପାର କରୁଛି । ବୁଧବାର ନୂତନ ଭାବେ ଜିଲ୍ଲାରୁ ୨୩୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଦିନକୁ ଦିନ ବାରିପଦା ସହର ସମେତ ବିଭିନ୍ନ ବ୍ଲକ ମାନଙ୍କରେ କରୋନା ସ୍ଥିତି ବିଗୁଡୁ ଥିବା ଲକ୍ଷ୍ୟ କରାଯାଉଛି । ତେବେ କରୋନା ସଂକ୍ରମଣର ଚେନକୁ ବ୍ରେକ ଦେବା ପାଇଁ ସରକାର ଲୋକଡାଉନ ଓ ସଟଡାଉନ ଲାଗୁ କରିଥିବା ବେଳେ ଅନେକ ଗରୀବ ମଧ୍ୟବିତ୍ତ ଲୋକ ନିଜ ଜୀବିକା ଚିନ୍ତାରେ ଜୀବନକୁ ବିପର୍ଣ୍ଣ କରି ବାହାରକୁ ବାହାରୁଥିବା ବେଳେ, କିଛି ଲାଭଖୋର ବ୍ୟବସାୟୀ ଦୋକାନ ଖୋଲାକରି ନିୟମ ଉଲଂଘନ ପୂର୍ବକ ବ୍ୟବସାୟ କରୁଥିବା ବେଳେ କିଛି ଲୋକ ଅମାନିଆ ଭାବେ ବାଇକ ଓ ଚାରି ଚକିଆ ଗାଡି ନେଇ ବଜାରକୁ ସ୍ୱାସ୍ଥ୍ୟଗତ ସମସ୍ୟା ଓ ଦୋକାନକୁ ସଉଦା କିଣିବାକୁ କହି ବଜାର ମାନଙ୍କରେ ପ୍ରବଳ ଭିଡ କରୁଥିବା ଦେଖାଦେଇଛି । ବଜାର ଘାଟରେ କିଛି ଲୋକଙ୍କ ମୁଁହରେ ମାସ୍କ ନଥିବା ସହିତ ଜିନିଷ କିଣିବା ସମୟରେ ଦୋକାନରେ ସାମାଜିକ ଦୂରତ୍ୱ ରହୁନଥିବା ଦେଖାଦେଇଛି । ବାଇକ ଚାଳକ ମାନେ ମଧ୍ୟ ହେଲମେଟ ପିନ୍ଧୁ ନଥିବା ବେଳେ ଗୋଟିଏ ବାଇକରେ ଚାଳକଙ୍କ ସହିତ ଦୁଇ ଜଣ ଆରୋହି ବିନା ମାସ୍କରେ ମଧ୍ୟ ବସିଥିବା ଦେଖାଯାଉଛି । ସରକାରଙ୍କ ନିୟମକୁ ବେଖାତିର କରୁଥିବା ଜନସାଧାରଣଙ୍କ ନିକଟରୁ ପୋଲିସ ବିଭିନ୍ନ ଚେକ ପୋଷ୍ଟରେ ଫାଇନ ଆଦାୟ ହେଉଛି । ସେପଟେ କିଛି ଅମାନିଆ ଚାଳକ ଓ ବ୍ୟବସାୟୀଙ୍କୁ ବଡ ଧରଣର ଫାଇନ କରି ସାବାଡ଼ କରୁଛି ମୟୂରଭଞ୍ଜ ପୋଲିସ । ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧୀକ୍ଷଙ୍କ ପ୍ରତକ୍ଷ୍ୟ ନିର୍ଦ୍ଦେଶରେ ଗଠିତ ସ୍ୱତନ୍ତ୍ର ଟାକ୍ସଫୋର୍ସ ବଜାର, ଛକ ଓ ଦୋକାନ ଘାଟ ଉପରେ ଅତର୍କିତ ଭାବେ ଚଢ଼ାଉ କରି ଲୋକଡାଉନର ୮ଦିନ ଭିତରେ ୧୫ଲକ୍ଷରୁ ଅଧିକ ଟଙ୍କାର ଫାଇନ ଆଦାୟ କରିଥିବା ଟ୍ୱିଟ ଯୋଗେ ସୂଚନା ଦେଇଛନ୍ତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ମିଥ ପି. ପରମାର । ଆବଶ୍ୟକ ନଥିଲେ ଘରୁ ନ ବାହାରିବାକୁ ଅନୁରୋଧ କରିଛି ଜିଲ୍ଲା ପ୍ରଶାସନ ।

# ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି



ବାରିପଦା,୧୩/୦୫(ନି.ପ୍ର): ସାହିତ୍ୟ ସଂସ୍କୃତି ବିକାଶମଞ୍ଚ ତରଫରୁ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସ୍ଥାପିତ, ପଦ୍ମ ବିଭୂଷଣରଘୁନାଥ ମହାପାତ୍ରଙ୍କୁବିନମ୍ରଶ୍ରଦ୍ଧାଞ୍ଜଳିଜ୍ଞାପନ କରାଯାଇଛି । ତାଙ୍କବିୟୋଗରେ କଳା, ଭାସ୍କର୍ଯ୍ୟର ଏକ ଯୁଗର ଅନ୍ତଃ ହେଲା ବୋଲି ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚ ର ସଭାପତିଡ଼. ସରୋଜକୁମାର ନାୟକ, ମଞ୍ଚର ପୃଷ୍ଠପୋଷକ ସଦସ୍ୟକବି ଅମିତାଭମିଶ୍ର ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି । ୨୦୧୩ ମସିହାରେ ତାଙ୍କର ମୟୂରଭଞ୍ଜ ଗସ୍ତ ଅବସରରେ ଜିଲ୍ଲାର ସଂସ୍କୃତିର ବିକାଶ ପାଇଁ ସେ ଯେଉଁ ଉପଦେଶ ଦେଇଥିଲେ ଆଜିବି ତାହା ସମସ୍ତଙ୍କମନରେ ଉଜ୍ଜୀବିତ ଅଛି ବୋଲି ଡ଼.ନାୟକ ପ୍ରକାଶ କରିଛନ୍ତି । ଏହିସୁନାମ ଧନ୍ୟ ବ୍ୟକ୍ତିତ୍ୱଙ୍କ ବିୟୋଗରେ ସମଗ୍ର ଓଡ଼ିଆଜାତି ଆଜି ମର୍ମାହତ ବୋଲି ମଞ୍ଚପକ୍ଷରୁ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି ।

## କରୋନାକୁ ଫୁ, ଚାଲିଛି ଆଲି ଖେଳକୁ ନେଇ ଜୁଆ

ନୀଳଗିରି,୧୩/୦୫ (ନି.ପ୍ର): କରୋନା ମହାମାରୀ ଏବେ କାୟା ବିସ୍ତାର କରିଚାଲିଥିବା ବେଳେ ବାଲେଶ୍ୱର ଜିଲ୍ଲା ନୀଳଗିରି ରେ କରୋନାକୁ ଫୁ କରି ଆଲି ଖେଳକୁ ନେଇ ଚାଲିଛି ଜୁଆ ଖେଳ । ୧୫ ରୁ ୨୦ ଜଣ ଯୁବକ ଏକତ୍ରିତ ହୋଇ ମାକ୍ସ ନ ପିନ୍ଧି, ସାମାଜିକ ଦୂରତ୍ୱକୁ ନ ମାନି ପ୍ରତିଦିନ ଅପରାହ୍ନ ୪ଟା ଠାରୁ ଆରମ୍ଭ କରନ୍ତି ଜୁଆ ଖେଳ । ନୀଳଗିରି ସହରରେ ବ୍ଲକ ଛକ ନିକଟରେ ଏପରି ଜୁଆ ଖେଳ ଚାଲିଥିବା ବେଳେ ମୁଖ୍ୟ ରାସ୍ତା ଦେଇ ପୋଲିସ, ନିର୍ବାହୀ ଅଧିକାରୀ, ରାଜସ୍ୱ ବିଭାଗ ଅଧିକାରୀ ମାନେ ଯିବା ଆସିବା କରୁଥିବା ବେଳେ ଅମାନିଆଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଘଟଣା ସାଧାରଣରେ ଚର୍ଚ୍ଚା ଚାଲିଛି । ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଦାବୀ ହୋଇଛି ।

## କରୋନାରୁ ସୁସ୍ଥ ହେଲେ ୮୬୬୫ ଆକ୍ରାନ୍ତ

ଭୁବନେଶ୍ୱର,୧୩/୦୫ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣରୁ ଆଜି ୮୬୬୫ ଜଣ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ମୋଟ୍ ୪ ଲକ୍ଷ ୮୨ ହଜାର ୩୪୫ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ ଜରିଆରେ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୧୪୬ ଜଣ ସୁସ୍ଥ ହୋଇଛନ୍ତି। ସୁନ୍ଦରଗଡ଼ ଜିଲ୍ଲାରୁ ୬୨୮ ଜଣ, ଅନୁଗୁଳରୁ ୫୨୮, ଝାରସୁଗୁଡ଼ାରୁ ୪୫୮, କଟକରୁ ୪୪୪, ପୁରୀରୁ ୪୩୪, ନୂଆପଡ଼ାରୁ ୪୦୪, ସମ୍ବଲପୁରରୁ ୩୮୧, ବରଗଡ଼ରୁ ୩୬୩, ବଲାଙ୍ଗୀରରୁ ୩୨୪, ନବରଂଗପୁରରୁ ୩୧୮ ଓ ବାଲେଶ୍ୱରରୁ ୩୦୧ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ଗଂଜାମ ଜିଲ୍ଲାରୁ ୨୯୦ ଜଣ, ଯାଜପୁରରୁ ୨୭୪, ମୟୂରଭଂଜରୁ ୨୪୩, କଳାହାଣ୍ଡିରୁ ୨୩୫, ନୟାଗଡ଼ରୁ ୨୦୬ , ରାୟଗଡ଼ାରୁ ୧୩୨, କେନ୍ଦ୍ରାପଡ଼ାରୁ ୧୨୦, କୋରାପୁଟରୁ ୧୧୯, ଗଜପତିରୁ ୧୦୯, ମାଲକାନଗିରିରୁ ୭୨, ଦେବଗଡ଼ରୁ ୬୭, ଭଦ୍ରକରୁ ୬୩, ଢେଙ୍କାନାଳରୁ ୪୭, କନ୍ଧମାଳରୁ ୪୩ ଓ ରାଜ୍ୟପୁଲରୁ ୨୩୮ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି ।

# ଭବିଷ୍ୟତରେ କୋଭିଡ଼ ମୁକାବିଲା ପାଇଁ ପ୍ରସ୍ତୁତି ଏବଂ ପୃଥକବାସ ଶୀର୍ଷକ ୱେବିନାର




ଭୁବନେଶ୍ୱର,୧୩/୦୫(ନି.ପ୍ର): ଭବିଷ୍ୟତରେ କରୋନା ଭୁତାଶୁର ସଂକ୍ରମଣକୁ ରୋକିବାକୁ ମାନସିକ ଏବଂ ଶାରୀରିକ ସ୍ତରରେ ପ୍ରତ୍ୟକ ବ୍ୟକ୍ତି ସଠିକ ଭାବେ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ । ଭାରତ ସରକାରଙ୍କ, ଆଞ୍ଚଳିକ ଜନସମ୍ପର୍କ କାର ?ୟାଳୟ,ଭୁବନେଶ୍ୱର ପକ୍ଷରୁ ଆଜି ଅନୁଷ୍ଠିତ ହୋଇଥିବା "ଭବିଷ୍ୟତରେ କୋଭିଡ଼ ମୁକାବିଲା ପାଇଁ ପ୍ରସ୍ତୁତି ଏବଂ ପୃଥକ ବାସର ଗୁରୁତ୍ୱ" ସମ୍ପର୍କିତ ୱେବିନାରରେ ଅଂଶଗ୍ରହଣ କରି ଏଭଳି ମତବ୍ୟକ୍ତ କରିଛନ୍ତି ବିଭନ୍ନ ବର୍ଗର ବିଶେଷଜ୍ଞ । କଟକ ସ୍ଥିତ ଶିଶୁଭବନର ସହକାରୀ ପ୍ରାଧାପକ ଡା. ଦିଲୀପ ଦାସ କହିଛନ୍ତି ସାମାନ୍ୟ କରୋନା ଲକ୍ଷଣ ଦେଖାଦେଲେ ଘରେ ପୃଥକ ବାସରେ ରହି ଚିକିତ୍ସା ହେବା ଉଚିତ ଏବଂ ସଠିକ ଭାବେ ମାସ୍କ ବ୍ୟବହାର କଲେ ଅନେକାଂଶରେ କରୋନାକୁ ପ୍ରତିହତ କରିପାରିବା। ସ୍ୱାସ୍ଥ୍ୟ ଲେଖକ ଶ୍ରୀ ଶଶୀଭୂଷଣ ମହାପାତ୍ର ପୃଷ୍ଟିକର ଆହାର, ଯୋଗ, ଶାରୀରିକ ପରିଶ୍ରମଏବଂ ସ୍ୱଚ୍ଛତା ଦ୍ୱାରା ଆମେ କରୋନା ଯୁଦ୍ଧରେ ନିଶ୍ଚୟ ବିଜୟ ଲାଭ କରିପାରିବା ବୋଲି ଆଶା ବ୍ୟକ୍ତ କରିଛନ୍ତି । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଅଂଶ ଗ୍ରହଣ କରି ଆରକ୍ଷୀ ବିଭାଗ(ସଶସ୍ତ୍ର)ର ଉପ ଆୟୁକ୍ତ ଶ୍ରୀ ବିଜୟ କୁମାର ସାହୁ ଜନତାକୁ କରୋନା ଦାଉରୁ ସୁରକ୍ଷା ପ୍ରଦାନ କରିବା ପାଇଁ ପୋଲିସ ବିଭାଗ ସର୍ବଦା ତତ୍ପର ଏବଂ ନିଜ ଦାୟିତ୍ୱ ନିର୍ବାହ କରିବା ସମୟରେ ବହୁ ପୋଲିସ କର୍ମଚାରୀ କରୋନା ସଂକ୍ରମିତ ହେବା ସତ୍ୱେ ସେମାନଙ୍କ ମନୋବଳ ଦୃଢ ଅଛି ବୋଲି ମତ ବ୍ୟକ୍ତ କରିଛନ୍ତି । କୀଟ୍ସ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧାପକ ଡା. ବିନିତା ବେହେରା କହିଛନ୍ତି ଏହି ଘଡି ସନ୍ଧି ମୁହୂର୍ତ୍ତରେ ବର୍ତ୍ତମାନ ପରସ୍ପର ମଧ୍ୟରେ ଥିବା ମାନବୀୟ ଆଚରଣ ସଙ୍କଟଗ୍ରସ୍ତ ହୋଇଯାଇଥିବାରୁ ଆମ ସମସ୍ତଙ୍କୁ ମଣିଷ ପଣିଆର ପରିଚୟ ଦେଇ ପରସ୍ପରର ସାହାଯ୍ୟ କରିବା ଉଚିତ । ସ୍ତ୍ରୀ ଏବଂ ପୁରୁଷ ଉଭୟ ଦାୟିତ୍ୱବାନ ହୋଇ ପରସ୍ପର ପ୍ରତି ସାହାଯ୍ୟର ହାତ ବଢେଇବା ଉଚିତ ବୋଲି ସେ କହିଥିବା ବେଳେ ଭୁବନେଶ୍ୱର ସ୍ଥିତ ଭାରତୀୟ ଜନ ସ୍ୱାସ୍ଥ୍ୟ ଶିକ୍ଷା କେନ୍ଦ୍ରର ଅତିରିକ୍ତ ପ୍ରାଧାପକ ଡା.ସରିତ କୁମାର ରାଉତ କହିଛନ୍ତି ଏହି ମହାମାରୀ ସମୟରେ ସବୁଠାରୁ ଅଧିକ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି ପ୍ରବାସୀ ଶ୍ରମିକ ତେଣୁ ଦେଶର ବିଭିନ୍ନ କମ୍ପାନୀ ଗୁଡିକ ସେମାନଙ୍କ ଆର୍ଥିକ ଦୁରବସ୍ଥା ପାଇଁ ଆଘକୁ ଆସିବା ଉଚିତ । ଆଞ୍ଚଳିକ ଆଉଟରିଚ ବ୍ୟୁରୋ ତଥା ପତ୍ରସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ରାଜିନ୍ଦର ଚୌଧୁରୀ ସକାରାତ୍ମକ ଚିନ୍ତା ଧାରା, କରୋନା ଆକ୍ରାନ୍ତକୁ ସୁସ୍ଥ ହେବା ପାଇଁ ଅନୁପ୍ରାଣିତ କରିବା ନିତାନ୍ତ ଆବଶ୍ୟକ ଏବଂ ଭରସା ଯୋଗ୍ୟ ସୂତ୍ରରୁ କରୋନା ସମ୍ପର୍କିତ ସୂଚନାକୁ ଗ୍ରହଣ କରିବା ପାଇଁ ମତ ବ୍ୟକ୍ତ କରିଛନ୍ତି । ଆଞ୍ଚଳିକ ଆଉଟରିଚ ବ୍ୟୁରୋର ନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ଆଲୋଚନା ଅ।ରମ୍ଭରୁ ବିଷୟ ଉପରେ ସୂଚନା ଦେଇ କରୋନା ସମ୍ପର୍କୀତ ତଥ୍ୟଗୁଡିକ କେଉଁ ଉତ୍ସରୁ ଆସୁଛି ତାହା ତଦାରଖ କରିବା ଉଚିତ ବୋଲି କହିଥିଲେ । ଆକାଶବାଣୀ, କଟକର ସମ୍ପାଦିକା ଇତିଶ୍ରୀ ସିଂ ରାଠୋଉରଙ୍କ ସଂଯୋଜନାରେ ଆୟୋଜିତ ଏହି କାର ?ୟକ୍ରମରେ ବହୁ ବୁଦ୍ଧିଜୀବୀ, ଗୃହିଣୀ, ଛାତ୍ରଛାତ୍ରୀ ଆଦି ଯୋଗଦେଇଥିଲେ ।

# କାଳବୈଶାଖି ବର୍ଷା : ଘଡଘଡି ବିଜୁଳି ସହ ପ୍ରବଳ ଝଡତୋଫାନ

## ଅସରାଏ ବର୍ଷାରେ ଘରେ ପଶିଲା ନର୍ଦ୍ଦମା ପାଣି



ବାରିପଦା,୧୩/୦୫ (ନି.ପ୍ର): ଆଜି ସଂଧ୍ୟା ରେ ବାରିପଦାରେ କାଳବୈଶାଖି ପ୍ରଭାବରେ ଝଡତୋଫାନ ହେବା ସହ ପ୍ରବଳ ବେଗରେ ଘଡଘଡି ସହ ବର୍ଷା ହୋଇଥିଲା । ତେବେ ଝଡବର୍ଷା ଯୋଗୁ ସହର ଦୀର୍ଘ ସମୟ ପାଇଁ ଅନ୍ଧକାରମୟ ହୋଇଥିଲା । ଝଡବର୍ଷା ପରେ ବାରିପଦା ପୌରପରିଷଦର କିଛି ୱାର୍ଡରେ ଡ୍ରେନେଜ ସିଷ୍ଟମ ଠିକ ନଥିବାରୁ ଅସରାଏ ବର୍ଷାରେ ଲୋକଙ୍କ ଘରେ ନର୍ଦ୍ଦମା ପାଣି ପଶିଯାଇଥିବାର ଦେଖା ଯିବାସହ କିଛି ସ୍ଥାନରେ ରାସ୍ତା ଉପରେ ଦୀର୍ଘ ସମୟ ଧରି ପାଣି ଛିଡା ହୋଇ ରହିଥିବାର ଦେଖା ଯାଇଥିଲା । କେତେକ ସ୍ଥାନରେ ଛୋଟବଡ ଗଛ ଓ ଡାଳ ଭାଙ୍ଗିଥିବା ବେଳେ ରାତି ସମୟରେ ଝଡତୋଫାନ ଓ ବର୍ଷା ହୋଇ ଥିବାରୁ ବିଦ୍ୟୁତ ବିଭାଗୀୟ କର୍ମଚାରୀ ମାନେ ବର୍ଷା ଛାଡିବା ପରେ ବିଭିନ୍ନ ଅଂଚଳ ବୁଲି ସ୍ଥିତି ଅନୁଧାନ କରୁଥିବାର ଦେଖା ଯାଇଛି । ତୁରନ୍ତ କୌଣଷି କ୍ଷୟକ୍ଷତି ବିଷୟରେ ଜଣା ଯାଇ ନଥିବା ବେଳେ, ଜିଲ୍ଲା ଜରୁରୀ ଓ ରାଜସ୍ୱ ବିଭାଗ ପକ୍ଷରୁ ବିଭିନ୍ନ ସରକାରୀ ଅଧିକାରୀ ଓ କର୍ମଚାରୀ ମାନେ ପରିସ୍ଥିତି ଉପରେ ଅନୁଧାନ କରୁଥିବାର ଜଣା ଯାଇଛି ।


❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo